

ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 25 ଭାଗ ୩୪ | ସଂଖ୍ୟା ୨୫ | Thursday 16 April 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର ୧୬ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପ୍ରକାଶ ପାଇଲା ସିବିଏସଇ ଦଶମ ପରୀକ୍ଷା ଫଳ

## ଛାତ୍ରଙ୍କୁ ପଛରେ ପକାଇଲେ ଛାତ୍ରୀ



ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ)ଃ ଆଜି ସିବିଏସଇ ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ମୋଟ ପାସ୍ ହାର ୯୩.୭୦ ପ୍ରତିଶତ ରହିଛି ବୋଲି କେନ୍ଦ୍ର ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସଇ) ପକ୍ଷରୁ କୁହାଯାଇଛି। ଗତବର୍ଷ ଏହି ହାର ୯୩.୬୬ ପ୍ରତିଶତ ଥିବା ବେଳେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଫଳାଫଳରେ ସାମାନ୍ୟ ଉନ୍ନତି ଘଟିଛି। ସେହିପରି ସାମଗ୍ରିକ ଭାବେ ଫଳାଫଳ ୯୭.୭୦ ପ୍ରତିଶତ ରହିଛି। ଏହାଛଡ଼ା ଚଳିତ ବର୍ଷ ମଧ୍ୟ ପୁଅମାନଙ୍କୁ ପଛରେ ପକାଇ ଝିଅମାନେ ବାଜିମାତ୍ କରିଛନ୍ତି। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୪.୯୯ ପ୍ରତିଶତ ଛାତ୍ରୀ ପାସ୍ କରିଥିବା ବେଳେ ୯୨.୬୯ ପ୍ରତିଶତ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ତଥ୍ୟ ଅନୁଯାୟୀ, ଚଳିତବର୍ଷ ସାରା ଦେଶରେ ୨୫ ଲକ୍ଷ ପରୀକ୍ଷାର୍ଥୀ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରେ ଓଡ଼ିଶାର ୧ ଲକ୍ଷ ପରୀକ୍ଷାର୍ଥୀ ରହିଛନ୍ତି। ପ୍ରତିଭା ସିଂହ ସୋଲାଙ୍କି ୯୯.୮ ପ୍ରତିଶତ ନମ୍ବର ରଖି ଟପ୍ପର ହୋଇଥିବା ବେଳେ ଅମୟ ଗୁପ୍ତା ଓ ଅକ୍ଷରା ଚୌଧୁରୀ ୪୯୮ ମାର୍କ ଲେଖାଏଁ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହାଛଡ଼ା ଓଡ଼ିଶାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସନ୍ତୋଷ ସାକ୍ୟସିଂହ ପ୍ରଧାନ ପୃଷ୍ଠା-୬

- ପାସ୍ ହାର ୯୩.୭୦ ପ୍ରତିଶତ
- ୯୪.୯୯ ପ୍ରତିଶତ ଛାତ୍ରୀ କୃତକାର୍ଯ୍ୟ
- ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

### ଆଜିଠୁ ସଂସଦର ସ୍ୱତନ୍ତ୍ର ଅଧିବେଶନ

# ଚିନ୍ତା ବଢ଼ାଉଛି ସୀମା ପୁନଃନିର୍ଦ୍ଧାରଣ

- ୮୫୦କୁ ବଢ଼ିପାରେ ଲୋକସଭା ଆସନ ସଂଖ୍ୟା
- ବଢ଼ିବ ଉତ୍ତରପ୍ରଦେଶ ଓ ବିହାରର ପ୍ରତିନିଧିତ୍ୱ
- ଦକ୍ଷିଣୀ ରାଜ୍ୟର ପ୍ରତିନିଧିତ୍ୱ କମିବା ସମ୍ଭାବନା
- ଓଡ଼ିଶାର ଆସନ ସଂଖ୍ୟା ୨୧ରୁ ୨୯ ହେବ!



ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ)ଃ ଆସନ୍ତାକାଲିଠାରୁ ଆରମ୍ଭ ହେବ ସଂସଦର ସ୍ୱତନ୍ତ୍ର ଅଧିବେଶନ। ଏଥିରେ ସମ୍ବିଧାନର ୧୩୧ତମ ସଂଶୋଧନ (ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସୀମା ପୁନଃନିର୍ଦ୍ଧାରଣ) ବିଲ୍ ଆଗତ ହେବ। ଏହି ବିଲ୍ ଏବେ ସବୁ ସାଂସଦଙ୍କ ମଧ୍ୟରେ ବଣ୍ଟାଯାଇଛି। ରାଜ୍ୟ ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ଆଗତ କରାଯିବ। ଏହାଦ୍ୱାରା ଲୋକସଭାରେ ସାଂସଦଙ୍କ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି କରିବା ସକାଶେ ପ୍ରସ୍ତାବ ରହିଛି। ପ୍ରସ୍ତାବିତ ନୂଆ ସୀମା ପୁନଃନିର୍ଦ୍ଧାରଣରେ ଉତ୍ତର ଭାରତରେ ଆସନ ସଂଖ୍ୟା ବଢୁଥିବା ବେଳେ ଦକ୍ଷିଣ ଭାରତରେ ସାଂସଦଙ୍କ ସଂଖ୍ୟା କମିବାର ସମ୍ଭାବନା ରହିଛି।

ପ୍ରସ୍ତାବିତ ବିଲ୍‌ରେ ସାଂସଦଙ୍କ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ। ସେଥିମଧ୍ୟରୁ ରାଜ୍ୟମାନଙ୍କ ପାଇଁ ୮୧୫ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩୫ଟି ଆସନ ରହିବ। ଏହାଦ୍ୱାରା ସଂସଦୀୟ କ୍ଷେତ୍ରର ଆକାର ସଙ୍କୁଚିତ ହେବ। ଏହାଦ୍ୱାରା ୧୯୭୬ ମସିହା ପରେ ପ୍ରଥମ ଥର ପାଇଁ ଜନସଂଖ୍ୟା ଆଧାରରେ ଆସନ ଆବଣ୍ଟନ କରାଯିବ। ଏଥିସହ ରାଜ୍ୟମାନଙ୍କର ଆସନ ସଂଖ୍ୟା ପରିବର୍ତ୍ତନ ଓ ସୀମା ପରିବର୍ତ୍ତନ ପାଇଁ ସମ୍ବିଧାନର ୧୭୦ ଧାରାରେ ମଧ୍ୟ ସଂଶୋଧନ କରାଯିବ। ୨୦୨୯ ନିର୍ବାଚନ ପୂର୍ବରୁ ସୀମା ପୁନଃନିର୍ଦ୍ଧାରଣକୁ ଚୂଡ଼ାନ୍ତ କରିବା ସହ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରାଯିବ। ପ୍ରସ୍ତାବିତ ବିଲ୍‌ରେ ସୁପ୍ରିମକୋର୍ଟର ଜଣେ ଜଣେ ବିଚାରପତି କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ନୂଆ ସୀମା ପୁନଃନିର୍ଦ୍ଧାରଣ ଗଠନ କରାଯିବ। ଏଥିରେ ମୁଖ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ କମିଶନମାନେ ରହି ଜନସଂଖ୍ୟା ଆଧାରରେ ନୂଆ ଲୋକସଭା ଓ ରାଜ୍ୟ ବିଧାନସଭାର ସୀମା ସ୍ଥିର କରିବେ। ଏଥିସକାଶେ କମିଶନଙ୍କୁ ସିଭିଲ କୋର୍ଟର କ୍ଷମତା ପ୍ରଦାନ କରାଯିବ।

ମିଳିଥିବା ସୂଚନାନୁଯାୟୀ, କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ପୃଷ୍ଠା-୬

### ରାଜ୍ୟର ପ୍ରତିନିଧିତ୍ୱ କମିବା ଆଶଙ୍କା

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ



ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ପ୍ରସ୍ତାବ

ସୀମା ପୁନଃନିର୍ଦ୍ଧାରଣରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦାବି କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜି ଏକ ଚିଠି ଲେଖିଛନ୍ତି। ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଏକ ସଙ୍କଳ୍ପ ପାରିତ କରାଯାଉ ବୋଲି ଶ୍ରୀ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ସଂସଦର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ନେଇ ଆଲୋଚନା ହେବ। ଏହାକୁ ବିଜେଡି ସମର୍ଥନ କରିବ। କାରଣ ମହିଳାଙ୍କ ପାଇଁ ସଂରକ୍ଷଣକୁ ବିଜେଡି ସର୍ବାଧିକ ଗୁରୁତ୍ୱ ଦେଇଛି। ବିଜୁବାବୁ ମହିଳାଙ୍କ ପାଇଁ ପଞ୍ଚାୟତରେ ୩୩ ପ୍ରତିଶତ ସଂରକ୍ଷଣ କରିଥିବା ବେଳେ ବିଜେଡି ସରକାର ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଏପରିକି ମହିଳାଙ୍କ ପାଇଁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ପାଇଁ ଓଡ଼ିଶା ବିଧାନସଭାରେ ସ୍ୱତନ୍ତ୍ର ପ୍ରସ୍ତାବ ପାରିତ କରାଯାଇ ୨୨ ରାଜ୍ୟର ସମର୍ଥନ ନିଆଯାଇଥିଲା ବୋଲି ସେ କହିଛନ୍ତି। ସେହିଭଳି ପୃଷ୍ଠା-୬

### ନାରୀ ଶକ୍ତି ବନ୍ଦନ ବୈଠକରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳାଙ୍କ ସ୍ୱପ୍ନର ଉଡ଼ାଣ

- ସଶକ୍ତ ନାରୀ, ସଶକ୍ତ ଭାରତ ଗଠନ ପାଇଁ ଯୁଗାନ୍ତକାରୀ ପଦକ୍ଷେପ
- ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ଅଟକିବେନି ମହିଳାଃ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନ ଜଣାଇ ଗତ ୧୨ ବର୍ଷ ମଧ୍ୟରେ ମହିଳାଙ୍କ ବିକାଶ ପାଇଁ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଛନ୍ତି। କିନ୍ତୁ, ସବୁଠାରୁ ବୈପ୍ଳବିକ ନିଷ୍ପତି ହେଉଛି ୨୦୨୩ ମସିହାର ନାରୀ ଶକ୍ତି ବନ୍ଦନ ଅଧିନିୟମ। ଯାହା ସ୍ୱାଧୀନତୋର ଭାରତରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସବୁଠାରୁ ବଡ ପଦକ୍ଷେପ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂ ଅବସରରେ କହିଛନ୍ତି।

ଭୁବନେଶ୍ୱର ରେଳ ଅଡିଟୋରିଅମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ କେବଳ ଏକ ଆଇନ୍ ନୁହେଁ, ବରଂ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡାଣ। ଏହି ଅଧିନିୟମ ଦ୍ୱାରା ଲୋକସଭା ପୃଷ୍ଠା-୬

# ତେହରାନରେ ପହଞ୍ଚିଲେ ମୁନୀର



ଆରମ୍ଭ ହେବ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା!

ତେହରାନ,୧୫।୪ଃଗତ ସପ୍ତାହରେ ଇସଲାମାବାଦରେ ଆମେରିକା-ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା ହୋଇଥିଲେ ହେଁ ଦୀର୍ଘ ଘଣ୍ଟାର ପରିଶ୍ରମ ବେକାର ସାବ୍ୟସ୍ତ ହୋଇଥିଲା। ତେବେ ପୁଣିଥରେ ଶାନ୍ତିର ବାର୍ତ୍ତା ନେଇ ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀର ଆଜି ଇରାନ୍ ରାଜଧାନୀ ତେହରାନରେ ପହଞ୍ଚିଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ପାକିସ୍ତାନର ମଧ୍ୟସ୍ଥି ଭୂମିକାର ଅଂଶ ଭାବେ ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ମୁନିର ଏବଂ ମନ୍ତ୍ରୀ ମହସିନ ନକଭୀ ଆଜି ତେହରାନରେ ଅବତରଣ କରିଛନ୍ତି ବୋଲି ତେହରାନର ରାଷ୍ଟ୍ରୀୟ ଗଣମାଧ୍ୟମ ତସନିମ୍ ତା'ର ରିପୋର୍ଟରେ ପ୍ରକାଶ କରିଛି।

ମିଳିଥିବା ସୂଚନାନୁଯାୟୀ, ଚଳିତ ମାସ ୧୧ ତାରିଖରେ ଇସଲାମାବାଦଠାରେ ଆମେରିକା ଓ ଇରାନ ମଧ୍ୟରେ ବିନା ନିଷ୍କର୍ସରେ ଶେଷ ହୋଇଥିବା ଶାନ୍ତି ଆଲୋଚନାକୁ ପୁଣିଥରେ ଆରମ୍ଭ କରିବା ପାକ୍ ସେନା ମୁଖ୍ୟଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଶାନ୍ତି ଆଲୋଚନା ବେଳେ ଆମେରିକା ଦେଇଥିବା ପ୍ରସ୍ତାବ ଉପରେ ମୁନୀର ଓ ତାଙ୍କ ସହ ଯାଇଥିବା ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ତେହରାନ୍ ସହ ଆଲୋଚନା କରିବେ ଓ ଇରାନକୁ ରାଜି କରାଇବାକୁ ସବୁ ପ୍ରକାର ଉଦ୍ୟମ କରିବେ। ଯଦି ଏହି ଉଦ୍ୟମରେ ମୁନୀର ସଫଳ ହୁଅନ୍ତି, ତା'ହେଲେ ଇରାନ ଓ ଆମେରିକା ମଧ୍ୟରେ ଖୁବ୍‌ଶୀଘ୍ର ପୃଷ୍ଠା-୬

## ପାଚେରି ଭୁଶୁଡ଼ି ୨ ଛାତ୍ରୀ ମୃତ, ତଦନ୍ତ କରିବେ ଆର୍‌ଡିସି



୩ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପାରଳାଖେମୁଣ୍ଡି,୧୫।୪(ସଂଚାର ବ୍ୟୁରୋ)ଃ ରା.ଉଦୟଗିରିରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍କୁଲ ପାଚେରୀ ତଳେ ଚାପି ହୋଇ ଦୁଇ ଛାତ୍ରୀଙ୍କର ମୃତ୍ୟୁ ହୋଇଛି। ରା.ଉଦୟଗିରି ଥାନା ରବୁଡିସିଂ ପ୍ରାଥମିକ ବିଦ୍ୟାଳୟରେ ପାଚେରି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ଦୁଇ ଛାତ୍ରୀ ହେଲେ ଚତୁର୍ଥ ଶ୍ରେଣୀର ଇଡ଼କ୍ତି ରଇତ (୯ ବର୍ଷ) ଓ ପଞ୍ଚମ ଶ୍ରେଣୀର ବେକିଲେସ ରଇତ (୧୦ ବର୍ଷ)। ବିଦ୍ୟାଳୟ ଛୁଟି ପରେ ଛାତ୍ରୀମାନେ ଖେଳୁଥିବା ସମୟରେ ଅଚାନକ ସେମାନଙ୍କ ଉପରେ ପାଚେରି ପଡ଼ିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ରା.ଉଦୟଗିରି ପୁଲିସ ଓ ନୂଆଗଡ଼ ବ୍ଲକ ପ୍ରଶାସନର ଅଧିକାରୀମାନେ ସ୍କୁଲ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦୁଇ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଗାଁରେ ଶୋକର ଛାୟା ଖେଳିଯାଇଛି।

ଅନ୍ୟପକ୍ଷରେ ଏହି ଘଟଣା ସାମ୍ନାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ପୃଷ୍ଠା-୬

### କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା 'ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଲୋକାର୍ପିତ

## ଆଗାମୀ ପିଢ଼ିକୁ ଐତିହ୍ୟ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ

- ସମ୍ବଲପୁରରେ ପ୍ରତିଷ୍ଠା ହେବ ଆର୍ଟ କଲେଜ
- ଖୁବ୍‌ଶୀଘ୍ର ସରିବ ଅଡିଟୋରିୟମ୍ କାମ



ସମ୍ବଲପୁର,୧୫।୪(ସଂଚାର ବ୍ୟୁରୋ)ଃ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଶୌର୍ଯ୍ୟ, ଧୈର୍ଯ୍ୟ ଓ ପରାକ୍ରମର ପ୍ରତୀକ। ସମ୍ବଲପୁର ଦଲାଇପଡ଼ାଠାରେ ଲୋକାର୍ପିତ ହୋଇଥିବା 'ବୀର ସୁରେନ୍ଦ୍ର ସାଏ ସଂଗ୍ରହାଳୟ' ଆଗାମୀ ପିଢ଼ିକୁ ନିଜର ଐତିହ୍ୟ ଓ ଇତିହାସ ବିଷୟରେ ଜାଣିବା ପାଇଁ ପ୍ରେରିତ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଦୁଇଦିନିଆ ସମ୍ବଲପୁର ପୃଷ୍ଠା-୬

## ସ୍ଲଟ୍ ବୁକିଂରେ ଜଗାଦର୍ଶନ



- ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବନି
- ଚାରି ଦ୍ୱାରରେ ହେବ ଲଗେଜ୍ ସ୍କାନର୍ ବ୍ୟବସ୍ଥା

ପୁରୀ,୧୫।୪(ସଂଚାର ବ୍ୟୁରୋ)ଃ ଆଗାମୀ ଦିନରେ ଆଉ ଭକ୍ତମାନଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କୁ ମନ୍ଦିରରେ ଦର୍ଶନ ସକାଶେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବନି। କାରଣ ମନ୍ଦିର ପକ୍ଷରୁ ଖୁବ୍‌ଶୀଘ୍ର ଦର୍ଶନକୁ ତ୍ୱରାନ୍ୱିତ କରିବା ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ। ଏନେଇ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଖୁବ୍‌ଶୀଘ୍ର ମନ୍ଦିରରେ ଜଗାଦର୍ଶନ ସକାଶେ ଭକ୍ତମାନଙ୍କୁ ସ୍ଲଟ୍ ବୁକିଂ ସୁବିଧା ମିଳିବ। ଏହି ଅନୁସାରେ ଜଗା ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ଆଗୁଆ ବୁକିଂ କରିବାକୁ ପଡ଼ିବ। ଉଭୟ ଲାଇନ ପୃଷ୍ଠା-୬

### ସରଣ୍ଡାରେ ଏନ୍‌କାଉଣ୍ଟର୍

## ଜଣେ ମାଓବାଦୀ ନିହତ, ଯବାନ ଗୁରୁତର



ରାଉରକେଲା, ୧୫।୪ (ସଂଚାର ବ୍ୟୁରୋ)ଃ ସରଣ୍ଡାରେ ଆଜି ହୋଇଛି ଜୋରଦାର ଏନକାଉଣ୍ଟର। ମାଓବାଦୀଙ୍କୁ ମୁହଁତୋଡ଼ ଜବାବ ଦେଇଛନ୍ତି ଯବାନ। ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ଛୋଟାନଗରା ଥାନା ଅନ୍ତର୍ଗତ ସରଣ୍ଡା ଜଙ୍ଗଲର ବଲିବା ନିକଟରେ ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେବା ଫଳରେ ଏଥିରେ ଯବାନଙ୍କ ଗୁଳିରେ ଜଣେ ମାଓବାଦୀର ମୃତ୍ୟୁ ଘଟିଛି। ସେହିପରି ମାଓବାଦୀଙ୍କ ଗୁଳି ବାଜି କୋବ୍ରା ବାହିନୀର ଯବାନ ଜିତେନ୍ଦ୍ର କୁମାର ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ହେଲିକପ୍ଟର ଯୋଗେ ରାଞ୍ଚି ପଠାଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ସରଣ୍ଡାର ବଲିବା ଓ ତିରିଲିପୋଷି ଅଞ୍ଚଳରେ ସିଆରପିଏଫ୍ ଓ କୋବ୍ରା ବାହିନୀର ଯବାନମାନେ ସର୍ଚ୍ଚ ଅପରେସନ ଚଳାଇଥିଲେ। ବଲିବାର ଘଞ୍ଚ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ। ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଓଡ଼ିଶା ରାଜନୀତିରେ ଏବେ ବି ବିଜୁ ପ୍ରଭାବଶାଳୀ



ବିଜୁ ଶ୍ରାଦ୍ଧ ଦିବସରୁ ମିଳିବ ପରିବର୍ତ୍ତନର ସଙ୍କେତ

ଭୁବନେଶ୍ୱର,୧୫।୪(ସଂଚାର ବ୍ୟୁରୋ)ଃ ଦିନକ ପରେ ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ। ଆଜିର ଏହି ଦିନଟିକୁ ଗତ କିଛି ବର୍ଷ ହେଲା କେବଳ ବିଜେଡି ପକ୍ଷରୁ ପାଳନରେ ସୀମିତ ଥିଲା। ହେଲେ ଚଳିତ ବର୍ଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଓ ଉତ୍କଣ୍ଠା ବଢ଼ିଯାଇଛି। ଏହାର କାରଣ ହେଲା ଓଡ଼ିଶା ନାଗରିକ ମଞ୍ଚ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଥିବା ଶ୍ରାଦ୍ଧ ଦିବସ। ଏହି କାର୍ଯ୍ୟକ୍ରମଟି ଓଡ଼ିଶା ନାଗରିକ ମଞ୍ଚ ଆୟୋଜନ କରୁଥିଲେ ମଧ୍ୟ ନିବେଦକ ହେଉଛନ୍ତି ବିଜୟ ମହାପାତ୍ର, ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ଦିଲ୍ଲୀପ ରାୟ।

ଏହି ନିମନ୍ତ୍ରଣପତ୍ରରେ କୁହାଯାଇଛି ଯେ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏକ ସଶକ୍ତ, କ୍ରିୟାଶୀଳ ନାଗରିକ ସମାଜର ଆବଶ୍ୟକତା ରହିଛି। ମନେ ହେଉଛି, ଓଡ଼ିଶାର ନାଗରିକ ସମୂହ ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ଯେଉଁ ଅନୁସାରେ ସକ୍ରିୟ ହେବା କଥା, ସେଇ ଅନୁପାତରେ ହୋଇପାରିନାହାଁନ୍ତି। ଗତ କିଛି ସମୟ ଧରି ସମାଜର ଭିନ୍ନ ଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଏହି ଅଭାବକୁ ଅନୁଭବ କରି ଏହି ଶୂନ୍ୟତା ଦୂର କରିବା ସକାଶେ ଓଡ଼ିଶା ନାଗରିକ ମଞ୍ଚର ଗଠନ କରାଯାଇଛି ବୋଲି କୁହାଯାଇଛି।

ରାଜ୍ୟର କିଛି ବରିଷ୍ଠ ରାଜନେତା, ସମାଜସେବୀ, ବିଶେଷଜ୍ଞମାନେ ନାଗରିକ ମଞ୍ଚର ଗଠନ କରିବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ଏହି ମଞ୍ଚ ଏଭଳି ଏକ ସମୟରେ ହୋଇଛି, ଯାହା ରାଜ୍ୟ ରାଜନୀତିକୁ ଓ ଉଭୟ ଶାସକ ଓ ବିରୋଧୀ ଦଳର ନେତାମାନଙ୍କୁ ଦୋହଲାଇଦେଇଛି। ସବୁଠୁ ବଡ଼ କଥା ହେଲା ଯେ ନାଗରିକ ମଞ୍ଚ ରାଜ୍ୟର ଭାବାବେଗ ସହ ଜଡ଼ିତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରୁ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ଏହି ମଞ୍ଚରେ ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟଙ୍କ ଭଳି ପ୍ରମୁଖ ବିଜୁ ଅନୁଗତ ଥିବାରୁ ଗତ ୨୯ ବର୍ଷ ଧରି ବିଜୁ ପଟ୍ଟନାୟକଙ୍କ ନାଁକୁ ନେଇ ରାଜନୀତି କରୁଥିବା ବିଜେଡି ଦଳ ଓ ଏହାର ସୁପ୍ରିମୋଙ୍କୁ ଆତଙ୍କିତ କରିଛି। ଯେଉଁଥିପାଇଁ ଶ୍ରାଦ୍ଧ ଦିବସର ଦୁଇ ଦିନ ପୂର୍ବରୁ ବିଜୁଙ୍କ ଗାରିମା ବଖାଣିବାକୁ ବିଜେଡି କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଆଲୋଚନାର ଆୟୋଜନ କରାଯାଇଥିଲା। କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମଧ୍ୟ ଉକ୍ତ ଦିନ ବିଜୁବାବୁଙ୍କ ସ୍ମୃତିରେ ଏକାଧିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

ନାଗରିକ ମଞ୍ଚର ଏହି ପୃଷ୍ଠା-୬

## ଦ୍ୱିତୀୟ ବାର୍ଷିକ 'ଜମ୍ବୁ ଦ୍ୱୀପ ମହୋତ୍ସବ-୨୦୨୬' ଅନୁଷ୍ଠିତ




**ମହାକାଳପଡ଼ା,୧୫।୪(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଐତିହାସିକ ରାମଚଣ୍ଡୀ ପୀଠରେ ଦ୍ୱିତୀୟ ବାର୍ଷିକ "ଜମ୍ବୁ ଦ୍ୱୀପ ମହୋତ୍ସବ-୨୦୨୬" ଆଜି ବୁଧବାର ସଂଧ୍ୟାରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ମହାକାଳପଡା ବିଧାୟକ ଡଃ ଦୂର୍ଗା ପ୍ରସନ୍ନ ନାୟକ, ସାଂସଦ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିରାରାଣୀ ମହାନ୍ତି, ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ମହାକାଳପଡା ତହସିଲଦାର ତଥା ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ରବିନାରାୟଣ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଓଡ଼ିଶାର ସୁପ୍ରସିଦ୍ଧ ଉପସ୍ଥାପିକା ମାନସୀ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଭୁବନେଶ୍ୱର ଆର ଆର ଇଭେଣ୍ଟସ ପକ୍ଷରୁ ରମେଶ ବାରିକ ଓ ଶାଶ୍ୱତୀ ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ଓଲିଉଡ ଗାୟିକା ସୁସ୍ମିତା ଦାସ, ଓଲିଉଡ ଅଭିନେତ୍ରୀ ଶୀତଲ ପାତ୍ର, ଜେସିକା ଓ ସୌମ୍ୟଜିତ ପ୍ରମୁଖଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମ ପରିଚାଳନାରେ ମହାକାଳପଡା ବ୍ଲକର ଅଧିକାରୀମାନଙ୍କ ସହ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଶାନ୍ତ କୁମାର ସେଠୀ, କୃଷ୍ଣପଦ ମଣ୍ଡଳ,ଇଂ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସଂଧ୍ୟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜିର ପ୍ରଥମ ସଂଧ୍ୟାରେ ହଜାର ହଜାର ଲୋକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରୁଛନ୍ତି।

## ମେ' ୧ରୁ ଜୁଲାଇ ୩୧ ଯାଏଁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ




**ରାଜନଗର,୧୫।୪(ସଂଚାର ବ୍ୟୁରୋ)**: ଭିତରକନିକା ଜାତୀୟ ଉଦ୍ୟାନ ମେ' ୧ ତାରିଖରୁ ଜୁଲାଇ ୩୧ ଯାଏ ଦୀର୍ଘ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ଶ୍ରେଷ୍ଠ ପ୍ରଜନନସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଛି। ମେ'ରୁ ଜୁଲାଇ ପର୍ଯ୍ୟନ୍ତ ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ସମୟରେ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ ରହିବ | ଏହି ସମଯରେ ବଉଳା କୁମ୍ଭୀର ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ କରି ବସା କରି ଅଣ୍ଡା ଦେଇଥା'ନ୍ତି। ଜୁଆର ମାଡୁ ନ ଥିବା ସ୍ଥାନ ଅର୍ଥାତ ସ୍ଥଳଭାଗରେ କୁମ୍ଭୀର ବସା କରି ଅଣ୍ଡା ଦେଇଥାଏ | ଏହି ସମୟରେ ମାଆ କୁମ୍ଭୀର ଅଧିକ ହିଂସ୍ର ହୋଇପଡ଼ିଥା'ନ୍ତି। ବଉଳା କୁମ୍ଭୀର ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯିବ ବୋଲି ଡିଏଫଓ ଭରଦରାଜ ଗାଁଓଙ୍କର ସୂଚନା ଦେଇଛନ୍ତି |

## କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଳଛତ୍ର



**ଡେରାବିଶ,୧୫।୪(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ଅନ୍ତର୍ଗତ ସାନଗାଁ ସ୍ଥିତ ମା ସିଦ୍ଧଚଣ୍ଡୀ ପାଠଶାଳାର କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଏକ ଜଳଛତ୍ରର ଆୟୋଜନ କରାଯାଇଛି। ଏଥିରେ ପାଠଶାଳାର ଛୋଟ ଛୋଟ ଛାତ୍ରଛାତ୍ରୀମାନେ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ଦହିସରବତ ବଣ୍ଟନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେତୁ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କର ତୃଷା ମେଣ୍ଟାଉଥିବାରୁ ଛାତ୍ରଛାତ୍ରୀମାନଙ୍କୁ ସେମାନେ ଆଶିର୍ବାଦ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପତି ଉଦ୍‌ଘାଟନ କରି ମାନବ ପାଇଁ ଜଳର ଆବଶ୍ୟକତା ସହିତ ଜଳ ସଂରକ୍ଷଣ କରିବା ଓ ଏହାକୁ ମାନବ ସେବାରେ କିପରି ନିୟୋଜନ କରାଯାଇପାରିବ ସେ ସମ୍ପର୍କରେ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରମୁଖ ପର୍ଶୁରାମ ମହାନ୍ତି, ସଂଯୋଜକ ସିକୁନ ମହାନ୍ତି ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଅଭିଭାବକ ବୃନ୍ଦ ସହଯୋଗ କରିଥିଲେ। ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଦହିସରବତ ବଣ୍ଟନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଏହିଭଳି ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିବାକୁ ଶିକ୍ଷାନୁଷ୍ଠାନର କର୍ମକର୍ତାମାନେ ଉଦ୍ୟମ କରିବେ ବୋଲି କହିଥିଲେ।

## ହାସିମପୁର ଗ୍ରାମରୁ ମୟୂର ଉଦ୍ଧାର



**ବାଲିଆପାଳ,୧୫।୪(ସଂଚାର ବ୍ୟୁରୋ)**: ବାଲିଆପାଳ ବ୍ଲକ ଅନ୍ତର୍ଗତ ହାସିମପୁର ଗ୍ରାମରେ ସୂର୍ଯ୍ୟାନ୍ତ ମହାନ୍ତିଙ୍କ ବାଡିରେ ଏକ ମୟୂର ପଛରେ କିଛି ବୁଲା କୁକୁର ଗୋଡାଉଥିବା ର ଦେଖିଥିଲେ । ପରିବାର ଲୋକେ ମୟୂର ଟିକୁ ଉଦ୍ଧାର କରି ଘରକୁ ଆଣିଥିଲେ। ମୟୂରଟି କୁଆଡୁ ଆସିଲା ତାହା ଜଣାପଡୁନାହି। ସ୍ଥାନୀୟ ଲୋକେ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ପରେ ବନ ବିଭାଗକୁ ଖବର ଦିଆଯାଇଥିଲା।ଖବର ପାଇ ବନବିଭାଗ ଅଧିକାରୀ ମନୋଜ ଧଡା ଓ ତାଙ୍କ ଟିମ ପହଞ୍ଚି ମୟୂର ଟିକୁ ନିଜ ହେପାଜତକୁ ନେଇଛନ୍ତି । ଡିଏଫ ଙ୍କ ପରାମର୍ଶ ରେ ଯୋଉଠି ଛାଡିବା କଥା ଛଡ଼ା ଯିବ ବୋଲି କହିବା ସହିତ ପୋଷ ମୟୂର ବୋଲି ଜଣାପଡୁଛି ବୋଲି ବନ ଅଧିକାରୀ କହିଛନ୍ତି।

**ଶୁଣୁନି ପ୍ରଶାସନ**

# ବାଇପାସ୍ ରାସ୍ତା ନେଇ ତାତିଲେ ଲୋକେ

### ଅବରୋଧ କଲେ ଓରତ-ବିଜୟନଗର ମୁଖ୍ୟ ରାସ୍ତା

### ଯାତାୟାତ ଠପ୍

**ମହାକାଳପଡ଼ା,୧୫।୪ (ସଂଚାର ବ୍ୟୁରୋ)**: ୩ ବର୍ଷ ବିତିଗଲା ହେଲେ ୨ କି.ମି. ବାଇପାସ୍ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ। ବିଭାଗୀୟ ଅଧିକାରୀ ଓ ପ୍ରଶାସନ କେହି ତତ୍ପରତା ପ୍ରକାଶ ନକରିବାରୁ ଜମି ଅଧିଗ୍ରହଣ ମଧ୍ୟ ହୋଇପାରିଲା ନାହିଁ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ମଧ୍ୟ କିଛି ସୁଫଳ ମିଳିନାହିଁ। ଯାହାକୁ ନେଇ ସ୍ଥାନୀୟ ଲୋକେ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ।

ସୂଚନା ମୁତାବକ ପୂର୍ତ୍ତବିଭାଗ ତରଫରୁ ମହାକାଳପଡ଼ା ବ୍ଲକ, ଦେଉଳପଡ଼ା ପଞ୍ଚାୟତ ଓଳିହା



ଗ୍ରାମ ଠାରୁ ମେରଦା ଦଣ୍ଡା ପର୍ଯ୍ୟନ୍ତ ୨.୪୫୦ କି.ମି ବାଇପାସ୍ ରାସ୍ତା କାମ ଅଧାରେ ଅଟକିଛି। ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳୁ ନାହିଁ ଯାହା ଫଳରେ ଅଧାରେ ଅଟକିଛି ବାଇପାସ୍ ରାସ୍ତା କାର୍ଯ୍ୟ। ଅଧାରୁ କାମ ଛାଡ଼ି ଠିକାଦାର ଛୁ ମାରିଛି। ବାଇପାସ୍ ରାସ୍ତା ନହେବାରୁ ଗାଁ ରାସ୍ତା ଦେଇ ବଡ଼ ବଡ଼ ମାଲବାହୀ ଗାଡ଼ି ଯିବା ଫଳରେ ଗାଁରେ ରାସ୍ତା ଜାମ୍ ସମସ୍ୟା ଦେଖାଦେଉଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଜନଶୁଣାଣିରେ ପ୍ରଶାସନକୁ ଅଭିଯୋଗ ହୋଇଥିଲେ ବି ତାହାର କିଛି ସୁଫଳ ନମିଳିବାରୁ ବାଧ୍ୟ ହୋଇ ଆଜି ସ୍ଥାନୀୟ ଲୋକେ ଓରତ-ବିଜୟନଗର ମୁଖ୍ୟ ରାସ୍ତା ଅବରୋଧ କରି ପ୍ରଶାସନ ଓ ବିଭାଗୀୟ ଅବହେଳା ବିରୋଧରେ ନାରାବାଜି କରିଥିଲେ। କିଛି ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇପଡ଼ିଥିଲା।

ମହାକାଳପଡ଼ା ଥାନା ଅଧିକାରୀ ମାନସ ମଲ୍ଲିକ ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜମ୍ବୁ ମହୋତ୍ସବ ପାଇଁ ତହସିଲଦାରଙ୍କ ବୈଠକ ହେତୁ ସେ ତାଙ୍କ ସହିତ କଥା ହୋଇ ଏଠାକୁ ଆସିଛନ୍ତି ଓ ୫ ଦିନ ପରେ ତହସିଲଦାରଙ୍କ ସହିତ ଆଲୋଚନା କରି ଆନ୍ଦୋଳନକାରୀ ମାନଙ୍କ ସହିତ ବାଇପାସ୍ ରାସ୍ତା କାର୍ଯ୍ୟର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

## କାନ୍ଦ ବୋବାଳିରେ ଫାଟି ପଡୁଛି ଘର

**କେନ୍ଦ୍ରାପଡ଼ା,୧୫।୪ (ସଂଚାର ବ୍ୟୁରୋ)**: ଗୁଜୁରାଟର ସୁରଟସ୍ଥିତ ଏକ ସୁତାକଳରେ କାମ କରୁଥିବା ବେଳେ ବିଦ୍ୟୁତ ଆଘାତରେ ଚାଲିଗଲା ଯୁବକଙ୍କ ଜୀବନ। ଖବର ପହଞ୍ଚିବା ପରେ କାନ୍ଦ ବୋବାଳିରେ ଫାଟି ପଡୁଛି ସନ୍ୟାସପୁର ଗାଁର ତ୍ରିଲେଖଙ୍କ ଘର। ଘରର ଏକମାତ୍ର ରୋଜଗାରିଆ ପୁଅ ତ୍ରିଲେଖ ବେହେରା(୪୨)ଙ୍କ ଗୁଜୁରାଟର ସୁରଟରେ ଏକ ଲୁଗା କାରଖାନାରେ କାମ କରୁଥିବା ବେଳେ ମୃତ୍ୟୁ ହୋଇଯାଇଛି। କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମପାୟତର ସନ୍ନ୍ୟାସପୁର ଗାଁର ଏହି ଘଟଣା ।

ଏହି ଗାଁର ତ୍ରିଲେଖ ଦୀର୍ଘ ୨୬ ବର୍ଷ ଧରି ସୁରଟର ଏକ ଲୁଗା ତିଆରି କାରଖାନାରେ କାମ କରୁଥିଲେ । ଗାଁରେ ବୁଢି ମା, ପତ୍ନୀ ଓ ଦୁଇ ଝିଅ। ଆଜି ସକାଳୁ ହଠାତ୍ ତ୍ରିଲେଖଙ୍କ ମୃତ୍ୟୁ ଖବର ପାଇଲେ ପରିବାର ଲୋକେ । ୧୪ ତାରିଖ ରାତିରେ କାରଖାନାରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା କୁହାଯାଉଛି। କିନ୍ତୁ ଏହି ଘଟଣାକୁ ଚାପି ଦେବା ସହିତ ତ୍ରିଲେଖଙ୍କୁ କୌଣସି କ୍ଷତିପୂରଣ



ନଦେବା ପାଇଁ ଚାହୁଁଛନ୍ତି ସମ୍ପୃକ୍ତ କାରଖାନାର ମାଲିକ। ସେଠାରେ ରହୁଥିବା ଓଡିଆ ଶ୍ରମିକମାନେ ଏହାର ପ୍ରତିବାଦ କରିବାରୁ ପରିସ୍ଥିତି ଅଣାୟତ ହୋଇପଡିଛି। କାରଖାନାରେ ଶବ ରଖି ଶ୍ରମିକମାନେ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛନ୍ତି। କେବଳ ସେତିକି ନୁହେଁ ତ୍ରିଲେଖଙ୍କ ଶବ ତାଙ୍କ ଗ୍ରାମରେ ପହଁଚାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ଦାବି କରିଛନ୍ତି।

ତ୍ରିଲେଖ ସୁରଟ ସହରର କ୍ରୀଷ୍ଟାନଗର ଅଞ୍ଚଳ ଜଳାରାମ ସୋସାଇଟିରେ ରହୁଥିଲେ। ଗତ ବର୍ଷକ ପୂର୍ବେ ତାଙ୍କ ବାପା ଚୈତନ୍ୟ ବେହେରାଙ୍କର ମୃତ୍ୟୁ ହୋଇଯାଇଥିଲା। ବୁଢ଼ି ମା' ମଞ୍ଜୁଲତା କର୍କଟ ରୋଗରେ ପୀଡିତା ହୋଇଥିବା ବେଳେ ପତ୍ନୀଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଭଲ ନାହିଁ । ତ୍ରିଲେଖଙ୍କର ୧୦ ବର୍ଷ ଏବଂ ୩ ବର୍ଷର ଦୁଇଟି ଝିଅ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ଗତ ମାର୍ଚ୍ଚ ମାସରେ ଗାଁରେ ବାପାଙ୍କ ବର୍ଷିକିଆ କାମ ସାରି ସେ ସୁରଟ ଫେରି ଯାଇଥିଲେ । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଦେହାନ୍ତ ପରେ ଏବେ ପରିବାର ଚଳିବ କେମିତି ସେ ନେଇ ଚିନ୍ତାରେ ପଡିଯାଇଛନ୍ତି ତାଙ୍କ ପତ୍ନୀ । ଏହି ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

ଏହି ଘଟଣାରେ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ତ୍ରିଲେଖଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ତାଙ୍କ ମରଶରୀରକୁ ଗ୍ରାମକୁ ଫେରାଇ ଆଣିବାକୁ ଆବଶ୍ୟକ ବ୍ୟବସ୍ଥା କରିବାକୁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି ।

### ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

## ଚୋରା ବାଲି ଉପରେ ଗୁରୁତ୍ୱ

**କେନ୍ଦ୍ରାପଡା, ୧୫।୪(ସଂଚାର ବ୍ୟୁରୋ)**: ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ରାଜସ୍ୱ ଅଧିକାରୀ ଚିନ୍ମୟୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ତହସିଲରେ ପଡିରହିଥିବା ରାଜସ୍ୱ ମାମଲା ଗୁଡିକୁ ଶିଘ୍ର ଫଇସଲା କରିବା, ରାଜସ୍ୱ ଆଦାୟ କ୍ଷେତ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ତହସିଲରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ମରାମତି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବାଲି ଖାଦାନରୁ ଚୋରା ବାଲି ଚାଲାଣ କରୁଥିବା ବ୍ୟକ୍ତି ଓ ଗାଡି ଗୁଡିକୁ ଜବତ କରିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ଥିବା ମୂଲ୍ୟବାନ ସରକାରୀ ଜମି ଗୁଡିକୁ ଉଦ୍ଧାର କରି ତାରବାଡ ଦେଇ ସୁରକ୍ଷିତ ରଖିବା, ଜିଲ୍ଲାର ବିଭିନ୍ନ ସରକାରୀ ରାସ୍ତା ଉପରେ ମାଡି କରିଥିବା ଘର ଗୁଡିକୁ ଭାଙ୍ଗିବା ଉପରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କରାଣ୍ଡିଆ ନଦୀବନ୍ଧ ସୁରକ୍ଷା କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ, ତଦନ୍ତ ଦାବି



**କେନ୍ଦ୍ରାପଡା,୧୫।୪(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ଇନ୍ଦାଲୋ ପଂଚାୟତର ପୁରୁଷୋତମପୁର ଠାରେ ଚଳିତ ଆର୍ଥିକ ବର୍ଷରେ ଜଳ ସମ୍ପଦ ବିଭାଗର ମହାନଦୀ, ଉତ୍ତର ବିଭାଜନ-୧ ପକ୍ଷରୁ କରାଣ୍ଡିଆ ବାମପାର୍ଶ୍ୱର୍ରେ ନଦୀବନ୍ଧ ସୁରକ୍ଷା କାର୍ଯ୍ୟ ଚାଲୁଅଛି । ଏହି ନଦୀବନ୍ଧ ପ୍ରାୟ ୫ ବର୍ଷ ହେବ ଜଳ ପ୍ରବାହ ବନ୍ଦ ରହିଛି। ଆଷାଢ଼ ମାସରେ ମଧ୍ୟ କିଛିଦିନ ଭରପୁର ପାଣି ଆସେ। ନିକଟରେ ଥିବା ଜଳପୋକ ନିକଟରୁ ପାଣି ଗାଁ ଭିତରକୁ ପ୍ରବେଶ କରେ। କିନ୍ତୁ ସେଠାରେ ନଦୀ ବନ୍ଧ ସୁରକ୍ଷା କାର୍ଯ୍ୟ ହେଉନଥିବାବେଳେ ପୁରୁଷୋତମପୁରଠାରେ ଆବଶ୍ୟକଠାରୁ ଅଧିକ ଲମ୍ବା ପର୍ଯ୍ୟନ୍ତ ପଥର ଲଚିଂ, ପ୍ୟାକିଂ କରାଯାଉଛି । କାର୍ଯ୍ୟ ହେଉଥିବା ସ୍ଥାନ ଏକ ବାଲିପଠା ହୋଇଥିବାବେଳେ କିପରି ଭାବରେ ନଦୀର ଗଭୀରତାର ଅନୁମାନ କଲେ ଓ ଗଭୀରତାକୁ ମାପିଲେ ତାହା ଏହି କାର୍ଯ୍ୟରେ ହୋଇଥିବା ଚଂଚକତାକୁ ଧରା ପକାଉଛି । ସୁନିଶ୍ଚିତ ଯୋଜନା ପସ୍ତୁତ ନ କରି ଏହି କାର୍ଯ୍ୟକୁ ମହାନଦୀ ଉତ୍ତର ବିଭାଜନ-୧ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ କାର୍ଯ୍ୟକୁ ସନ୍ଦେହ କରାଯାଉଛି। ଏହି କାର୍ଯ୍ୟରେ ହୋଇଥିବା ୬୦ ପ୍ରତିଶତ ପଥର ନିମ୍ନମାନର ଓ କମ୍ ମାପର ଅଟେ । ଏହି କାର୍ଯ୍ୟକୁ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉମେଶ ପାଢି, ହିମାଂଶୁ ନାୟକ, ରମେଶ ଚନ୍ଦ୍ର ଦାସ, ସୁଧାଂଶୁ କୁମାର ସାହୁ, ଜୟଜଗଦୀଶ ସେଠୀ, ରଶ୍ମୀରଂଜନ ଚୌଧୁରୀ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ।

## କବି ଶରତ ଚନ୍ଦ୍ର ପରିଡ଼ାଙ୍କ ମହାକାବ୍ୟ ନାରକାସୁର ବଧ ଲୋକାର୍ପିତ



**କେନ୍ଦ୍ରାପଡ଼ା,୧୫।୪ (ସଂଚାର ବ୍ୟୁରୋ)**: ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଏବଂ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଚରଣାଶ୍ରିତ ବରିଷ୍ଠ କବି ଶରତ ଚନ୍ଦ୍ର ପରିଡ଼ାଙ୍କ ରଚିତ ଓଡ଼ିଆ ସାହିତ୍ୟର ମହାକାବ୍ୟ ନରକାସୁର ବଧ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନିବେଦିତ ହୋଇ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ରାଜଶ୍ରୀ କଳା ଓ ସାହିତ୍ୟ ସଂସଦ ପକ୍ଷରୁ ବାଚସ୍ପତିଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ ତିନି ଶହ ପୃଷ୍ଠାର ଉକ୍ତ ମହାକାବ୍ୟକୁ ଲୋକାର୍ପଣ କରି ଗ୍ରନ୍ଥ ଟି ଓଡ଼ିଆ ବାଣୀ ଭଣ୍ଡାରର ସମୃଦ୍ଧ ସମ୍ପତ୍ତି ହୋଇ ରହି ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଆଶୁ କବି ହେମନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଓଡ଼ିଶା ବିଧାନସଭାର ପ୍ରାକ୍ତନ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଦାଶରଥି ଶତପଥୀ ମୁଖ୍ୟ ବକ୍ତା ଏବଂ ବହୁଭାଷୀ କବି ସଞ୍ଜୟ କୁମାର ରଥ ସମୀକ୍ଷକ ଭାବେ ଯୋଗଦେଇ ମହାକାବ୍ୟର ବିଶେଷତା ଉପରେ ଆଲୋକପାତ କରିଥିଲେ । ଇତ୍ୟବସରରେ ବାଚସ୍ପତି ଗ୍ରନ୍ଥ ରଚୟିତା କବି ଶରତ କୁମାର ପରିଡ଼ାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜଶ୍ରୀର ସଭାପତି ତଥା ବିଶିଷ୍ଟ ପରିବେଶବିତ୍ କାଶୀନାଥ ରାଉତରାୟ , ସମାଜସେବୀ ସଞ୍ଜୟ ମିଟୁ ଜେନା, ଅକ୍ଷୟ କୁମାର ତରାଇ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନ ତରଫରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ନୂଆପାଟଣା ଗ୍ରାମରେ ଝାମୁଯାତ୍ରା



**କେନ୍ଦ୍ରାପଡ଼ା,୧୫।୪(ସଂଚାର ବ୍ୟୁରୋ)**: ନିଳକଣ୍ଠପୁର ଗ୍ରାମପାୟତର ନୂଆପାଟଣା ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନୂଆପାଟଣା ଗ୍ରାମର ମା'ମଙ୍ଗଳା ସିଦ୍ଧ ପୀଠ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପବିତ୍ର ପଣାସଂକ୍ରାନ୍ତୀ ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିନିମନ୍ତେ ପ୍ରଥମେ କାକଟପୁର ମା'ମଙ୍ଗଳାଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ଏହି ଝାମୁଯାତ୍ରା ଆରମ୍ଭ ହୋଇଥିଲା। ପାଟୁଆମାନେ ନିଆଁରେ ଚାଲିବା ପରେ ଦଣ୍ଡନାଚ କରିଥିଲେ । ଗ୍ରାମବାସୀମାନଙ୍କ ସହଯୋଗ ଓ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମର ଶହ ଶହ ସଂଖ୍ୟାରେ ଲୋକ ସେଠାରେ ରୁଣ୍ଡ ହୋଇଥିଲେ ।

## ସିଏମ୍ ଟ୍ରଫି ଆନ୍ତଃଜିଲ୍ଲା କବାଡି ଓ ଭଲିବଲ୍ ଚାମ୍ପିଅନ୍ସ ଟ୍ରଫି ଉଦ୍‌ଯାପିତ



**କେନ୍ଦ୍ରାପଡା,୧୫।୪(ସଂଚାର ବ୍ୟୁରୋ)**: ଆନ୍ତଃଜିଲ୍ଲା ୧୬ବର୍ଷରୁ କମ୍ କବାଡି ଏବଂ ୧୪ ବର୍ଷରୁ କମ୍ ବାଳକ, ବାଳିକା ସିଏମ୍ ଟ୍ରଫି ୨୦୨୬ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ଧରି ଚାଲୁ ରହିଥିବା ଏହି ପ୍ରତିଯୋଗୀତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍ ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ର/ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସମସ୍ୟା ଘେରରେ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ




**ମାହାଙ୍ଗା: ୧୫।୪(ସଞ୍ଚାର ବ୍ୟୁରୋ)**: ମାହାଙ୍ଗା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ନାହାଙ୍ଗ ପଞ୍ଚାୟତସ୍ଥିତ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ବାଲିପଡ଼ାରେ ଉଚ୍ଚ ଶିକ୍ଷା ବିକାଶ କରିବା ନିମନ୍ତେ ବାଲିପଡ଼ା ଠାରେ ୧୯୮୭ ମସିହାରେ ଏହି ବିଦ୍ୟାଳୟଟି ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ଏବେ ଅଷ୍ଟମ ଶ୍ରେଣୀରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୪୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାନ୍ତି। ଏବେ ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକଙ୍କ ପଦବୀ ଖାଲି ପଡ଼ିଥିବା ବେଳେ କଳା, ବିଜ୍ଞାନ(ପିସିଏସ), କିରାଣୀ, କ୍ରୀଡା ଶିକ୍ଷକ ଓ ୨ ଜଣ ପିଅନଙ୍କ ପଦବୀ ଖାଲି ପଡ଼ିଛି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବହୁ ଅସୁବିଧା ହେଉଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ବର୍ତମାନ ବିଦ୍ୟାଳୟରେ ନାମ ଲେଖା କାର୍ଯ୍ୟ ଚାଲୁଥିବାରୁ କିରାଣୀ ପଦବୀ ଖାଲି ପଡ଼ିଥିବାରୁ ଶିକ୍ଷକ ମାନେ ବାଧ୍ୟହୋଇ ନାମ ଲେଖା କାର୍ଯ୍ୟ କରୁଥିବାରୁ ପାଠପଢ଼ା ସହ ଅନ୍ୟ କାର୍ଯ୍ୟରେ ମଧ୍ୟ ଅସୁବିଧା ହେଉଅଛି। ଏହି ବିଦ୍ୟାଳୟ ନିମନ୍ତେ ୧୩ ଜଣ ଶିକ୍ଷକ ଓ କର୍ମଚାରୀ ଆବଶ୍ୟକ ଥିବା ବେଳେ ମାତ୍ର ୩ ଜଣ ଶିକ୍ଷକ ବିଦ୍ୟାଳୟ ଚଳାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟାଗୁଡ଼ିକୁ ସମାଧାନ ନିମନ୍ତେ ସ୍ଥାନୀୟ ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଛାତ୍ରାଭିଭାବକ ଓ ସ୍ଥାନୀୟ ଜନସାଧାରଣମାନେ ଦାବି କରିଛନ୍ତି।

## ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି, ୨୦ରୁ ଧାରଣା

**କେନ୍ଦ୍ରାପଡ଼ା,୧୫।୪(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡା ଜିଲ୍ଲା ଆଳି ଆଇ.ସି.ଡି.ଏସ. ଅଧିନସ୍ଥ ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କ ସରକାରୀ ସହାୟତା ଲୁଟ ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ହୋଇଥିବା ଦୁର୍ନୀତିକୁ ଚପାଇ ଦୁର୍ନୀତିକାରୀ କର୍ମୀକୁ ପ୍ରଶାସନ ପକ୍ଷରୁ ସୁରକ୍ଷା ପ୍ରଦାନ କରୁଥିବା ନେଇ ସାଙ୍ଘାତିକ ଅଭିଯୋଗ ହୋଇଛି । ଆଗାମୀ ସାତ ଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସାତ ଦଫା ଦାବି ପୂରଣ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ଯାଏଁ ଆଳି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଧାରଣା ଦେବେ ବୋଲି ଜଣାଇଛନ୍ତି । ଅଭିଯୋଗ ମୁତାବକ ଆଳି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅଧିନରେ ଥିବା ମହୁ ବଜାରଦାଣ୍ଡି ଅଙ୍ଗନବାଡି କେନ୍ଦ୍ରକୁ ଆସୁଥିବା ସମସ୍ତ ସରକାରୀ ସହାୟତାକୁ ସେହି କେନ୍ଦ୍ରର କର୍ମୀ ହରିଲୁଟ କରିଥିବା ନେଇ ଲଗାତାର ଭାବେ ଗତ ଦୁଇ ବର୍ଷ ହେବ ଗ୍ରାମବାସୀଙ୍କ ସମେତ କେତେକ ବ୍ୟକ୍ତି ବିଶେଷ ଲିଖିତ ଅଭିଯୋଗ କରି ଆସୁଛନ୍ତି। ଅଭିଯୋଗ ଉପରେ କେବଳ ତଦନ୍ତ ହେଉଛି ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ବାରମ୍ବାର ହୋଇଥିବା ତଦନ୍ତରେ ସରକାରୀ ସହାୟତା ଲୁଟ କରିଥିବା ନେଇ ଅଙ୍ଗନବାଡି କର୍ମୀ ଧରାପଡ଼ିବା ପରେ ମଧ୍ୟ ତାଙ୍କ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସ୍ଥାନୀୟ ପ୍ରଶାସନ ଉପରେ ସନ୍ଦେହ ସୃଷ୍ଟି କରିଛି ।

ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ପ୍ରଶାସନକୁ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ରହିଥିବା ବେଳେ ସ୍ଥାନୀୟ ପ୍ରଶାସନର ଏକ ତଦନ୍ତକାରୀ ଦଳ ତଦନ୍ତ ଆଳରେ ଏକ ଫର୍ଜୀ ରିପୋର୍ଟ ପ୍ରସ୍ତୁତ କରି ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଦାଖଲ କରି ଦୁର୍ନୀତି ଗ୍ରସ୍ତ ଅଙ୍ଗନବାଡି କର୍ମୀଙ୍କୁ ସୁରକ୍ଷା ପ୍ରଦାନ କରିଥିବାରୁ ଏହି ତଦନ୍ତ କରିଥିବା ସମସ୍ତ ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ବିଭାଗରେ ମାମଲା ରୁଜୁ କରିବା ପାଇଁ ଅଭିଯୋଗ କାରୀ ଦୁଷ୍ମନ୍ତ ଦାବି କରିଛନ୍ତି । ସରକାରୀ ସହାୟତା ଲୁଟ ଘଟଣାରେ ଉଚ୍ଚ ନ୍ୟାୟଳୟଙ୍କୁ ଦିଆଯାଇଥିବା ବିଭ୍ରାନ୍ତି କରଣ ତଥ୍ୟ ବା ଭୁଲ ତଥ୍ୟ ପ୍ରଦାନ କରିଥିବାରୁ ପ୍ରକୃତ ସତ୍ୟାସତ୍ୟ ଘଟଣା ସ୍ପଷ୍ଟ ଭାବେ ପ୍ରଦାନ ସମେତ ପ୍ରଶାସନ ପକ୍ଷରୁ ଅଭିଯୋଗକରୀଙ୍କ ବିରୁଦ୍ଧରେ ପୁଲିସରେ ମିଛ ମାମଲା ରୁଜୁ କରିବା ଭଳି ସାତ ଦଫା ଦାବି ପୂରଣ ପାଇଁ ଆଗାମୀ ସାତ ଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଆଳି ସିଡ଼ିପିଓଙ୍କ ନିକଟରେ ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଲିଖିତ ଅଭିଯୋଗ କରଥିଲେ। ଯଦି ସମୟସୀମା ମଧ୍ୟରେ ଦାବି ପୂରଣ ନହୁଏ ତେବେ ଆସନ୍ତା ୨୦ତାରିଖରେ ଅଭିଯୋଗକାରୀ ଶ୍ରୀ ଆଚାର୍ଯ୍ୟଙ୍କ ସମେତ ବହୁ ସାମାଜିକ କର୍ମୀ ଓ ବ୍ୟକ୍ତି ବିଶେଷ ଆଳି ସିଡ଼ିପିଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏସମ୍ପର୍କରେ ଦୁଷ୍ମନ୍ତ କେନ୍ଦ୍ରାପଡା ଉପଜିଲ୍ଲାପାଳ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ଅବଗତ କରିଥିବା ସୂଚନା ଦେଇଛନ୍ତି ।

● ପଡ଼ିଲା 'ଓଡ଼ିଶା ଜନତା କଂଗ୍ରେସ'ର ମୂଳଦୂଆ

# ଭୁବନେଶ୍ୱରରୁ ମୋକିମଙ୍କ ରଣହୁଙ୍କାର

## ଆଗକୁ ଯୁବବର୍ଗ ନେବେ ନେତୃତ୍ୱ



ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ରାଜ୍ୟରେ ଆଜି ଆଉ ଏକ ଆଞ୍ଚଳିକ ଦଳର ମୂଳଦୂଆ ପଡ଼ିଛି। ବିଶାଳ ସମାବେଶ କରି ମହମ୍ମଦ ମୋକିମ ଓଡ଼ିଶା ଜନତା କଂଗ୍ରେସ ଦଳର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କୁ ଟାର୍ଗେଟ କରିବା ସହ ସେ ପୌର ଓ ପଞ୍ଚାୟତ ନିର୍ବାଚନ ଲଢ଼ିବାକୁ ଘୋଷଣା କରିଛନ୍ତି। ଆଜିର ସମାବେଶରେ ଯୋଗଦେଇ କଂଗ୍ରେସରୁ ନିଲମ୍ବିତ ବିଧାୟିକା ସୋଫିଆ ଫିର୍ଦୌସ ପୁଣି ଚର୍ଚ୍ଚା ବଢ଼ାଇଛନ୍ତି। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଏକ ବିଶାଳ ସମାବେଶର ଆୟୋଜନ କରି ଓଡ଼ିଆଙ୍କ ପାଇଁ ଓଡ଼ିଶା ନାରା ଦେଇ ଅଭିଯାନ ଆରମ୍ଭ କରିଛନ୍ତି। ସଭାମଞ୍ଚରୁ ରଣହୁଙ୍କାର ଦେଇ ମୋକିମ କହିଛନ୍ତି ଓଡ଼ିଆଙ୍କ ହକ୍ ପାଇଁ ଲଢ଼ିବ 'ଓଡ଼ିଶା ଜନତା କଂଗ୍ରେସ'। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ସେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି। ଏଥିସହ ସେ ଉଭୟ ଶାସକ ଓ ବିରୋଧୀ ଦଳ ଉପରେ ବର୍ଷିଛନ୍ତି।

ସେ କହିଛନ୍ତି ଯେ, ମୋ ବିଚାରଧାରାକୁ ନେଇ କଂଗ୍ରେସ ଗଣ୍ଡି ଭିତରେ କାମ କରିପାରିଲି ନାହିଁ। ସ୍ୱାଧୀନତା ସଂଗ୍ରାମୀଙ୍କ ଲିଗାସୀରୁ ଓଡ଼ିଶା ସୃଷ୍ଟି ହୋଇଛି। ବିଗତ ସରକାରରେ ରାଜ୍ୟରେ ତାମିଲନାଡୁ କଣ୍ଟ୍ରାକ୍ଟର ଓ ବାହାର ରାଜ୍ୟର ପୁଞ୍ଜିପତି ରାଜ୍ୟକୁ ଶୋଷଣ କରୁଥିଲେ। ସେ ସରକାର ଏବଂ ବର୍ତ୍ତମାନର ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସରକାର ପରିବର୍ତ୍ତନ ହେଲା କିନ୍ତୁ ଢାଞ୍ଚାରେ ପରିବର୍ତ୍ତନ ହେଲା ନାହିଁ। ତାମିଲନାଡୁ ପରେ ଗୁଜୁରାଟ ଢାଞ୍ଚା ଆସିଛି ବୋଲି ସେ ଆକ୍ଷେପ କରିଛନ୍ତି। ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ ବିଧାୟିକା ସୋଫିଆ ଫିର୍ଦୌସ। ବାପାଙ୍କୁ ସହଯୋଗ କରିବାକୁ ଆସିଛନ୍ତି ବୋଲି ସୋଫିଆ କହିଥିଲେ।

# ସବୁ ପୌରସଂସ୍ଥାରେ କାର୍ଯ୍ୟକାରୀ ହୋଇଛି 'ଓସୱାସ'

ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ଡିଜିଟାଲ ରୂପାନ୍ତରଣ ମାଧ୍ୟମରେ ସହରାଞ୍ଚଳ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଐତିହାସିକ ସଫଳତା ପାଇଛି। ରାଜ୍ୟର

**ଡିଜିଟାଲ ପ୍ରଶାସନ କ୍ଷେତ୍ରରେ ବିଭାଗର ନୂଆ ମାଇଲଖୁଣ୍ଟ**



ସମସ୍ତ ୧୧୫ଟି ପୌରସଂସ୍ଥାରେ 'ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍' (ଓସୱାସ) ସଫଳତାର ସହ କାର୍ଯ୍ୟକ୍ଷମ ହୋଇଛି। ଏହି ପଦକ୍ଷେପ ପାରମ୍ପରିକ କାଗଜପତ୍ରଭିତ୍ତିକ ପ୍ରଣାଳୀକୁ ପରିବର୍ତ୍ତନ କରି ଏକ ସମନ୍ୱିତ, ଦକ୍ଷ ଓ ସ୍ୱଚ୍ଛ ଡିଜିଟାଲ କାର୍ଯ୍ୟଧାରା ସ୍ଥାପନ କରିଛି।

ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌରପାଳିକା ଓ ୬୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି)ରେ ଓସୱାସ ପ୍ଲାଟଫର୍ମ ଲାଗୁ ହୋଇଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ୍)ର ବୈଷୟିକ ସହଯୋଗ ଓ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ସମର୍ଥନରେ ବିକଶିତ ଏହି ପ୍ଲାଟଫର୍ମ ସରକାରୀ ଫାଇଲ ପରିଚାଳନାକୁ ସମ୍ପୂର୍ଣ୍ଣ ଡିଜିଟାଲ କରିଛି। ଏହା ମାଧ୍ୟମରେ ଫାଇଲ ଗତିବିଧିର ରିଅଲ-ଟାଇମ୍ ଟ୍ରାକିଂ, ଦ୍ରୁତ ନିଷ୍ପତ୍ତି ଏବଂ ସମୟବଦ୍ଧ ସେବା ପ୍ରଦାନ ସମ୍ଭବ ହୋଇପାରିଛି।

ଏହି ସଂସ୍କାରର ଗୁରୁତ୍ୱ ଉଲ୍ଲେଖ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଓସୱାସ ଆମ ସହରାଞ୍ଚଳ ପ୍ରଶାସନକୁ ଆଧୁନିକ ଓ ଦକ୍ଷ କରିବାରେ ଏକ ମୁଖ୍ୟ ପଦକ୍ଷେପ। ଏହାଦ୍ୱାରା ସ୍ୱଚ୍ଛତା, କ୍ଷିପ୍ରତା ଓ ଉତ୍ତରଦାୟିତ୍ୱ ବଢ଼ିବା ସହ ନାଗରିକ ସେବାର ଗୁଣତ୍ତ୍ୱ ଉନ୍ନତ ହେବ। ପୂର୍ବରୁ ପୌର ପ୍ରଶାସନରେ ମାନୁଆଲ ଫାଇଲ ପରିଚାଳନା ଓ ଅସମନ୍ୱିତ କାର୍ଯ୍ୟଧାରା ଦ୍ୱାରା ବିଳମ୍ବ ଓ ଅକ୍ଷମତା ଦେଖାଯାଉଥିଲା। ଓସୱାସ ଏହି ସମସ୍ୟାର ସମାଧାନ କରି ଏକ ମାନକ ପ୍ରଣାଳୀ, ଡିଜିଟାଲ ଅଡିଟ୍ ଟ୍ରେଲ୍ ଏବଂ ସ୍ୱୟଂଚାଳିତ କାର୍ଯ୍ୟଧାରାକୁ ପ୍ରଚଳିତ କରିଛି, ଯାହା ଶାସନରେ ଶୃଙ୍ଖଳା ଓ ସ୍ୱଚ୍ଛତା ଆଣିଛି।

ଏହି ପ୍ରକଳ୍ପକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଇଥିଲା।ପ୍ରଥମେ ପ୍ରକ୍ରିୟା ଅଧ୍ୟୟନ, ପରେ ସିଷ୍ଟମ ଡିଜାଇନ୍, କ୍ଷମତା ବୃଦ୍ଧି ତାଲିମ ଓ ପାଇଲଟ୍ ପରୀକ୍ଷା। ଏହାପରେ ରାଜ୍ୟବ୍ୟାପୀ ରୋଲଆଉଟ୍ ମାଧ୍ୟମରେ ସମସ୍ତ ପୌରସଂସ୍ଥାରେ ସଫଳ ଭାବେ ଏହାକୁ ଲାଗୁ କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଓସୱାସ କେବଳ ଏକ ଆଇଟି ପ୍ଲାଟଫର୍ମ ନୁହେଁ, ଏହା ଏକ ବ୍ୟାପକ ପ୍ରଶାସନିକ ସଂସ୍କାର। ଏହା ରିଅଲ-ଟାଇମ୍ ମନିଟରିଂ ଓ ତଥ୍ୟଭିତ୍ତିକ ନିଷ୍ପତ୍ତିକୁ ସମ୍ଭବ କରି ସେବା ପ୍ରଦାନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବ। ଓସୱାସର ରିଅଲ-ଟାଇମ୍ ଡ୍ୟାସବୋର୍ଡ ମାଧ୍ୟମରେ ଫାଇଲର ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି, ଯାହା ପ୍ରଶାସନିକ ବିଳମ୍ବକୁ କମାଇବା ସହ ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିଛି।

ଏହି ସଂସ୍କାର ଫଳରେ ଶୀଘ୍ର ଫାଇଲ ନିଷ୍ପତ୍ତି, ସ୍ୱଚ୍ଛ ପ୍ରଶାସନ, ଦସ୍ତାବିଜର ସହଜ ଉପଲବ୍ଧତା ଓ ଏକ ଶକ୍ତିଶାଳୀ ଡିଜିଟାଲ ଶାସନ ଭିତ୍ତିଭୂମି ସ୍ଥାପିତ ହୋଇଛି। ଏହା ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଅଧିକ ଦକ୍ଷ, ଉତ୍ତରଦାୟୀ ଓ ଲୋକାଭିମୁଖୀ କରିଛି। ନିକଟରେ ଗଠିତ ନୂତନ ପୌରସଂସ୍ଥା ବ୍ୟତୀତ ଅନ୍ୟ ସମସ୍ତ ପୌରସଂସ୍ଥାରେ ଓସୱାସ କାର୍ଯ୍ୟକ୍ଷମ ହେବା ସହ ଓଡ଼ିଶା ଡିଜିଟାଲ ଶାସନ ସଂସ୍କାରରେ ଦେଶ ପାଇଁ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। 'ବିକଶିତ ଓଡ଼ିଶା' ଲକ୍ଷ୍ୟ ସାଧନରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

# ଓଏଏସ୍ ଓ ଓଆରଏସ୍ ଅଧିକାରୀଙ୍କ ପାଇଁ ନୂଆ ବଦଳି ନୀତି

**ସେବାର ପ୍ରଥମ ୬ବର୍ଷ ମଧ୍ୟରେ କ୍ଷେତ୍ରରେ କାର୍ଯ୍ୟ କରିବାକୁ ବାଧ୍ୟ**

**କାଉନସେଲିଂ ଏବଂ ପ୍ରଥମ ପୋଷ୍ଟିଂ ସମୟରେ କେବିକେ ଜିଲ୍ଲା ପଦବୀ ପୂରଣକୁ ପ୍ରାଥମିକତା**

**ବଦଳି ନିମନ୍ତେ କୌଣସି ପ୍ରତ୍ୟକ୍ଷ ଅବା ପରୋକ୍ଷ ସୁପାରିଶ୍ ପାଇଁ ନିଷେଧାଦେଶ ଜାରି**

ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରଶାସନକୁ ଅଧିକ ପ୍ରଭାବଶାଳୀ, ସ୍ୱଚ୍ଛ ଓ ଦାୟିତ୍ୱସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଗ୍ରୁପ୍- ଏ (କନିଷ୍ଠ ବର୍ଗ) ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍) ଅଧିକାରୀଙ୍କ ବଦଳି ଓ ପୋଷ୍ଟିଂ ସମ୍ପର୍କିତ ନୀତି ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ନୂତନ ନିୟମ ଅନୁଯାୟୀ, ପ୍ରତିବର୍ଷ ୧୫ ଏପ୍ରିଲ୍ ଠାରୁ ୧୫ ଜୁନ୍ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟ ସମ୍ପାଦିତ ହେବ। ଏହା ବ୍ୟତୀତ ଅନ୍ୟ ସମୟରେ ବଦଳି ପାଇଁ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କ ପଦବୀରେ ରହିବା ସମୟ ସର୍ବନିମ୍ନ ୨ ବର୍ଷ ଓ ସର୍ବାଧିକ ୩ ବର୍ଷ ହେବ। ତେବେ ପ୍ରଶାସନିକ ଆବଶ୍ୟକତା ଏବଂ ଜନସ୍ୱାର୍ଥ ପରିପ୍ରେକ୍ଷୀରେ ଏହାର ପୁନର୍ବିଚାର ହୋଇପାରିବ। ବଦଳି ଆଦେଶ ପାଇବାର ୭ ଦିନ ମଧ୍ୟରେ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ଉପର ଅଧିକାରୀଙ୍କ ଦ୍ୱାରା ରିଲିଫ୍ କରାଯିବ। ନହେଲେ ଅଷ୍ଟମ ଦିନରୁ ଆଦେଶକ୍ରମେ ରିଲିଭ୍ ହୋଇଛନ୍ତି ବୋଲି ଧରାଯିବ। ଅଧିକାରୀମାନଙ୍କୁ ନୂତନ ପୋଷ୍ଟିଂ ସ୍ଥାନରେ ୭ ଦିନ ମଧ୍ୟରେ ଯୋଗଦେବାକୁ ପଡ଼ିବ। କୌଣସି ବି ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ ନିରନ୍ତର ରହିପାରିବେ ନାହିଁ ଏବଂ ସମୁଦାୟ ସେବା ଅବଧିରେ ୧୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିପାରିବେ ନାହିଁ। ଅଧିକାରୀମାନଙ୍କ ପାଇଁ ନିଜ ଘରୋଇ ଜିଲ୍ଲାରେ ନିଯୁକ୍ତି ନିମନ୍ତେ ନିଷେଧାଦେଶ ଜାରି କରାଯାଇଛି; ମାତ୍ର ଅବସର ପୂର୍ବରୁ ବିଶେଷ ପରିସ୍ଥିତିରେ ଏ ସମ୍ପର୍କରେ ଛାଡ ମିଳିପାରେ। ସେହିପରି ୪୦% କିମ୍ବା ତା'ଠାରୁ ଅଧିକ ଦିବ୍ୟାଙ୍ଗ ଥିବା ଅଧିକାରୀଙ୍କ ବଦଳି ତାଙ୍କ ଅନୁରୋଧ ଅନୁଯାୟୀ ବିଚାର କରାଯିବ। ଦମ୍ପତିମାନଙ୍କ ମାମଲାରେ ନିକଟସ୍ଥ ସ୍ଥାନରେ ପୋଷ୍ଟିଂ ସମ୍ପର୍କରେ ବିଚାର କରାଯିବ; ମାତ୍ର ଏହାକୁ ଅଧିକାର ଭାବେ କେହି ଦାବି କରିପାରିବେ ନାହିଁ। କେବିକେ ଅଞ୍ଚଳରେ ସେବାକୁ ଗୁରୁତ୍ୱ ଦେଇ ସେଠାରେ ଅନ୍ୟୁନ ୩ ବର୍ଷ କାର୍ଯ୍ୟ ପୂରଣ କଲେ ଅନ୍ୟ ଜିଲ୍ଲାକୁ ବଦଳି ବିଚାର କରାଯିବ।

# ଜଳୁଛି ଜଙ୍ଗଲ, ମୂଲ୍ୟବାନ ଗଛ ପୋଡ଼ି ଛାରଖାର



ମୋହନା, ୧୫।୪(ସଂଚାର ବ୍ୟୁରୋ): ହୁତୁହୁତୁ ହୋଇ ଜଳୁଛି ନାରଙ୍ଗୀ ଜଙ୍ଗଲ। ମୋହନା ସଦର ମହକୁମାସ୍ଥିତ ନାରଙ୍ଗୀ ଜଙ୍ଗଲରେ ଲାଗିଛି ନିଆଁ। ନିଆଁର ଆଁରେ ଜଳିପୋଡ଼ି ଛାରଖାର ହୋଇଯାଉଛି ମୂଲ୍ୟବାନ ଓ ଔଷଧୀୟ ଗଛ। ବନ୍ୟପ୍ରାଣୀଙ୍କ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି। ସମ୍ପ୍ରତି ଗ୍ରୀଷ୍ମପ୍ରବାହ ବ୍ୟାପକ ହେଉଥିବା ବେଳେ ଜଙ୍ଗଲରେ ଲାଗିଥିବା ନିଆଁ ତାତିରେ ଏହା ବହୁଗୁଣିତ ହୋଇଛି। ଗଜପତି ଜିଲ୍ଲା ମୋହନା ସଦର ମହକୁମାସ୍ଥିତ ନାରଙ୍ଗୀ ଜଙ୍ଗଲରେ ଲାଗିଥିବା ନିଆଁ ଲିଭିବାର ନାଁ ନେଉନାହିଁ। ସେହିପରି ନିଆଁରେ ପୋଡ଼ି ହୋଇ ଅନେକ ନିରୀହ ପଶୁପକ୍ଷୀଙ୍କ ଜୀବନ ଯାଉଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ମୋହନାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ରେକର୍ଡ କରାଯାଇଥିବା ବେଳେ ଜଙ୍ଗଲର ନିଆଁ ତାତିକୁ ଆହୁରି ବଢ଼ାଇ ଦେଉଛି। ଫଳରେ ଜୀବନଯାପନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ବନ ବିଭାଗର ସଚେତନତା ସତ୍ତ୍ୱେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇଦେଉଥିବା ଅନୁମାନ କରାଯାଉଛି।

# ୟୁନିଫର୍ମ ସେବା କର୍ମଚାରୀ ଆୟୋଗର ୨ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ଗୃହ, ଅବକାରୀ, ଜଙ୍ଗଲ, ବାଣିଜ୍ୟ ଓ ପରିବହନ ଆଦି ବିଭାଗରେ ଥିବା ବିଭିନ୍ନ ୟୁନିଫର୍ମ ସର୍ଭିସରେ ନିଯୁକ୍ତି ପାଇଁ ରାଜ୍ୟ ସରକାର ଗଠନ କରିଥିବା ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଆୟୋଗର ଦୁଇ ଜଣ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତି ଦେଇଛନ୍ତି। ତ୍ରୈଲୋକ୍ୟନାଥ ଖୁଣ୍ଟିଆ ଓ କଲ୍ୟାଣ କୁମାର ରଥଙ୍କୁ ୟୁନିଫର୍ମ ସେବା କର୍ମଚାରୀ ଆୟୋଗର ସଦସ୍ୟ ଭାବେ ଆଜି ନିଯୁକ୍ତି ଦିଆଯାଇଛି। ଶ୍ରୀ ଖୁଣ୍ଟିଆ ହେଉଛନ୍ତି ସିଆରପିଏଫର ପୂର୍ବତନ ଆଇଜି ଓ ଶ୍ରୀ ରଥ ବର୍ତ୍ତମାନ ମୁଖ୍ୟ ଶାସନ ସଚିବଙ୍କ ଓଏସଡି ଭାବେ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ଜାମ୍ମୁ-କାଶ୍ମୀରର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ଏହି ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଆୟୋଗର ଅଧ୍ୟକ୍ଷ ଓ ଦୁଇଟି ସଦସ୍ୟ ପଦବୀ ପୂରଣ ହେବା ଦ୍ୱାରା ରାଜ୍ୟର ୟୁନିଫର୍ମ ସେବା ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ପ୍ରକାଶ କରିଛନ୍ତି। ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ଜରିଆରେ ଗୃହ ବିଭାଗ, ଅବକାରୀ ବିଭାଗ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ଥିବା ବିଭିନ୍ନ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରାଯିବ।

● ବିଜୁବାବୁଙ୍କ ମହାପ୍ରୟାଣ ଦିବସରେ ସ୍ମୃତି ସଭା

## ଉନ୍ମୋଚିତ ହେବ ବିଜୁବାବୁଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ଆସନ୍ତା ୧୭ ତାରିଖରେ ରାଜଧାନୀରେ ପାଳିତ ହେବ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ମହାପ୍ରୟାଣ ଦିବସ। ଏହି ଅବସରରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ କାର୍ଯ୍ୟାଳୟରେ ଉକ୍ତଦିନ ସନ୍ଧ୍ୟାରେ ଆୟୋଜିତ ହେବ ଏକ ବିଶେଷ ସ୍ମୃତି ସଭା। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମଧ୍ୟ ଉନ୍ମୋଚିତ ହେବ ବୋଲି ଆଜି ଏଠାରେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପୂର୍ବତନ ଅର୍ଥ ମନ୍ତ୍ରୀ ତଥା ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଉକ୍ତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବେ। ସମାଜସେବୀ ଓ ଜନପ୍ରିୟ ନେତା ଭାବେ ପରିଚିତ ବିଜୁବାବୁଙ୍କ ସ୍ମୃତିରେ ଏହି ମହାପ୍ରୟାଣ ଦିବସ ପାଳନ କରାଯାଉଥିବା



ବେଳେ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେବାକୁ ଥିବା ସ୍ମୃତିସଭାରେ ସମାଜର ବିଭିନ୍ନ କ୍ଷେତ୍ରର ପ୍ରମୁଖ ବ୍ୟକ୍ତିବିଶେଷ, ସମାଜସେବୀ ଓ ଶୁଭଚିନ୍ତକ ଯୋଗଦେବେ। ବିଜୁବାବୁଙ୍କ ଆଦର୍ଶ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରି ଟ୍ରଷ୍ଟ ପକ୍ଷରୁ ଦୀର୍ଘଦିନ ଧରି ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟ କରାଯାଇଆସୁଛି। ବିଶେଷ ସ୍ମୃତିସଭା ମାଧ୍ୟମରେ ବିଜୁବାବୁଙ୍କ ଚିନ୍ତାଧାରାକୁ ଆଗକୁ ନେବାର ଉଦ୍ଦେଶ୍ୟ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯିବା ସହ କାର୍ଯ୍ୟକ୍ରମରେବହୁ ମାତ୍ରାରେ ଯୋଗଦେବା ସକାଶେ ଆହ୍ୱାନ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଜେଡିର ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଏଣିକି ନୂଆ ଗାଡ଼ି କିଣିଲେ ପାର୍କିଂ ସାର୍ଟିଫିକେଟ୍ ବାଧ୍ୟତାମୂଳକ

● ନଗର ଉନ୍ନୟନ ବିଭାଗ ଆଣିବ କଡ଼ା ନିୟମ

ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ଖୋଦ୍ ନଗର ଉନ୍ନୟନ ବିଭାଗ ଆଣିବାକୁ ଯାଉଛି ଏଥିପାଇଁ ଓଡ଼ିଶା ଅର୍ବାନ ପାର୍କିଂ ପଲିସି-୨୦୨୬। ଚିଠା ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି-ରାଜ୍ୟର ସମସ୍ତ ସହରରେ ଏ ନୀତି କାର୍ଯ୍ୟକାରୀ ହେବ। ଯଦ୍ୱାରା ଯାନବାହନ ପଞ୍ଜୀକରଣ ପୂର୍ବରୁ ପାର୍କିଂ ବ୍ୟବସ୍ଥାର ପ୍ରମାଣ ଦେବାକୁ ପଡ଼ିବ। ତା'ଛଡ଼ା ଅନଧିକୃତ ପାର୍କିଂ ଉପରେ ବି କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଡ୍ରାଫ୍ଟ ପଲିସିରେ ପ୍ରାବଧାନ ରହିଛି। ଯେମିତିକି ମନଇଚ୍ଛା ପାର୍କିଂ କଲେ ଜରିମାନା ସାଙ୍ଗକୁ କଡ଼ା କଡ଼ା କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ। ସଂକୀର୍ଣ୍ଣ ରାସ୍ତାରେ ପାର୍କିଂ ସଂପୂର୍ଣ୍ଣ ନିଷେଧ ହେବ। ୧୨ ମିଟରରୁ କମ୍ ଓସାରର ରାସ୍ତାରେ ପାର୍କିଂକୁ ଆଦୌ ଅନୁମତି ମିଳିବ ନାହିଁ। ସ୍ଥାନ, ସମୟ ଓ ଚାହିଦା ଅନୁଯାୟୀ ସହରର ବିଭିନ୍ନ ସ୍ଥାନରେ ଅଲଗା ଅଲଗା ପାର୍କିଂ ଶୁଳ୍କ ନିର୍ଦ୍ଧାରଣ ହେବ। ବ୍ୟସ୍ତବହୁଳ ଅଞ୍ଚଳରେ ଅଧିକ ଫି' ଦେବାକୁ ହେବ। ଏଥିସହ ନୂଆ ନୀତିରେ ପବ୍ଲିକ୍ ଟ୍ରାନ୍ସପୋର୍ଟକୁ ଅଧିକ ପ୍ରୋତ୍ସାହନ ଦିଆଯିବ। ବସ୍‌ରେ ଯାତାୟାତକୁ ଗୁରୁତ୍ୱ ଦିଆଯିବା ସହ ସାଇକେଲ୍ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ନୂଆ ପାର୍କିଂ ସ୍ଥଳରେ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ସୁବିଧା ଅନିବାର୍ଯ୍ୟ କରାଯିବ। ପାର୍କିଂରୁ ଆଦାୟ ରାଶିକୁ ଚଲାପଥ, ସାଇକେଲ୍ ଲେନ୍, ପବ୍ଲିକ୍ ଟ୍ରାନ୍ସପୋର୍ଟ ଓ ସହର ଢାଞ୍ଚା ଉନ୍ନତିରେ ବ୍ୟୟ କରାଯିବ। ଏହାଛଡ଼ା ଅଫ୍-ଷ୍ଟ୍ରିଟ୍ ପାର୍କିଂକୁ ପ୍ରୋତ୍ସାହନ ଦିଆଯିବ, ଏଥିପାଇଁ ଫି' ୨୫ ପ୍ରତିଶତ ଶସ୍ତା କରାଯିବ। ସ୍ମାର୍ଟ ପାର୍କିଂ ପ୍ରଣାଳୀରେ ମୋବାଇଲ୍ ଆପ୍, ରିଅଲ୍-ଟାଇମ୍ ସ୍ଲଟ୍ ସୂଚନା, ଡିଜିଟାଲ୍ ପେମେଣ୍ଟ ଓ ଅଟୋମେଟେଡ୍ ସିଷ୍ଟମ୍ ଲାଗୁ କରାଯିବ, ଯାହାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

● ଝାଡ଼ାବାନ୍ତିରେ ଆଶ୍ରମ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# କାକବନ୍ଧରେ ପହଞ୍ଚିଲା କଂଗ୍ରେସ ପ୍ରତିନିଧି ଦଳ



ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସର ଏକ ୬ ଜଣିଆ ପ୍ରତିନିଧି ମଣ୍ଡଳୀ ବାରିପଦାର କାକବନ୍ଧ ଆଶ୍ରମ ସ୍କୁଲ ଗସ୍ତ କରିଛନ୍ତି। ସେମାନେ ପ୍ରଥମେ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଛାତ୍ରୀମାନଙ୍କୁ ଦେଖା କରି ସେମାନଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ପରେ ଲୁଣଚାଟି ଗାଁକୁ ଯାଇ ରୂପାଲୀଙ୍କ ପରିବାର ବର୍ଗ ଓ ବାପାମା'ଙ୍କୁ ଭେଟି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ସେହିପରି ସେମାନେ କାକବନ୍ଧ ଆଶ୍ରମ ସ୍କୁଲକୁ ଯାଇ ସ୍କୁଲର ଶିକ୍ଷକ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ।

ସୂଚନାଯୋଗ୍ୟ, ଗତକାଲି ଛାତ୍ରୀ ରୂପାଲୀ ବେସ୍ରାଙ୍କ ମୃତ୍ୟୁ ପରେ ସ୍ଥାନୀୟ ବାସିନ୍ଦାମାନଙ୍କ ଭିତରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଉତ୍ତେଜନାକୁ ଧୈର୍ଯ୍ୟର ସହିତ ମୁକାବିଲା କରିବା ପୋଲିସ ତଥା ପ୍ରଶାସନ ପାଖରୁ ଆଶା କରାଯାଉଥିଲା।ମାତ୍ର ତା' ପରିବର୍ତ୍ତେ ପୁଲିସ ସାଧାରଣ ଜନତାଙ୍କ ଉପରେ ଲାଠି ପ୍ରହାର କରିବା ଓ ଲୋକଙ୍କ ନାମରେ ମିଥ୍ୟା କେଶ ଦାୟର କରାଯାଇଛି। ଏହାକୁ କଂଗ୍ରେସ ଦଳ ଦୃଢ଼ ନିନ୍ଦା କରିବା ସହିତ ସାଧାରଣ ଜନତାଙ୍କ ବିରୋଧରେ ଦାଏର ସମସ୍ତ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛି। ଏଥିସହ ମୃତ ଛାତ୍ରୀଙ୍କ ପରିବାରକୁ ସରକାର ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହ ବାପା କିମ୍ବା ମା'ଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ବି ଦାବି କରାଯାଇଛି। ଏହାଛଡ଼ା ସରକାର ଅସୁସ୍ଥ ଛାତ୍ରଛାତ୍ରୀଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବାକୁ ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ଦାବି କରିଛନ୍ତି। ଏଥିସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ଅଫିସର ଓ ସ୍କୁଲର ଶିକ୍ଷକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି। ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ, ଆଶ୍ରମ ସ୍କୁଲଗୁଡ଼ିକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ଖାଦ୍ୟର ମାନ ଓ ସ୍କୁଲ ପରିଚାଳନା କ୍ଷେତ୍ରରେ ଚରମ ଅବହେଳା ଦେଖିବାକୁ ମିଳୁଛି। ଏହାର ତୁରନ୍ତ ପ୍ରତିକାର କରିବାକୁ ଦଳ ଦାବି କରିଛି।

● କୋମାରେ ଏନଫୋର୍ସମେଣ୍ଟ ବିଭାଗ

# ପାର୍କିଂ ସ୍ଥଳ ଏବେ ଭେଣ୍ଡିଂଜୋନ୍



କଟକ, ୧୫।୪(ସଂଚାର ବ୍ୟୁରୋ): କଟକ ସହରରେ ଜନସାଧାରଣଙ୍କ ପାଇଁ ସିଏମସି ୨୩ଟି ପାର୍କିଂ ସ୍ଥଳ ଚିହ୍ନଟ କରି ଚଳିତ ବର୍ଷ ନିଲାମ କରିଥିଲେ ସୁଦ୍ଧା ଏଥିମଧ୍ୟରୁ କେତେକ ପାର୍କିଂ ସ୍ଥଳକୁ ନିଲାମଧାରୀ ନିଲାମ ନେଇ ସେଠାରେ ଭଡ଼ା ସୂତ୍ରରେ ବ୍ୟବସାୟ ପାଇଁ ଦେଉଛନ୍ତି। ଫଳତଃ ପାର୍କିଂ ସକାଶେ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। କଟକ ମହାନଗର ନିଗମ ନିଲାମ କରିବା ପୂର୍ବରୁ ପାର୍କିଂ ସ୍ଥଳ ପାଇଁ ସୀମା ନିର୍ଦ୍ଧାରଣ କରିବା ସହ ସେଠାରୁ ଜବରଦଖଲ ଉଚ୍ଛେଦ ନିୟମ ରହିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଏଥିପ୍ରତି ନିରବ ରହୁଥିବା ଅନେକଙ୍କୁ ସନ୍ଦେହରେ ପକାଇଛି।

କଟକ କଲେଜ ଛକ ପେଟ୍ରୋଲ ପମ୍ପ ସମ୍ମୁଖ, ବମ୍ବେ ହୋଟେଲ ସମ୍ମୁଖ ଓ ଅରବିନ୍ଦ ଲଜିଂ ସମ୍ମୁଖରେ ଥିବା ପାର୍କିଂ ସ୍ଥଳରେ ନିଲାମଧାରୀମାନେ ଭଡ଼ା ସୂତ୍ରରେ ଉଠାଦୋକାନୀମାନଙ୍କୁ ଦେଇଛନ୍ତି। ଫଳତଃ ସେଠାରେ ଭେଣ୍ଡିଂଜୋନର ଭ୍ରମ ସୃଷ୍ଟି ହେଉଛି। ପାର୍କିଂ ସ୍ଥଳରେ ଉଠା ଦୋକାନ ଭରିଯାଇଥିବାରୁ ଲୋକେ ଯାନବାହନ ପାର୍କିଂ କରିପାରୁନାହାନ୍ତି ଓ ଟ୍ରାଫିକ୍ ସମସ୍ୟା ମଧ୍ୟ ଗୁରୁତର ହେଉଛି। ସେହିପରି ଆଖପାଖରେ ଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ସ୍କୁଲ କଲେଜ, ଏସସିବି ମେଡିକାଲ, ଘରୋଇ ହସ୍ପିଟାଲ୍‌କୁ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। ଚଳିତ ବର୍ଷ କଲେଜ ଛକର ୩ଟି ପାର୍କିଂ ସ୍ଥଳ ସହ ଅନେକ ପାର୍କିଂ ସ୍ଥାନରେ ବେଆଇନ ଭାବେ ଦୋକାନ ଘର ଭଡ଼ା ସୂତ୍ରରେ ଦିଆଯାଇଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସିଏମସି ଏନ୍‌ଫୋର୍ସମେଣ୍ଟ ବିଭାଗୀୟ ଅଧିକାରୀ ନିରବତା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ପାର୍କିଂ ସ୍ଥାନ ଭେଣ୍ଡିଂଜୋନରେ ପରିଣତ ହୋଇଯାଇଛି। ଆଗାମୀ ଦିନରେ ସିଏମସି ପକ୍ଷରୁ ପାର୍କିଂ ସ୍ଥାନ ସୀମା ନିର୍ଦ୍ଧାରଣ ସହ ବେଆଇନ ଜବରଦଖଲ ଉଚ୍ଛେଦ କରାନଗଲେ ବୁଦ୍ଧିଜୀବୀମାନେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି।

ବିଜୁବାବୁଙ୍କ ସ୍ୱପ୍ନ, ନବୀନ ବାବୁଙ୍କ ଉଦ୍ୟମ ଫଳପ୍ରଦ ହେଉଛି

# ମହିଳା ସଶକ୍ତୀକରଣ ପ୍ରଚାର ସର୍ବସ୍ୱ ନହେଉ

● ୨୦୧୮ରେ ଓଡ଼ିଶା ବିଧାନସଭାରେ ମହିଳା ସଂରକ୍ଷଣ ବିଲ୍ ପାରିତ ହୋଇଥିଲା

● ୨୨ ଜାତୀୟ ଓ ଆଞ୍ଚଳିକ ଦଳଙ୍କ ସମର୍ଥନ ଲୋଡ଼ିଥିଲା ବିଜେଡି

ଅନୁଷ୍ଠିତ ହୋଇଛି। ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏଥିରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଆବହମାନ କାଳରୁ ଓଡ଼ିଆ ସଂସ୍କୃତିରେ ମାତୃ ଉପାସନା ପରମ୍ପରା ରହିଆସିଛି। ସ୍ୱାଧୀନତା ସଂଗ୍ରାମରେ



ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ମହିଳା ସଶକ୍ତିକରଣର ମହାନାୟକ, ପ୍ରବାଦ ପୁରୁଷ ବିଜୁବାବୁଙ୍କ ପୁଣ୍ୟ ତିଥିର ଅବ୍ୟବହିତ ପୂର୍ବରୁ ଆଜି ଶଙ୍ଖ ଭବନଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ମହିଳାଙ୍କ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରି ପ୍ରବାଦ ପୁରୁଷ ବିଜୁବାବୁ ମହିଳା ସଶକ୍ତୀକରଣର ବାର୍ତ୍ତାବହ ଭାବେ କାର୍ଯ୍ୟ କରୁଥିଲେ ବୋଲି କହିଥିଲେ। ୨୯ତମ ତିରୋଧାନ ଦିବସ ଆସନ୍ତା ୧୭ରେ ଦଳ ପକ୍ଷରୁ 'ପ୍ରବାଦ ପୁରୁଷ ଦିବସ' ଭାବେ ରାଜ୍ୟବ୍ୟାପୀ ପାଳିତ ହେବ ବୋଲି ସେ କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ, ଦଳର ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ ୯୦ ଦଶକରେ ବିଜୁବାବୁ ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ ଭଳି ଐତିହାସିକ ପଦକ୍ଷେପ ନେଇଥିଲେ। ବର୍ତ୍ତମାନର ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ଅସମର୍ଥ ଥିବା ବେଳେ ପ୍ରଚାର ସର୍ବସ୍ୱ ଅଭିଯାନରେ ବ୍ୟସ୍ତ ଥିବା ଶ୍ରୀମତୀ ମଲ୍ଲିକ କହିଥିଲେ। ଉପସଭାପତି (ଓବିସି ସେଲ୍) ତଥା ବିଧାୟକ ଡ. ଅରୁଣ ସାହୁ ସମାଜରେ ସଶକ୍ତ ମହିଳାଙ୍କ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

# ବିଜୁଙ୍କ ଶିଳ୍ପ ସଂକ୍ରାନ୍ତରେ ନିରବ ବିଜୁ ଲିଗାସୀ

ଭୁବନେଶ୍ୱର, ୧୫।୪: ବିଜୁ ପଟ୍ଟନାୟକଙ୍କ ୨୯ତମ ପୁଣ୍ୟତିଥି ପାଳିତ ହେବାକୁ ଯାଉଥିବା ବେଳେ ତାଙ୍କ ବ୍ୟକ୍ତିତ୍ୱକୁ ନେଇ କିଛିମାସ ଧରି ଗଣମାଧ୍ୟମରେ ବିତର୍କର ଝଡ଼ ସୃଷ୍ଟି ହୋଇଛି। ଉଭୟ ସରକାରୀ ଓ ବିରୋଧିଦଳ ବିଜୁ ବାବୁଙ୍କୁ ବରପୁତ୍ର ବୋଲି ସ୍ୱୀକାର କରୁଥିବାବେଳେ ତାଙ୍କ ପ୍ରତିଷ୍ଠିତ ଚୌଦ୍ୱାରର ଓଡ଼ିଶା ଟେକ୍ସଟାଇଲ ମିଲ୍ସ (ଓଟିଏମ) ଓ ବଡ଼ବିଲର କଳିଙ୍ଗ ଆଇରନ ୱାର୍କସ୍ କେବେ ଚାଲିବ ସେଥିନେଇ ସମସ୍ତେ ନିରବ।

ଏଠାରେ ଉଲ୍ଲେଖନୀୟ ଯେ ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୯୪୬ରେ ବିଜୁବାବୁ ଚୌଦ୍ୱାରଠାରେ ଓଟିଏମ ଆରମ୍ଭ କରିଥିଲେ। ଓଟିଏମ୍‌ର ଉତ୍ପାଦିତ କପଡା ଗୋଟିଏ ସମୟରେ ଦେଶ ବିଦେଶରେ ବେଶ୍ ଆଦୃତ ହେଉଥିଲା। ଏମିତିକି ଦେଶର ବିଭିନ୍ନ ସହରରେ ଓଟିଏମ୍ କପଡା ବିକ୍ରି ପାଇଁ ସ୍ୱତନ୍ତ୍ର ଦୋକାନମାନ ରହିଥିଲା। ତେବେ ପ୍ରାୟ ୨୫ ବର୍ଷ ଧରି ଓଟିଏମ୍ ବନ୍ଦ ହୋଇ ପଡ଼ିଛି। ଏହାର ପୁନରୁଦ୍ଧାର ପାଇଁ ବାରମ୍ବାର ବିଭିନ୍ନ ମହଲରୁ ଦାବି ହେଉଥିବା ବେଳେ ସରକାରୀ ଘୋଷଣା ସତ୍ତ୍ୱେ ତାହା କିନ୍ତୁ କାର୍ଯ୍ୟକାରୀ ହୋଇପାରୁନାହିଁ।







ଓଡ଼ିଶାରେ ସରକାରୀ ଓ ବେସରକାରୀ ଉଦ୍ୟମରେ ୧୩ଟି ସୂତାକଳ ଓ ୧୩ଟି କଳତନ୍ତ ବୟନଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏସବୁର ଉତ୍ପାଦନ ବନ୍ଦହୋଇ ଯାଇଛି। ଏମିତିକି ସମବାୟ ଭିତ୍ତିରେ ପ୍ରତିଷ୍ଠା କରାଯାଇଥିବା ଅନେକ ସୂତାକଳ ଓ ଲୁଗାକଳ ବି ଦଶନ୍ଧି ଦଶନ୍ଧି ଧରି ବନ୍ଦହୋଇ ପଡିଛି। ବଜାର ବିଶେଷଜ୍ଞମାନଙ୍କ ଆକଳନ ଅନୁଯାୟୀ ଓଡ଼ିଶା ଲାଗି ବାର୍ଷିକ ପ୍ରାୟ ୪୦ହଜାର କୋଟି ଟଙ୍କାର କପଡା ଆବଶ୍ୟକ ପଡୁଥିବାବେଳେ ରାଜ୍ୟରେ ୫୦୦ କୋଟି ଟଙ୍କାର କପଡା ବି ହସ୍ତତନ୍ତ କ୍ଷେତ୍ରରେ ଉତ୍ପାଦିତ ହୋଇପାରୁନାହିଁ। ଫଳରେ କପଡ଼ା ପାଇଁ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି।

ଓଡ଼ିଶାର ସୂତାକଳ ଓ ଲୁଗାକଳରେ ଯେଉଁ କୁଶଳୀ କାରିଗରମାନେ କାମ କରୁଥିଲେ କଳ ବନ୍ଦ ହୋଇଯିବାରୁ ସେମାନଙ୍କ ରୋଜଗାର ଡୁବିଯାଇଛି। ଫଳରେ ଅନେକ କୁଶଳୀ କାରିଗର ଓ ସେମାନଙ୍କ ବଂଶଜ ଅନ୍ୟ ରାଜ୍ୟର ସୂତାକଳ ଓ ଲୁଗାକଳଗୁଡ଼ିକରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତର ପ୍ରଦେଶ ଆଦି ରାଜ୍ୟକୁ ଓଡ଼ିଆ କାରିଗର ଓ ଶ୍ରମିକମାନେ କାମ କରିବାକୁ ଯାଇ ସେଠାକାର ବୟନଶିଳ୍ପକୁ ସମୃଦ୍ଧ କରୁଛନ୍ତି।

କେବଳ ଓଟିଏମ୍ ନୁହେଁ, ବିଜୁ ପଟ୍ଟନାୟକ ପ୍ରତିଷ୍ଠା କରିଥିବା ଅନ୍ୟ ବହୁ କଳକାରଖାନା ମଧ୍ୟ ବନ୍ଦ ହୋଇ ପଡ଼ିଛି। ଓଡ଼ିଶା ସରକାରଙ୍କ ଅଗ୍ରଣୀ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ଏକଦା ସୁନାମ ଅର୍ଜନ କରିଥିବା ବଡ଼ବିଲର କଳିଙ୍ଗ ଆଇରନ ୱାର୍କସ୍ ଅନେକ ବର୍ଷ ଧରି ବନ୍ଦ ରହିଛି। ଏହାର ସମ୍ପତ୍ତି ଏବେ ଓଡ଼ିଶା ଖଣି ନିଗମ ହାତରେ ରହିଛି।

ବିଜୁବାବୁଙ୍କୁ ନେଇ ଯେଉଁ ରାଜନେତାମାନେ ବିବୃତି ଜାରି କରୁଛନ୍ତି, ସେମାନେ କିନ୍ତୁ ଓଟିଏମ୍ କିମ୍ବା କଳିଙ୍ଗ ଆଇରନ ୱାର୍କସକୁ ପୁର୍ନବାର ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚାଲୁ କରିବା ସପକ୍ଷରେ ନାହାନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗ୍ରାମାଞ୍ଚଳରେ ଶିଳ୍ପ ବିପ୍ଳବ ଲାଗି ବିଭିନ୍ନ ବ୍ଲକରେ ପଞ୍ଚାୟତ ଶିଳ୍ପମାନ ପ୍ରତିଷ୍ଠା କରାଯାଇଥିଲା। ଏବେ ସେଥିରୁ ହାତଗଣତି କେତୋଟିକୁ ଛାଡ଼ିଦେଲେ ଅନ୍ୟ ସବୁ ବନ୍ଦ ହୋଇ ପଡ଼ିଛି। ପଞ୍ଚାୟତ ଶିଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର କଞ୍ଚାମାଲ ଉପଯୋଗ କରାଯାଇ ବିଭିନ୍ନ କିସମର ଶିଳ୍ପ ଗଢ଼ିଉଠିଥିଲା। କ୍ରମଶଃ ପଞ୍ଚାୟତ ସ୍ତରରେ ଉଦ୍ୟୋଗମାନ ସ୍ଥାପନ କରିବା ବିଜୁ ପଟ୍ଟନାୟକଙ୍କ ଅନ୍ୟତମ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ଖଣିଜଭିତ୍ତିକ ଶିଳ୍ପ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବା ବେଳେ ପଞ୍ଚାୟତ ଶିଳ୍ପଗୁଡ଼ିକୁ କିନ୍ତୁ ରଗଣ କରିଦିଆଯାଇଛି। ଏଗୁଡିକର ପୁନରୁଦ୍ଧାର କରାଯାଇପାରିଲେ ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ସୁଯୋଗ ବ୍ୟାପକ ହୋଇପାରିବ ବୋଲି ଅର୍ଥନୀତି ବିଶାରଦମାନେ ମତ ଦେଉଛନ୍ତି। (ତଥ୍ୟ)



# ବିହାରରେ ସମ୍ରାଟ ଯୁଗର ଆରମ୍ଭ

- ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସମ୍ରାଟ୍ ଚୌଧୁରୀ
- ବିଜୟ ଚୌଧୁରୀ, ବିଜେନ୍ଦ୍ର ଯାଦବ ଉପମୁଖ୍ୟମନ୍ତ୍ରୀ

ପାଟନା, ୧୫।୪: ବିହାରରେ ନୀତୀଶ କୁମାରଙ୍କ ଯୁଗ ଶେଷ ହେବା ସହ ସମ୍ରାଟଙ୍କ ଯୁଗ ଆରମ୍ଭ ହୋଇଛି। ନୂଆ ମୁଖ୍ୟମନ୍ତ୍ରୀ ଭାବେ ସମ୍ରାଟ ଚୌଧୁରୀ ଆଜି ଶପଥ ନେଇଛନ୍ତି। ରାଜ୍ୟପାଳ ସୟଦ ଆତା ହସନେନ୍ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସମ୍ରାଟ ବିହାରର ୨୪ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ବିଜେପି ପକ୍ଷରୁ ସେ ପ୍ରଥମ ସିଏମ୍ ଭାବେ ବିହାରର ଭାର ସମ୍ଭାଳିବାକୁ ଯାଉଛନ୍ତି। ସେହିପରି ଜେଡିୟୁ କୋଟାରେ ବିଜୟ କୁମାର ଚୌଧୁରୀ ଏବଂ ବିଜେନ୍ଦ୍ର ପ୍ରସାଦ ଯାଦବ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ବିହାର ଲୋକ ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏନଡିଏ ଏବଂ ଜେଡିୟୁର ବହୁ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଜନତା ପାର୍ଟି ପକ୍ଷରୁ ଅଧ୍ୟକ୍ଷ ନୀତିନ ନବୀନ, କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା, ଚିରାଗ ପାସଓ୍ୱାନ ଏବଂ ଜିତନ ରାମ ମାଝୀ ନୂଆ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟସଭା ସାଂସଦ ଭାବେ ଶପଥ ନେବା ପରେ ମଙ୍ଗଳବାର ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ତାଙ୍କ କ୍ୟାବିନେଟ ଭଙ୍ଗ କରିବା ସହିତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ନୀତୀଶଙ୍କ ଇସ୍ତଫା ପରେ ପାଟ୍‌ନାସ୍ଥିତ ଦଳୀୟ ମୁଖ୍ୟାଳୟରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ଆନୁଷ୍ଠାନିକ ଭାବେ ସମ୍ରାଟ ଚୌଧୁରୀଙ୍କ ନାମକୁ ବିଧାୟକ ଦଳର ନେତା ଭାବେ ପ୍ରସ୍ତାବ ରଖିଥିଲେ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶିବରାଜ ସିଂହ ଚୌହାନ ତାଙ୍କ ନାମକୁ ସମର୍ଥନ କରିଥିଲେ। ବୈଠକରେ ସର୍ବସମ୍ମତିରେ ସମ୍ରାଟ ଚୌଧୁରୀଙ୍କୁ ବିଧାୟକ ଦଳର ନେତା ଭାବେ ନିର୍ବାଚିତ କରାଯାଇଥିଲା। ପରେ ବିଧାନସଭାର ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏ ବିଧାୟକଙ୍କ ବୈଠକ ହୋଇଥିଲା। ନୀତୀଶ କୁମାର ବୈଠକରେ ସମ୍ରାଟ ଚୌଧୁରୀଙ୍କ ଲାଗି ପ୍ରସ୍ତାବକ ସାଜିଥିଲେ। ଏନ୍‌ଡିଏ ବିଧାୟକ ଦଳର ନେତା ଭାବେ ନିର୍ବାଚିତ ହେବା ପରେ ସମ୍ରାଟଙ୍କୁ ନୀତୀଶ ଫୁଲମାଳ ପିନ୍ଧାଇଥିବା ବେଳେ ସମ୍ରାଟ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ଏହାପରେ ସମ୍ରାଟ କହିଥିଲେ ଯେ ସେ ନୀତୀଶଙ୍କଠାରୁ ରାଜନୀତି ଶିଖିଛନ୍ତି। ତାଙ୍କ ସହ କାମ କରିଛନ୍ତି । ନୀତୀଶଙ୍କ ସମୃଦ୍ଧ ବିହାରକୁ ଆଗକୁ ନେବାର କାର୍ଯ୍ୟ କରିବେ। ୧୯୯୦ ମସିହାରେ ସକ୍ରିୟ ରାଜନୀତିରେ ପାଦ ରଖିଥିବା ସମ୍ରାଟ ଚୌଧୁରୀ ଅନେକଥର ଦଳ ପରିବର୍ତ୍ତନ କରିଛନ୍ତି। ଲାଲୁ ପ୍ରସାଦ ଯାଦବଙ୍କ ଆର୍‌ଜେଡିରୁ ସେ ପ୍ରଥମେ ଜେଡିୟୁ ଏବଂ ପରେ ୨୦୧୭ରେ ବିଜେପିରେ ସାମିଲ ହୋଇଥିଲେ।

# ଆଜିଠୁ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଆଲୋଚନା

## ବିଲରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅଲଗା କରାଯାଉ: ବ୍ରିନ୍ଦା କରାତ୍

ନୂଆଦିଲ୍ଲୀ,୧୫।୪: ଆସନ୍ତାକାଲିଠାରୁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ଉପରେ ଆଲୋଚନା କରାଯିବ। ଏହି ଆଲୋଚନା ୧୮ ତାରିଖ ଯାଏ ଚାଲିବ। ଏହି ଅଧିବେଶନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କୁ ସଂରକ୍ଷଣ ପ୍ରଦାନ କରିବା ପାଇଁ 'ନାରୀ ଶକ୍ତି ବନ୍ଦନ ଆଇନ, ୨୦୨୩'ର ମାର୍ଗରେ ଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ କାର୍ଯ୍ୟକାରୀ କରିବା। ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ମହିଳା ପାଇଁ ଉଦ୍ଦିଷ୍ଟ ଏହି ବିଲକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ଦଳକୁ ଆହ୍ୱାନ ଦେଇଛନ୍ତି। ମୋଦୀ କହିଛନ୍ତି, ଯଦି ୨୦୨୯ ଲୋକସଭା ଏବଂ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମ୍ପୂର୍ଣ୍ଣ ମହିଳା ସଂରକ୍ଷଣ ସହିତ ଅନୁଷ୍ଠିତ ହୁଏ, ତେବେ ଭାରତୀୟ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବ।

ଏହାସତ୍ତ୍ୱେ ଆସନ୍ତାକାଲିର ସଂସଦୀୟ ଆଲୋଚନା ଆଦୌ ବିବାଦମୁକ୍ତ ହେବନାହିଁ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରିଛି। କାରଣ ସଂସଦର ଅଧିବେଶନ ପୂର୍ବରୁ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଦ୍ୱନ୍ଦ୍ୱ ତୀବ୍ର ହେବାରେ ଲାଗିଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନେତା ବ୍ରିନ୍ଦା କରାତ ମହିଳା ସଂରକ୍ଷଣ ବିଲରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ଅଲଗା କରିବାକୁ କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ବ୍ରିନ୍ଦା କହିଛନ୍ତି, ଆସନ୍ତାକାଲି ସଂସଦରେ ମହିଳା ସଂରକ୍ଷଣ ନାମରେ କେନ୍ଦ୍ର ସରକାର ଯେଉଁ ପ୍ରସ୍ତାବ ଆଣୁଛନ୍ତି ତାହାକୁ ଆମେ ସମର୍ଥନ କରିପାରିବୁ ନାହିଁ। ସେମାନେ ମହିଳା ସଂରକ୍ଷଣକୁ ସୀମା ନିର୍ଦ୍ଧାରଣ ଏବଂ ଜନଗଣନା ପ୍ରକ୍ରିୟା ଭଳି ରାଜନୈତିକ ବିବାଦୀୟ ପ୍ରସଙ୍ଗ ସହିତ ଯୋଡୁଛନ୍ତି। ଅଣାଯାଉଥିବା ସୀମା ନିର୍ଦ୍ଧାରଣ ବିଲ୍ କେବଳ ସ୍ୱାର୍ଥ ପୂରଣ କରିବା ପାଇଁ ନିର୍ବାଚନମଣ୍ଡଳୀକୁ ଅଦଳବଦଳ କରିବାର ଏକ ମଞ୍ଚ ନୁହେଁ। ସୀମା ନିର୍ଦ୍ଧାରଣ କମିଶନ ଏବଂ ଜନଗଣନାକୁ ମହିଳା ସଂରକ୍ଷଣଠାରୁ ସମ୍ପୂର୍ଣ୍ଣ ଅଲଗା କରାଯିବା ଉଚିତ ବୋଲି ବ୍ରିନ୍ଦା ସ୍ପଷ୍ଟ କରିଦେଇଛନ୍ତି।

ଅପରପକ୍ଷରେ, ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀ ସଂସଦର ନିମ୍ନ ସଦନରେ ମହିଳାଙ୍କ ପାଇଁ ପ୍ରସ୍ତାବିତ ୩୩ ପ୍ରତିଶତ ସଂରକ୍ଷଣକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଏହା ଅତି କମରେ ମହିଳାମାନଙ୍କୁ ସେମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ଦେବାର ଏକ ଆରମ୍ଭ। ମାୟାବତୀ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦବୋଧନ କରି କହିଛନ୍ତି, ଏହା ଏକ ଛୋଟ ସଂଖ୍ୟା ହୋଇପାରେ। କିନ୍ତୁ ଏହା ଏକ ଆରମ୍ଭ। ତେଣୁ ଆମେ ଏହାକୁ ସ୍ୱାଗତ କରୁଛୁ। ଆମର ଦଳ ବିଏସପି, ପୂର୍ବରୁ ମଧ୍ୟ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ନିରନ୍ତର ଆହ୍ୱାନ କରିଆସିଛି। କିନ୍ତୁ ଅନ୍ୟ କୌଣସି ଦଳ ଏଥିରେ ରାଜି ହେବାକୁ ଚାହୁଁନଥିଲେ, ଏବଂ ଏହା ଦେଖାଯାଉନାହିଁ ଯେ ସେମାନେ ଏଥିରେ ରାଜି ହେବେ। ପୁରୁଷମାନେ ଯେପରି ସାର୍ବଜନୀନ ବୟସ୍କ ମତାଧିକାର ପାଇଥିଲେ, ସେହିପରି ମହିଳାମାନଙ୍କୁ ସମାନ ଭୋଟ ଦେବା ପାଇଁ ଆମେ ପରମ ପୂଜ୍ୟ ବାବାସାହେବ ଭୀମରାଓ ଆମ୍ବେଦକରଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛୁ ବୋଲି ସେ କହିଛନ୍ତି।



## ମୋଦୀଙ୍କୁ ପ୍ରତିଭା ପାଟିଲଙ୍କ ଚିଠି

ଗୁରୁତ୍ୱପୂର୍ଣ୍ଣ କଥା, ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଏଭଳି ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଥିବା ବେଳେ ଆଜି ଦେଶର ପ୍ରଥମ ମହିଳା ତଥା ଦ୍ୱାଦଶ ରାଷ୍ଟ୍ରପତି ପ୍ରତିଭା ଦେବୀସିଂହ ପାଟିଲ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ସରକାରଙ୍କ ଏଭଳି ଏକ ପଦକ୍ଷେପକୁ ସେ ଦୃଢ଼ଭାବେ ସମର୍ଥନ କରୁଥିବା ବେଳେ ଏ ନିଷ୍ପତ୍ତି ଭାରତୀୟ ଗଣତନ୍ତ୍ର ପାଇଁ ଏକ ବୈପ୍ଳବିକ ପଦକ୍ଷେପ ବୋଲି ଶ୍ରୀମତୀ ପାଟିଲ ଚିଠି ମାଧ୍ୟମରେ ଜଣାଇଛନ୍ତି।

ପୂର୍ବତନ ରାଷ୍ଟ୍ରପତି ଚିଠିରେ ଦର୍ଶାଇଛନ୍ତି, ଏହି ଆଇନ୍ ଭାରତୀୟ ମହିଳା ଶକ୍ତିର ଅପାର ସମ୍ଭାବନାକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେବ। ଏହାସହ ମହିଳାଙ୍କୁ ଶାସନର ଶୀର୍ଷସ୍ତରରେ ନେତୃତ୍ୱ ଭୂମିକା ଗ୍ରହଣ କରିବା ପାଇଁ ପଥ ପ୍ରଶସ୍ତ କରିବ। ଏହାସହ ସେ ପ୍ରକାଶ କରିଛନ୍ତି ଯେ, ମୁଁ ନିଶ୍ଚିତ ଯେ ଏହି ପ୍ରଗତିଶୀଳ ପଦକ୍ଷେପ ଅଗଣିତ ମହିଳାଙ୍କ, ବିଶେଷକରି ଗ୍ରାମୀଣ ଏବଂ ସୀମାନ୍ତ ସମ୍ପ୍ରଦାୟର ମହିଳାଙ୍କ ଆକାଂକ୍ଷାକୁ ଜାଗ୍ରତ କରିବ ଏବଂ ସେମାନଙ୍କୁ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଏବଂ ରାଷ୍ଟ୍ର ନିର୍ମାଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ଉତ୍ସାହିତ କରିବ। ସୂଚନାଥାଉକି, ପ୍ରତିଭା ପାଟିଲ ଦେଶର ପ୍ରଥମ ମହିଳା ତଥା ଦ୍ୱାଦଶ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଏହି ସର୍ବୋଚ୍ଚ ପଦବୀ ମଣ୍ଡନ କରିଥିଲେ।

# ରାତି ଅଧରେ ଭୟାବହ ଅଗ୍ନିକାଣ୍ଡ

## ଗୋଟିଏ ପରିବାରର ୩ ଜୀବନ୍ତଦଗ୍ଧ

ନୂଆଦିଲ୍ଲୀ, ୧୫।୪: ଦିଲ୍ଲୀର ରୋହିଣୀସ୍ଥିତ ମାଙ୍ଗେରାମ ପାର୍କ ଅଞ୍ଚଳ ନିକଟରେ ଥିବା ବସ୍ତିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁଘଟିଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ଟା ୨୫ ମିନିଟରେ କିଛି ବସ୍ତିରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, କେହି କିଛି ବୁଝିବା ଆଗରୁ ସବୁକିଛି ଜଳି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଜଣେ ପୁରୁଷ, ସ୍ତ୍ରୀ ଏବଂ ତାଙ୍କର ଜଣେ ଛୋଟ ପିଲା ଜୀବନ୍ତଦଗ୍ଧ ହୋଇଛନ୍ତି। ଖବର ପାଇ ଅଗ୍ନିଶମ ସେବା ବାହିନୀର ୬ଟି ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଅଗ୍ନିଶମ ଅଧିକାରୀ ଅଜୟ ଶର୍ମାଙ୍କ କହିବା ଅନୁଯାୟୀ, ବୁଦ୍ଧ ବିହାରର ଏକ ପ୍ଲଟରେ ୩-୪ଟି ବସ୍ତି ଥିଲା। ଲୋକମାନେ ସେଠାରେ ପୁରୁଣା ସାମଗ୍ରୀ ସଂଗ୍ରହ କରି ରଖୁଥିଲେ। ଏହିକାରଣରୁ ନିଆଁ ଖୁବଶୀଘ୍ର ବ୍ୟାପିଯାଇଥିଲା। ଦୀର୍ଘ ସମୟର ପରିଶ୍ରମ ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ନିଆଁ ଲାଗିବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନଥିବା ବେଳେ ଦିଲ୍ଲୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



# ହର୍ମୁଜରେ ଟ୍ରମ୍ପଙ୍କ ଚକ୍ରବ୍ୟୂହ, ଫସିଲା ଇରାନର ୮ ଜାହାଜ



ୱାଶିଂଟନ, ୧୫।୪: ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବାକୁ ଯାଇ ପାରସ୍ୟ ଉପସାଗରରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରଚିଥିବା ଚକ୍ରବ୍ୟୂହରେ ଇରାନ୍‌ର ୮ଟି ଜାହାଜ ଫଶି ଯାଇଛନ୍ତି। ମଝିରାସ୍ତାରେ ଆମେରିକୀୟ ନୌସେନା ଇରାନର ୮ଟି ଜାହାଜକୁ ଅଟକାଇ ରଖିଛି ବୋଲି ଆମେରିକାର ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲ ତା'ର ରିପୋର୍ଟରେ ପ୍ରକାଶ କରିଛି। ଜର୍ଣ୍ଣାଲ ପକ୍ଷରୁ କୁହାଯାଇଛି ଯେ, ଇରାନର ୮ଟି ତୈଳ ଟ୍ୟାଙ୍କର 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ'କୁ ପାର୍ କରି ଆଗକୁ ଟପୁଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଟଣାଯାଇଥିବା ଲକ୍ଷ୍ମଣ ରେଖାକୁ ଅତିକ୍ରମ କରିପାରି ନାହାନ୍ତି। ମାର୍କିନ୍ ସେନାଧିକାରୀମାନଙ୍କ ତଥ୍ୟକୁ ଉଦ୍ଧାର କରି ୱାଲଷ୍ଟ୍ରିଟ୍ କହିଛି, ପ୍ରତିବନ୍ଧକ ସତ୍ତ୍ୱେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଅତିକ୍ରମ କରିବାକୁ ଉଦ୍ୟମ କରୁଥିବା ଜାହାଜଗୁଡ଼ିକର କ୍ରୁ'ମାନଙ୍କ ସହିତ ଆମେରିକା ନୌସେନା କର୍ମଚାରୀମାନେ ରେଡିଓ ଯୋଗେ ଯୋଗାଯୋଗ କରିଥିଲେ ଆଉ ସେମାନଙ୍କୁ ପଛକୁ ହଟିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ୟାଙ୍କରର କ୍ରୁ'ମାନେ ମାର୍କିନ ନୌସେନାର ସମସ୍ତ ନିର୍ଦ୍ଦେଶ ପାଳନ କରିଛନ୍ତି। ସେଥିପାଇଁ ଆମେରିକା କୌଣସି ବୋର୍ଡିଂ କରିନାହିଁ।

ଅପରପକ୍ଷରେ, ଆମେରିକୀୟ ସେନା ପକ୍ଷରୁ ହର୍ମୁଜ୍ ଷ୍ଟ୍ରେଟରେ ଇରାନ୍ ବିଛାଇ ଥିବା ଲ୍ୟାଣ୍ଡମାଇନ୍ସ ସଫା କରିବା ଜାରିରଖିଛନ୍ତି। ଆମେରିକାର ଦୁଇଟି ନୌସେନା ଏହି ଗାଇଡେଡ୍-ମିସାଇଲ୍ ବିଧ୍ୱଂସକ ଅପରେସନ୍ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଥିଲା ଯେ ଇରାନ ହର୍ମୁଜରେ ବିଛାଇଥିବା ମାଇନ୍ସ ଖୋଜି ପାରୁନାହିଁ ଏବଂ ବିସ୍ଫୋରକଗୁଡ଼ିକୁ ହଟାଇବାର କ୍ଷମତା ଇରାନର ନାହିଁ। ଫଳରେ ଇରାନ ଜଳପଥ ଦେଇ ଅଧିକ ଜାହାଜ ଯାତାୟାତ କରିପାରିବ ନାହିଁ।

ବିଶ୍ୱ ତୈଳ ଯୋଗାଣର ଏକ ପଞ୍ଚମାଂଶ ଗୁରୁତ୍ୱ ବହନ କରୁଥିବା ହର୍ମୁଜ୍ ଖୋଲିବା ହେଉଛି ଆମେରିକାର ପ୍ରାଥମିକ ଦାବି। ଆଉ ଇରାନ-ଆମେରିକା ମଧ୍ୟରେ ଜାରି ରହିଥିବା ଉତ୍ତେଜନାର ପରିସମାପ୍ତି ଏହା ଉପରେ ନିର୍ଭର କରୁଛି।

ରିପୋର୍ଟ ଅନୁସାରେ, ଇରାନ ବିରୋଧରେ ଆମେରିକାର ସାମୁଦ୍ରିକ ଘେରାବନ୍ଦୀ କଠୋର ହୋଇଛି। ଜାହାଜଗୁଡ଼ିକ ଇରାନ ବନ୍ଦରରୁ ବାହାରି ହୋର୍ମୁଜ ପ୍ରଣାଳୀ ପାର୍ କରୁଛନ୍ତି, କିନ୍ତୁ ପ୍ରକୃତ ଘେରାବନ୍ଦୀ ଓମାନ ଉପସାଗରରେ କରାଯାଇଛି।। ସାଟେଲାଇଟ୍ ଏବଂ ଡ୍ରୋନ୍ ଜରିଆରେ ଆମେରିକା ପ୍ରତିଟି ଜାହାଜ ଉପରେ ନଜର ରଖିଛି। ଆମେରିକୀୟ ସେଣ୍ଟ୍ରାଲ କମାଣ୍ଡର ଆଡମିରାଲ ବ୍ରାଡ୍ କୁପର କହିଛନ୍ତି, ଘେରାବନ୍ଦୀ ଲାଗୁ ହେବାର ମାତ୍ର ୩୬ ଘଣ୍ଟା ମଧ୍ୟରେ ଇରାନର ସାମୁଦ୍ରିକ ବାଣିଜ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଛି।

# ଆମେରିକା ବିରୋଧୀ ଯୁଦ୍ଧରେ ଚୀନ ଗୁପ୍ତଚର ଉପଗ୍ରହର ସାହାଯ୍ୟ ନେଇଛି ଇରାନ



ୱାଶିଂଟନ,୧୫।୪: ଆମେରିକା ଓ ଇସ୍ରାଏଲ ବିରୋଧୀ ଯୁଦ୍ଧରେ ଇରାନ ଏକ ଚୀନ୍ ଗୁପ୍ତଚର ଉପଗ୍ରହର ସାହାଯ୍ୟ ନେଇଛି। ଆମେରିକୀୟ ଗୁପ୍ତଚର ସଂସ୍ଥାର ଏକ ରିପୋର୍ଟରେ କୁହାଯାଇଛି, ଏହି ଉଚ୍ଚ-ପ୍ରଯୁକ୍ତିବିଦ୍ୟା ସହାୟତା ଇରାନକୁ ଆମେରିକୀୟ ସୁରକ୍ଷାରେ ଥିବା ଅତ୍ୟନ୍ତ ସୁରକ୍ଷିତ ବିବେଚିତ ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ସଠିକ୍ ଭାବରେ ଚିହ୍ନଟ କରି ଆକ୍ରମଣ କରିଛି। ଏହି କାର୍ଯ୍ୟ ଟିଇଇ-୦୧-ବି ନାମକ ଏକ ଶକ୍ତିଶାଳୀ ଉପଗ୍ରହ ଦ୍ୱାରା କରାଯାଇଛି।ଏହି ଉପଗ୍ରହକୁ ୨୦୨୪ ମସିହାର ଶେଷ ଭାଗରେ ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ (ଆଇଆର୍‌ଜିସି)ର ଏରୋସ୍ପେସ୍ ଫୋର୍ସ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା। ଏହା ପରେ ଏହାକୁ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଆରମ୍ଭ ହୋଇଥିଲା। ତଦନ୍ତରୁ ଜଣାପଡିଛି, ଟିଇଇ-୦୧-ବି ମାର୍ଚ୍ଚ ୧୩ ରୁ ୧୫ ମଧ୍ୟରେ ସାଉଦି ଆରବର ପ୍ରିନ୍ସ ସୁଲତାନ ବାୟୁ ଘାଟିର ବିସ୍ତୃତ ଯାଞ୍ଚ୍ କରିଥିଲା। ପ୍ରାପ୍ତ ସଠିକ୍ ସୂଚନା ଆଧାରରେ ଇରାନ ପକ୍ଷରୁ ଆକ୍ରମଣ କରାଯାଇଥିଲା। ଆକ୍ରମଣରେ ପାଞ୍ଚଟି ଆମେରିକୀୟ ବାୟୁସେନାର ଇନ୍ଧନ ଭର୍ତ୍ତି ବିମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା।

ଇରାନ୍-ଆମେରିକା ବିବାଦ

# ପାକିସ୍ତାନରେ ଖୁବ୍ ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା: ଟ୍ରମ୍ପ୍



ୱାଶିଂଟନ, ୧୫।୪: ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ ନେଇ ପାକିସ୍ତାନରେ ଖୁବ୍ ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ମଙ୍ଗଳବାର ଦିନ ଟ୍ରମ୍ପ 'ନ୍ୟୁୟର୍କ ପୋଷ୍ଟ'କୁ ସୂଚନା ଦେଇ କହିଥିଲେ ଯେ, ଦୁଇ ଦିନ ମଧ୍ୟରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପୁନଃ ଆରମ୍ଭ ହେବାର ସମ୍ଭାବନା ରହିଛି। ସେହପରି, ବୁଧବାର ସକାଳେ 'ଫକ୍ସ ବିଜନେସ' ସହିତ ଏକ ସାକ୍ଷାତକାର ଅବସରରେ ଟ୍ରମ୍ପ କହିଛନ୍ତି, ଇରାନ ସହିତ ଯୁଦ୍ଧ ଶେଷ ହେବାର ସମୟ ଏବେ ଖୁବ୍ ଏକ ନିକଟତର। ଟ୍ରମ୍ପଙ୍କ ଏହି ବକ୍ତବ୍ୟ ପରେ ଆମେରିକା-ଇରାନ ମଧ୍ୟରେ ଶାନ୍ତିର ବାଟ ବନ୍ଦ ହୋଇନାହିଁ ବୋଲି ଆପାତତଃ ସ୍ପଷ୍ଟ ହୋଇଯାଇଛି। ସେହିପରି, ଇସଲାମାବାଦରେ ଆମେରିକା ଏବଂ ଇରାନ୍ ମଧ୍ୟରେ ଆୟୋଜିତ ଶାନ୍ତି ଆଲୋଚନା ବିଫଳ ହୋଇଯିବା ପରେ ମଧ୍ୟପ୍ରାଚ୍ୟ ଉତ୍ତେଜନା କମିବ ନା ପୁଣି ଭୟଙ୍କର ହେବ ବୋଲି ବିଶ୍ୱବ୍ୟାପୀ ଯେଉଁ କଳ୍ପନାଜଳ୍ପନା ଲାଗି ରହିଥିଲା, ସେଥିରେ ସାମୟିକ ବିରତି ଲାଗିଛି। ଟ୍ରମ୍ପ୍ କହିଛନ୍ତି ଯେ, ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବନ୍ଦ କରିବାକୁ ନେଇ ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ। ଗୁରୁବାର ଇସ୍‌ଲାମାବାଦରେ ଏହି ବୈଠକ ବସିବାର ସମ୍ଭାବନା ରହିଛି। ପାକିସ୍ତାନ ସେନାମୁଖ୍ୟ ଅସୀମ୍ ମୁନିର ଜଣେ ଆସାଧାରଣ ବ୍ୟକ୍ତି। ସେ ବେଶ୍ ଭଲ କାମ କରିଛନ୍ତି। ସେଥିପାଇଁ ଆମେରିକା ଓ ଇରାନ ଆଲୋଚନା ପାଇଁ ପୁଣିଥରେ ଇସ୍‌ଲାମାବାଦ ଯିବେ। ପ୍ରଥମ ପର୍ଯ୍ୟାୟ ଆଲୋଚନା ଯେଉଁଠାରେ ହୋଇଥିଲା ସେହିଠାରେ ହିଁ ପୁଣି ଦ୍ୱିତୀୟ ପର୍ଯ୍ୟାୟ କଥାବାର୍ତ୍ତା ହେବ। ସୂଚନାଯୋଗ୍ୟ, ଉଭୟ ଦେଶ ମଧ୍ୟରେ ଗତ ୧୧ ତାରିଖରେ ଇସ୍‌ଲାମାବାଦର ସେରେନା ହୋଟେଲରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଉଭୟ ଆମେରିକା ଓ ଇରାନ ନିଜ ନିଜ ଜିଦ୍‌ରେ ଅଟଳ ରହିବାରୁ ବିନା କୌଣସି ବୁଝାମଣାରେ ଆଲୋଚନା ଶେଷ ହୋଇଥିଲା। ବୈଠକ ପରେ ଉଭୟ ଦେଶ ପରସ୍ପର ଉପରେ ଦୋଷ ଦେଇଥିଲେ। ଅପରପକ୍ଷରେ, ଉଭୟ ଦେଶ ମଧ୍ୟରେ ଜାରି ରହିଥିବା ୧୪ ଦିନିଆ ଯୁଦ୍ଧବିରତିର ସମୟ ସୀମା ଆସନ୍ତା ୨୨ ତାରିଖରେ ଶେଷ ହେବାକୁ ଯାଉଛି। ତା' ପୂର୍ବରୁ ଆଉ ଏକ ପର୍ଯ୍ୟାୟ ଆଲୋଚନା କରିବା ପାଇଁ ପାକିସ୍ତାନ ଉଭୟ ପକ୍ଷକୁ ପୁଣିଥରେ ପ୍ରସ୍ତାବ ଦେଇଥିଲା।



# ଟିସିଏସ୍ ନାସିକ୍ ଧର୍ମାନ୍ତରଣ ରାକେଟରେ ମାଲେସିଆ ଲିଙ୍କ୍

ନୂଆଦିଲ୍ଲୀ,୧୫।୪: ଫେବୃଆରୀରେ ମହାରାଷ୍ଟ୍ରର ନାସିକରେ ଥିବା ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ) ବିପିଓ କ୍ୟାମ୍ପସ ଭିତରେ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ସୂଚନା ମିଳିବା ପରେ ଏକ ଗୁପ୍ତ ପୋଲିସ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ଗୁପ୍ତ ଭାବରେ ଜଣେ ମହିଳା କନଷ୍ଟେବଲଙ୍କୁ ହାଉସକିପିଂ ଷ୍ଟାଫ୍ ଭାବରେ ନିୟୋଜିତ କରାଯାଇଥିଲା। ଏଥିରୁ ଏବେ ଅନ୍ତର୍ଜାତୀୟ ଲିଙ୍କ୍ ଥିବା ଏକ ଧର୍ମାନ୍ତରୀକରଣ ରାକେଟର ପର୍ଦ୍ଦାଫାସ ହୋଇଛି। ତଦନ୍ତକାରୀମାନେ କହିଛନ୍ତି, ହ୍ୱାଟ୍ସଆପ୍ ଚାଟ୍, ମାଲେସିଆ ସହିତ ଜଡିତ ଜଣେ ସନ୍ଦିଗ୍ଧ ଧର୍ମପ୍ରଚାରକ ଏବଂ ପୀଡିତଙ୍କ ପୀଡ଼ିତଙ୍କ ବୟାନ ଆଧାରରେ ଚାଲିଥିବା ତଦନ୍ତ ଟିସିଏସ କାର୍ଯ୍ୟାଳୟ ଭିତରୁ ଏକ ବଡ଼ ନେଟୱାର୍କ କାର୍ଯ୍ୟ କରୁଥିବା ସୂଚିତ କରୁଛି। ସ୍ୱତନ୍ତ୍ର ତଦନ୍ତକାରୀ ଦଳର ସୂତ୍ର ଅନୁଯାୟୀ, ଅତି କମରେ ୧୨ ଜଣ କର୍ମଚାରୀଙ୍କୁ ଏବେ ଟାର୍ଗେଟ ଭାବରେ ଚିହ୍ନଟ କରାଯାଇଛି। ଏପର୍ଯ୍ୟନ୍ତ ନଅଟି ଏଫଆଇଆର ପଞ୍ଜିକୃତ ହୋଇଛି, ଯେଉଁଥିରେ ୮ ଜଣ ମହିଳା ଏବଂ ଜଣେ ପୁରୁଷ ଅଭିଯୋଗକାରୀ ସାମିଲ ଅଛନ୍ତି। ଏହି ମାମଲାଗୁଡ଼ିକ ଯୌନ ଉତ୍ପୀଡ଼ନ, ବିବାହ ବାହାନାରେ ଦୁଷ୍କର୍ମ ଏବଂ ଧାର୍ମିକ ଭାବନାକୁ ଆଘାତ ଦେବା ଭଳି ଗୁରୁତର ଅଭିଯୋଗ ଆଣିଛି। ଆହୁରି ତିନି ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି ଏବଂ ସେମାନଙ୍କର ବୟାନ ରେକର୍ଡ କରାଯାଇଛି।

ଇମ୍ରାନ ନାମକ ଜଣେ ବ୍ୟକ୍ତିଙ୍କ ନାମ ହ୍ୱାଟ୍ସଆପ୍ ବାର୍ତ୍ତାଳାପରେ ସାମ୍ନାକୁ ଆସିଛି। ତାଙ୍କର ମାଲେସିଆ ସହିତ ସମ୍ପର୍କ ଥିବା ଜଣାପଡ଼ିଛି। ତଦନ୍ତକାରୀଅଧିକାରୀମାନେ ସନ୍ଦେହ କରୁଛନ୍ତି, ସେ ପ୍ରଚାରକ ଜଣକ ଭିଡିଓ କଲ୍ ମାଧ୍ୟମରେ କର୍ମଚାରୀମାନଙ୍କ ସହିତ ଯୋଗାଯୋଗ କରୁଥିଲା। ସେ ମହିଳାମାନଙ୍କୁ ଉଚ୍ଚ ଦରମାରେ ଚାକିରି ଏବଂ ବିଦେଶରେ ଉନ୍ନତ ଜୀବନଶୈଳୀର ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଥିଲା। ଏହି ପ୍ରଚାରକର ପ୍ରକୃତ ପରିଚୟ ଏବଂ ଭୂମିକା ବର୍ତ୍ତମାନ ତଦନ୍ତାଧୀନ ଅଛି।




ଏସଆଇଟି ଅଭିଯୁକ୍ତମାନଙ୍କ ଦ୍ୱାରା ବ୍ୟବହୃତ ହ୍ୱାଟ୍ସଆପ୍ ଗ୍ରୁପ୍ ଚିହ୍ନଟ କରିଛି, ଯେଉଁଠାରେ ସହକର୍ମୀଙ୍କ ସହିତ ଆଲୋଚନା କରାଯାଇଥିଲା, ସମ୍ଭାବ୍ୟ ଟାର୍ଗେଟ ଚିହ୍ନଟ କରାଯାଇଥିଲା ଏବଂ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଫରେନସିକ୍ ଉପକରଣ ସାହାଯ୍ୟରେ, ଡିଲିଟ ହୋଇଥିବା ଚାଟ୍ ବର୍ତ୍ତମାନ ରିକଭର କରାଯାଉଛି। ଛଅ ଜଣ ଟିମ୍ ଲିଡର ଏବଂ ଏଚଆର ଏକଜେକ୍ୟୁଟିଭ ନିଦା ଖାନଙ୍କୁ ନେଇ ଗଠିତ ଏହି ଧର୍ମାନ୍ତରଣ ଗ୍ରୁପ ଟିସିଏସ୍ ସହକର୍ମୀଙ୍କୁ ଦୁର୍ବ୍ୟବହାର, ଅନୁପଯୁକ୍ତ ପ୍ରସ୍ତାବ ଏବଂ ଇସଲାମ ଧର୍ମ ଗ୍ରହଣ କରିବା ପାଇଁ ନିରନ୍ତର ଚାପ ପ୍ରୟୋଗ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତମାନେ ପ୍ରାୟତଃ ସେମାନଙ୍କ ଧାର୍ମିକ ବିଶ୍ୱାସ ସମ୍ପର୍କରେ ଅପମାନଜନକ ମନ୍ତବ୍ୟ ଦେଉଥିଲେ।

ଏଚଆର୍ ନିଦା ଖାନ ବର୍ତ୍ତମାନ ଫେରାର୍ ଅଛନ୍ତି। ତଦନ୍ତକାରୀମାନେ ନିଦା ଖାନର ନିଯୁକ୍ତି ପଦ୍ଧତି ଏବଂ ସଂଗଠନ ମଧ୍ୟରେ ଏହାର ଭୂମିକା ଯାଞ୍ଚ କରୁଛନ୍ତି।

# ଏବେ ବି ୮୫% ଲୋକ ମାଗଣା ଉପରେ ନିର୍ଭରଶୀଳ: ପ୍ରଫୁଲ୍ଲ ଘଡ଼ାଇ

**‘ଗର୍ବିତ ଓଡ଼ିଶା’ ଓ ଓଡ଼ିଶା ଜର୍ଣ୍ଣାଲିଷ୍ଟ ରିସର୍ଚ୍ଚ ସେଣ୍ଟର ଆଲୋଚନାଚକ୍ର**



ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ରାଜ୍ୟର ୮୫ ପ୍ରତିଶତ ଲୋକ ଅର୍ଥାତ ପ୍ରାୟ ୩ କୋଟି ୨୭ ଲକ୍ଷ ଲୋକ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ମାଗଣା ଚାଉଳ ଓ ମାଗଣା ସ୍ୱାସ୍ଥ୍ୟ ସେବା ଉପରେ ନିର୍ଭରଶୀଳ। ଯେଉଁଠି ୮୫ ପ୍ରତିଶତ ଲୋକ ନିଜ ପରିବାର ପାଇଁ ନିଜ ରୋଜଗାରରେ ଚାଉଳ କିଣିବାକୁ ସକ୍ଷମ ନୁହଁନ୍ତି କି ନିଜ ରୋଜଗାରରୁ ନିଜ ବାପା ମାଆଙ୍କୁ ଡାକ୍ତରଖାନାକୁ ନେଇପାରୁନାହାନ୍ତି, ତାକୁ କି ପ୍ରକାର ବିକାଶ କୁହାଯିବ। ଏଭଳି ବିକାଶକୁ ନେଇ ଆମେ ଗର୍ବିତ ହେବା କି ବୋଲି ‘ଗର୍ବିତ ଓଡ଼ିଶା’ ଓ ଓଡ଼ିଶା ଜର୍ଣ୍ଣାଲିଷ୍ଟ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ପ୍ରଶ୍ନ କରିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ।

ପୂର୍ବରୁ ଅନେକ ସରକାର ଓ ବର୍ତ୍ତମାନର ସରକାର ମଧ୍ୟ ରାଜ୍ୟର ବିକାଶ ପାଇଁ ଉଦ୍ୟମ କରୁଛନ୍ତି। ଏଥିରେ ଦ୍ୱନ୍ଦ୍ୱ ନାହିଁ। ରାଜ୍ୟରେ ଶିଳ୍ପର ବିକାଶ ପାଇଁ ମଧ୍ୟ ବଡ଼ବଡ଼ ଯୋଜନା ହେଉଛି। ଲକ୍ଷାଧିକ କୋଟି ଟଙ୍କାର ନିବେଶ ହେଉଛି। ବଜେଟର ଆକାର ବି ବଢୁଛି, ଲୋକଙ୍କ ପାଇଁ ଭିତ୍ତିଭୂମିର ବିକାଶ କରାଯାଉଛି। କିନ୍ତୁ ଏହା ସମନ୍ୱିତ ବିକାଶ ନୁହେଁ। ସାମଗ୍ରୀକ ଭାବେ ରାଜ୍ୟର ବିକାଶ ହେଉଛି ସତ, ହେଲେ ଏବେ ବି ୩ କୋଟି ୨୭ ଲକ୍ଷ ଲୋକ ସରକାରଙ୍କ ଦୟା ଉପରେ ନିର୍ଭର କରୁଛନ୍ତି। ଏହାକୁ ପ୍ରକୃତ ବିକାଶ ବୋଲି କୁହାଯାଇପାରିବ ନାହିଁ।

ସେହିଭଳି ବରିଷ୍ଠ ରାଜନେତା ବିଜୟ ମହାପାତ୍ର ମଧ୍ୟ ବର୍ତ୍ତମାନର ରାଜନୈତିକ ନେତାଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ କରିଥିଲେ। ବିଜୁ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ମହାନଦୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ବୟାନ ଦେଉଥିବା ନେତାମାନେ ନା କେବେ ବିଜୁ ବାବୁଙ୍କ ସହ କଥା ହୋଇଛନ୍ତି ନା କେବେ ହୀରାକୁଦ ଡ୍ୟାମ ଦେଖିଛନ୍ତି। ବିଜୁ ବାବୁଙ୍କ ମୃତ୍ୟୁ ପରେ ଜନ୍ମ ହୋଇଥିବା ଲୋକମାନେ ଇତିହାସର ସଠିକ ଅଧ୍ୟୟନ ନକରି ବିଜୁ ବାବୁଙ୍କ ଉପରେ ମନ୍ତବ୍ୟ ଦେଉଛନ୍ତି। ହୀରାକୁଦ ଡ୍ୟାମ ଦେଖିନଥିବା ନଥିବା ନେତାମାନେ ମହାନଦୀ ଜଳ ବିବାଦ ଉପରେ ମତମନ୍ତବ୍ୟ ଦେଉଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଓ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ୟାମଚରଣ ଶୁକ୍ଳଙ୍କ ମଧ୍ୟରେ ମୌଖିକ ଆଲୋଚନାରେ ହୀରାକୁଦ ନଦୀବନ୍ଧ ତିଆରି ହୋଇଥିଲା। ଏ ନେଇ କୌଣସି ଲିଖିତ ଚୁକ୍ତି ନାହିଁ। ପରବର୍ତ୍ତି ସମୟରେ ଅନେକ ସରକାର ଆସିଛନ୍ତି, ଅନେକ ଜଳସମ୍ପଦ ମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି, କିନ୍ତୁ କେହି ହୀରାକୁଦ ବାବଦରେ ଆନ୍ତରିକତାର ସହ ଚିନ୍ତା କରିନାହାନ୍ତି, ଯେଉଁଥିପାଇଁ ଏ ବିବାଦ ସୃଷ୍ଟି ହୋଇଛି। ୧୯୭୨ ମସିହାରେ ପୁରୀ ଶ୍ରୀମନ୍ଦିରରେ ହୋଇଥିବା ଏକ ବିଭ୍ରାଟ ପାଇଁ ସେ ସମୟରେ ରାଜ୍ୟ ସରକାର ଏକ କମିଟି ଗଠନ କରିଥିଲେ। ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏ କମିଟି ହୋଇଥିଲା ଏବଂ ଏଥିରେ ପରସ୍ପର ବିରୋଧୀ ନେତାଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ଆଉ ତାହା ସଫଳ ମଧ୍ୟ ହୋଇଥିଲା। ଏହି ଘଟଣାର ଉଦାହାରଣ ଦେଇ ସେ କହିଥିଲେ ଯେ, ରାଜନୈତିକ ନେତାମାନେ ଯେ ପର୍ଯ୍ୟନ୍ତ ହୀନ ମାନସିକତାରୁ ଉପରକୁ ଉଠିବେ ନାହିଁ, ସେ ପର୍ଯ୍ୟନ୍ତ କୌଣସି ବିବାଦର ସମାଧାନ ହୋଇପାରିବ ନାହିଁ କି ଓଡ଼ିଶାର ବିକାଶ ସମ୍ଭବ ନୁହେଁ।

ଦ୍ୱିତୀୟ ଅଧିବେଶନରେ ବରିଷ୍ଠ ବିଜେଡ଼ି ନେତା ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ଓ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତୃତୀୟ ଅଧିବେଶନରେ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ବିଜେଡ଼ି ଯୁବ ସଭାପତି ଚିନ୍ମୟ ସାହୁ, ଯୁବଛାତ୍ର କ୍ରାନ୍ତିସେନାର ଆବାହକ ପାର୍ଥସାରଥି ମୁଦୁଲି ଅଂଶଗ୍ରହଣ କରିଥିବାବେଳେ ଯୁବ ସାମ୍ବାଦିକ ଅପୂର୍ବ ରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ବରିଷ୍ଠ ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ସ୍ୱାଗତ ଭାଷଣ ଦେଇଥିଲେ।

**ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାରେ ଦ୍ୱିତୀୟ ଜାତୀୟ କରାଟେ ଚାମ୍ପିଅନସିପ୍ ଅନୁଷ୍ଠିତ**

# ୭ ରାଜ୍ୟର ୨୮୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ଅଂଶଗ୍ରହଣ




ଝାରସୁଗୁଡ଼ା, ୧୫।୪ (ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ମାଧ୍ୟମରେ ଏଠାରେ ଦ୍ୱିତୀୟ ଅଖିଳ ଭାରତୀୟ ବେଦାନ୍ତ ଓପନ ଜାତୀୟ କରାଟେ ଚାମ୍ପିଅନସିପ୍‌ର ଆୟୋଜନ କରିଥିଲା। ଏହି ଚାମ୍ପିଅନସିପ୍‌ରେ ଦେଶର ୭ଟି ରାଜ୍ୟରୁ ୨୮୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଭାଗ ନେଇଥିବା ବେଳେ ଏଥିରେ ବ୍ୟକ୍ତିଗତ କାଟା, କୁମିତେ, ଟିମ କାଟା ଓ ଓପନ କୁମିତେ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ମହିଳା ଆତ୍ମରକ୍ଷା କୌଶଳ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଛାତ୍ରୀମାନେ ଚାମ୍ପିଅନସିପ୍ ସମୟରେ ବିଭିନ୍ନ ବର୍ଗରେ ଅନେକ ପଦକ ହାସଲ କରିଥିଲେ।

ଏହି ଅବସରରେ ବେଦାନ୍ତ ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ କ୍ରୀଡ଼ା ଯୁବପିଢ଼ିଙ୍କ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଦୀର୍ଘକାଳୀନ ବିକାଶର ଏକ ସହାୟକ। ଝାରସୁଗୁଡ଼ାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ମାଧ୍ୟମରେ ଆମେ ଯୁବକମାନଙ୍କ ପାଇଁ ସଂରଚିତ ତାଲିମ ଓ ପ୍ରତିଯୋଗିତାମୂଳକ ପ୍ରଦର୍ଶନ ପାଇବା ପାଇଁ ସୁଯୋଗ ସୃଷ୍ଟି କରୁଛୁ। ଦ୍ୱିତୀୟ ଅଖିଳ ଭାରତୀୟ ବେଦାନ୍ତ ଓପନ୍ ନ୍ୟାସନାଲ୍ କରାଟେ ଚାମ୍ପିଅନସିପ୍ ଏହି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ନିରନ୍ତର ସମ୍ପ୍ରଦାୟ ପଦକ୍ଷେପ ମାଧ୍ୟମରେ ତୃଣମୂଳ ସ୍ତରର ପ୍ରତିଭାକୁ ସମର୍ଥନ କରିବା ଉପରେ ଆମର ଧ୍ୟାନକୁ ସୁଦୃଢ଼ କରେ ବୋଲି ଶ୍ରୀ ଚନ୍ଦ୍ରୁ କହିଛନ୍ତି।

ସେହିପରି ଚାମ୍ପିଅନସିପରେ ଭାଗ ନେଇଥିବା ପ୍ରତିଯୋଗୀ ସୌରଭ ଦାସ କହିଛନ୍ତି ଯେ ଚାମ୍ପିଅନସିପ୍ ଆମକୁ ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବା ଓ ଖେଳାଳିଙ୍କ ଏକ ବୃହତ କ୍ଷେତ୍ରରୁ ଶିଖିବାର ସୁଯୋଗ ଦେଇଥିଲା। ଆମ ମଧ୍ୟରୁ ଅନେକଙ୍କ ପାଇଁ ଏଭଳି ପ୍ଲାଟଫର୍ମ ଆତ୍ମବିଶ୍ୱାସକୁ ଉନ୍ନତ କରିବା ସହ ଖେଳ ପ୍ରତି ଆମର ପ୍ରତିବଦ୍ଧତାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ ବୋଲି ସେ କହିଛନ୍ତି।

## କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଟେକ୍ନିକ୍ସକୁ ନେଇ ସୋଆ ପକ୍ଷରୁ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ବିଗ୍ ଡାଟା ଆନାଲିଟିକ୍ସ, ଡିପ୍ ଲର୍ଣ୍ଣିଙ୍ଗ, କ୍ଲାଉଡ୍ ଆଣ୍ଡ ଫଗ୍ କମ୍ପ୍ୟୁଟିଂ, ଇନ୍‌ଟରନେଟ ଅଫ୍ ଥିଙ୍ଗ୍‌ସ ଓ ଇଭୋଲ୍ୟୁସନାରୀ କମ୍ପ୍ୟୁଟିଂ ଭଳି ବିବିଧ ବିଷୟକୁ ନେଇ ଗତ ଏପ୍ରିଲ୍ ୧୦ ଏବଂ ୧୧ ଦୁଇ ଦିନ ଧରି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଦୁଇ ଦିନିଆ ପ୍ରଥମ ଆଇଇଇଇ ଆନ୍ତର୍ଜାତିକ ସମ୍ମିଳନୀ ‘ଇମର୍ଜିଂ ଟ୍ରେଣ୍ଡସ ଇନ୍ ଆଡଭାନ୍ସମେନ୍ସ ଆଣ୍ଡ ଆପ୍ଲିକେସନ୍ସ ଅଫ୍ କମ୍ପ୍ୟୁଟେସ୍‌ନାଲ ଇନ୍‌ଟେଲିଜେନ୍ସ ଟେକ୍ନିକ୍ସ’ (ଇଟିଏଏସିଟି ୨୦୨୬) ଆୟୋଜିତ ହୋଇଯାଇଛି। ହାଇବ୍ରିଡ୍ ମୁଡ୍‌ରେ ଆୟୋଜିତ ଏହି ସମ୍ମିଳନୀରେ ବିଶ୍ୱସ୍ତରୀୟ ଗବେଷକ, ଶିକ୍ଷାବିତ୍, ବୈଜ୍ଞାନିକ, ଶିଳ୍ପ ବିଶେଷଜ୍ଞ ଯୋଗ ଦେଇଥିଲେ। ନ୍ୟୁରୋଲା ନେଟୱାର୍କ, ଅପ୍ଟିମାଇଜେସନ୍ ଟେକ୍ନିକ୍ସ ଓ ସିକ୍ୟୁରିଟି ଟେକ୍ନୋଲଜି ଭଳି ପ୍ରସଙ୍ଗକୁ ନେଇ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ବିଶେଷଜ୍ଞମାନଙ୍କ ମଧ୍ୟରେ ବିଟ୍ସ



ପିଲାନି, ଦୁବାଇ କ୍ୟାମ୍ପସ୍‌ର ପ୍ରଫେସର ଅମିତାଭ ମୁଖାର୍ଜୀ, ଆଇଆଇଟି, ପାଟନାର ପ୍ରଫେସର ସୋମନାଥ ତ୍ରିପାଠୀ, ୟୋନସେଇ ବିଶ୍ୱବିଦ୍ୟାଳୟ, ସାଉଥକୋରିଆର ପ୍ରଫେସର ସୁଙ୍ଗ-ବେ ସୋ ଏବଂ ଏନ୍‌ଆଇଟି, ରାଉରକେଲାର ପ୍ରଫେସର ବିଭୁଦତ ସାହୁ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ସମ୍ମିଳନୀରେ ମୁଖ୍ୟତଃ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଆଣ୍ଡ ଡାଟା ସାଇନସେସ୍, ନ୍ୟୁରାଲ ନେଟୱାର୍କସ ଆଣ୍ଡ ଫଜି ଲଜିକ ଆଦି ୭ଟି ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା କରାଯାଇଥିଲା। ୟୁକେ, ୟୁଏସଏ, ଥାଇଲ୍ୟାଣ୍ଡ, ୟୁଏଇ, ମାଲେସିଆ, ଜର୍ମାନୀ, ନ୍ୟୁଜିଲ୍ୟାଣ୍ଡ ଏବଂ ଜୋର୍ଡାନ୍ ଭଳି ଦେଶରୁ ପ୍ରାୟ ୨୦୦୦ ଗବେଷଣା ସନ୍ଦର୍ଭ ଏହି ସମ୍ମିଳନୀରେ ସଂଗୃହୀତ ହୋଇଥିଲା।

**● ବିଜେପି ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ରାୟଗଡ଼ା ଗସ୍ତ**

## ସିଜିମାଳିବାସୀଙ୍କ ପ୍ରତି କୌଣସି ଅନ୍ୟାୟ ହେବ ନାହିଁ: ବଳଭଦ୍ର



ରାୟଗଡ଼ା/ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଞ୍ଚଳରେ ଉପୁଜିଥିବା ଆଇନଶୃଙ୍ଖଳା ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ମାନ୍ୟବର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସିଜିମାଳି ଅଞ୍ଚଳ ଗସ୍ତ କରିବା ସହିତ ସେଠାକାର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜି ଆଲୋଚନା ସମୟରେ ସ୍ଥାନୀୟ ବାସିନ୍ଦା ଏବଂ ଆନ୍ଦୋଳନକାରୀ ଦାବୀପତ୍ର ଜରିଆରେ ପ୍ରତିନିଧିଦଳକୁ ଅଭିଯୋଗ କରିଛନ୍ତି ଯେ, ଗତ ବିଜେଡି ସରକାର ଅମଳରେ ୨୦୨୩ ମସିହାରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଞ୍ଚଳରେ ଥିବା ଖଣି ଲିଜ୍ ପ୍ରଦାନ କରାଯାଇଥିଲା। ଲିଜ ପ୍ରକ୍ରିୟାରେ ଅନେକ ଆଇନଗତ ତୃଟି ଅଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସେହି କାରଣକୁ ଦର୍ଶାଇ ଖଣି ଅଞ୍ଚଳରେ ରାସ୍ତା ନିର୍ମାଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କହିଛନ୍ତି, ସିଜିମାଳିବାସୀଙ୍କ ପ୍ରତି ବିଗତ ଦିନରେ ଯେଉଁ ଅନ୍ୟାୟ ଓ ଅତ୍ୟାଚାରର ଅଭିଯୋଗ ଆସିଛି, ତାହାର ସମାଧାନ ନିଶ୍ଚିତ ହେବ। କାହା ପ୍ରତି କୌଣସି ଅନ୍ୟାୟ ହେବ ନାହିଁ। ବାସ୍ତବ ସ୍ଥିତି ଏବଂ ସ୍ଥାନୀୟବାସୀଙ୍କ ସହ ହୋଇଥିବା ଆଲୋଚନା ସମ୍ପର୍କରେ ଆମେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଅବଗତ କରାଇବୁ। ଏହି ପ୍ରତିନିଧି ଦଳରେ ବିଧାୟକ ରଘୁରାମ ମାଛ, ରୂପୁ ଭତ୍ରା, ସୁଧୀର ପାଟ୍ଟଯୋଶୀ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ‘ବିଶ୍ୱ କଳା ଦିବସ’ ଅନୁଷ୍ଠିତ




ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଶ୍ୱ କଳା ଦିବସ ଏକ ସ୍ୱତନ୍ତ୍ର ଉତ୍ସବ ଜରିଆରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ କଳା ଦିବସର ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେବା ସହ କଳା ମାଧ୍ୟମରେ ହିଁ ସଂସ୍କୃତି ପ୍ରତିଫଳିତ ହୋଇଥାଏ ବୋଲି ମତ ଦେଇଥିଲେ। ସମୟ ଅନୁସାରେ କଳାରେ ବ୍ୟାପକ ପରିବର୍ତ୍ତନ ହୋଇଥିଲେ ମଧ୍ୟ କଳା ହିଁ ଜୀବନର ସୌନ୍ଦର୍ଯ୍ୟକୁ ପ୍ରତିବିମ୍ବିତ କରି ଏହାକୁ ଚିରସ୍ଥାୟୀ କରିପାରେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ର ‘ଅଭ୍ୟାସରୁ ଶିକ୍ଷାଶାସ୍ତ୍ର’ରେ ବରୋଦା ବିଶ୍ୱବିଦ୍ୟାଳୟର ଶିଳ୍ପୀ ତଥା ଗବେଷକ ଶୁଭମ ସାହୁ, ହୃଷିକେଶ ବିଶ୍ୱାଳ ଓ ତପନ ମହାରଣା ସମସାମୟିକ କଳାର ତତ୍ତ୍ୱ ଓ ରୂପରେଖ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାର ଜୀବନର ସଂଘର୍ଷ ହିଁ ସମୟାନୁକ୍ରମେ ଉଭୟ କଳା ଓ କଳାକାରଙ୍କୁ ସ୍ୱୀକୃତି ଦେଇଥାଏ ବୋଲି କହିଥିଲେ। ଭାସ୍କର୍ଯ୍ୟଶିଳ୍ପୀ ଡ. ଅଞ୍ଜନ କୁମାର ସାହୁ ଓ ଡ. ଉମେଶ କୁମାର ସାହୁ ବିଶ୍ୱ କଳା ଦିବସର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିବା ସହ ନିରନ୍ତର ପ୍ରୟାସ ଓ ଅଭ୍ୟାସ ମାଧ୍ୟମରେ ଯୁବଶିଳ୍ପୀମାନେ ସେମାନଙ୍କ ପ୍ରତିଭାର ବିକାଶ କରିବାକୁ ପରାମର୍ଶ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଛାତ୍ରଙ୍କୁ...

୯୮ ପ୍ରତିଶତ ୪୯୦ ମାର୍କ ରଖି ଶୀର୍ଷରେ ରହିଛନ୍ତି।

ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଗତ ଫେବ୍ରୁଆରୀ ୧୭ରୁ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ସବୁଦିନ ଗୋଟିଏ ଶିଫ୍ଟରେ ଅନୁଷ୍ଠିତ ହୋଇଥିଲା।

ପରୀକ୍ଷାରେ ପାସ୍ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ ସମେତ ପ୍ରତ୍ୟେକ ବିଷୟରେ ଅତି କମରେ ୩୩ ପ୍ରତିଶତ ଓ ସାମଗ୍ରିକ ଭାବେ ୩୩ ପ୍ରତିଶତ ନମ୍ବର ରଖିବାକୁ ଧାର୍ଯ୍ୟ କରାଯାଇଥିଲା, ଯାହା ବୋର୍ଡର ଏକ ସାଧାରଣ ନିୟମ। ଚଳିତ ବର୍ଷ ଦୁଇ ଥର ବୋର୍ଡ ପରୀକ୍ଷା କରିବା ନେଇ ସିବିଏସଇ ନିଷ୍ପତ୍ତି ନେଇଥିବାରୁ ଫଳ ଶୀଘ୍ର ପ୍ରକାଶ ପାଇଛି। ଆସନ୍ତା ମେ’ ୧୫ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ବୋର୍ଡ ପରୀକ୍ଷା ଆରମ୍ଭ ହେବ। ଯେଉଁମାନେ ଚାହିବେ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେଇପାରିବେ।

ସିବିଏସଇ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପରୀକ୍ଷା ଫଳାଫଳ ନିର୍ବିଶେଷରେ ସମସ୍ତେ ଆତ୍ମବିଶ୍ୱାସର ସହ ନୂତନ ଭବିଷ୍ୟତ ଗଠନ ପାଇଁ ଆଗକୁ ବଢ଼ନ୍ତୁ ଓ ଦୃଢ଼ ମନୋବଳ ରଖି ଜୀବନର ପ୍ରତିଟି ଆହ୍ୱାନକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ। ଛାତ୍ରଛାତ୍ରୀଙ୍କ ଏହି ନିରନ୍ତର ପ୍ରଚେଷ୍ଟା ଆମ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିବ ବୋଲି ମୋର ଦୃଢ଼ ବିଶ୍ୱାସ ବୋଲି ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି।

### ଚିନ୍ତା...

ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ଭଳି ବିଜେପିଶାସିତ ରାଜ୍ୟରେ ସଂସଦୀୟ କ୍ଷେତ୍ର ବୃଦ୍ଧି ପାଇବ। ଉତ୍ତର ପ୍ରଦେଶରେ ସାଂସଦଙ୍କ ସଂଖ୍ୟା ୮୦ରୁ ୧୪୦କୁ ବୃଦ୍ଧି ପାଇପାରେ। ଏହାଦ୍ୱାରା ଲୋକସଭାରେ ଉତ୍ତର ପ୍ରଦେଶ ସାଂସଦଙ୍କ ପ୍ରତିନିଧିତ୍ୱ ୧୪.୭ରୁ ୧୬.୫ ପ୍ରତିଶତକୁ ବଢ଼ିବ। ବିହାରରେ ସଂସଦୀୟ କ୍ଷେତ୍ର ୪୦ରୁ ୭୩କୁ, ରାଜସ୍ଥାନରେ ୨୫ରୁ ୪୮କୁ, ମଧ୍ୟପ୍ରଦେଶରେ ୨୯ରୁ ୫୧କୁ ଏବଂ ମହାରାଷ୍ଟ୍ରରେ ୪୮ରୁ ୭୯କୁ ବଢ଼ିବାର ସମ୍ଭାବନା ରହିଛି। ଯଦି ଏହି ହାରରେ ସଂସଦୀୟ କ୍ଷେତ୍ର ବୃଦ୍ଧି ପାଏ, ତେବେ ଏହିସବୁ ରାଜ୍ୟରେ ସାଂସଦଙ୍କ ପ୍ରତିନିଧିତ୍ୱ ୦.୫ରୁ ୧.୭ ପ୍ରତିଶତକୁ ବଢ଼ିବ।

ସେପଟେ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଓ ପଶ୍ଚିମବଙ୍ଗରେ ସାଂସଦଙ୍କ ପ୍ରତିନିଧିତ୍ୱ ୦.୨ରୁ ୧.୨ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ତାମିଲନାଡୁରେ ଆସନ ସଂଖ୍ୟା ୩୯ରୁ ୫୧କୁ, କେରଳରେ ୨୦ରୁ ୨୩କୁ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ (ମିଳିତ ଭାବେ) ୪୨ରୁ ୫୯କୁ, ଓଡ଼ିଶାରେ ୨୧ରୁ ୨୯କୁ ଏବଂ ପଶ୍ଚିମବଙ୍ଗରେ ୪୨ରୁ ୬୪କୁ ବୃଦ୍ଧି ପାଇବ। କିନ୍ତୁ ସାମଗ୍ରିକ ଭାବେ ରାଜନୈତିକ ପ୍ରତିନିଧିତ୍ୱ ଏହିସବୁ ଅଣବିଜେପିଶାସିତ ରାଜ୍ୟରେ କମିବାର ସମ୍ଭାବନା ରହିଛି। ମୋଟ ଉପରେ ଉତ୍ତର ଭାରତରେ କେବଳ ଉତ୍ତର ପ୍ରଦେଶ ଓ ବିହାରର ପ୍ରତିନିଧିତ୍ୱ ୨୨.୧ରୁ ୨୫.୧ ପ୍ରତିଶତକୁ ବଢ଼ିବ। ଆଉ ଦକ୍ଷିଣର ୫ ରାଜ୍ୟର ପ୍ରତିନିଧିତ୍ୱ ୨୦.୧ରୁ ୧୮ ପ୍ରତିଶତକୁ ହ୍ରାସ ପାଇବ।

### ମୁଖ୍ୟମନ୍ତ୍ରୀଙ୍କୁ...

ସୀମା ପୁନଃନିର୍ଦ୍ଧାରଣକୁ ମଧ୍ୟ ବିଜେଡି ସ୍ୱାଗତ କରୁଛି। କିନ୍ତୁ ଏଥିରେ ଓଡ଼ିଶାର ରାଜନୈତିକ ସ୍ୱାର୍ଥ ପ୍ରଭାବିତ ହେବା ଉଚିତ ନୁହେଁ। ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ ପ୍ରତିଶତରୁ ୩.୪ ପ୍ରତିଶତକୁ ହ୍ରାସ ପାଇବାର ସମ୍ଭାବନା ରହିଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଓଡ଼ିଶା ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ତେଣୁ ସଂଘୀୟ ବ୍ୟବସ୍ଥାରେ ଓଡ଼ିଶାର ସ୍ୱାର୍ଥକୁ ପ୍ରଭାବିତ ହେବାକୁ ଦିଆ ନ ଯିବା ଉଚିତ ବୋଲି ବିରୋଧୀ ଦଳ ନେତା କହିଛନ୍ତି।

### ନାରୀଶକ୍ତି...

ଓ ବିଧାନସଭା ଗୁଡିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି। ଇତିହାସ ଜାଣିଛି, ଯେତେବେଳେ ଜଣେ ନେତୃତ୍ୱ ନିଅନ୍ତି, ସେତେବେଳେ ସେ ନିଜେ ସଶକ୍ତ ହେବା ସହିତ ସମଗ୍ର ସମାଜ ଓ ରାଷ୍ଟ୍ର ଉପକୃତ ହୋଇଥାଏ। ଭାରତୀୟ ଗଣତନ୍ତ୍ରରେ ଆଜି ମହିଳାମାନେ କେବଳ ଭୋଟର ନୁହନ୍ତି ବରଂ ସକ୍ରିୟ ଭାଗିଦାର ହୋଇଛନ୍ତି। ଆମ ଓଡ଼ିଶାରେ ତୃଣମୂଳସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଞ୍ଚାୟତରାଜ ଅନୁଷ୍ଠାନ ମାନଙ୍କରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରିଛନ୍ତି। ତେଣୁ, ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ପଦକ୍ଷେପ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ ହେବାକୁ ସହାୟକ ହେବ। ଆଗାମୀ ଦିନରେ ଏହି ଅଧିନିୟମ ମାଧ୍ୟମରେ ମହିଳାଙ୍କ ପ୍ରତିନିଧିତ୍ୱ ଆହୁରି ବ୍ୟାପକ ହେବ। ଏହି ଅଧିନିୟମ ମହିଳା ବିକାଶ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି ସେ କହିଥିଲେ।

ବିକଶିତ ଭାରତ ପାଇଁ ସମୃଦ୍ଧ ଓଡ଼ିଶା ଗଠନ ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଏହି ଯାତ୍ରାରେ ଓଡ଼ିଶାର ମା ଓ ଭଉଣୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହିତ ଆତ୍ମନିର୍ଭର କରିବା ପାଇଁ ଆମେ ଆରମ୍ଭ କରିଛୁ ଯୁଗାନ୍ତକାରୀ ସୁଭଦ୍ରା ଯୋଜନା। ସୁଭଦ୍ରା ଠାରୁ ଆରମ୍ଭ କରି ଲକ୍ଷପତି ଦିଦି ପର୍ଯ୍ୟନ୍ତ ଏହି ଯାତ୍ରା ଓଡ଼ିଶାର ପ୍ରତିଟି ଘରେ ସମୃଦ୍ଧି ଆଣିବ ବୋଲି ସେ କହିଥିଲେ।

ଆଜି ଆମ ସମାଜ, ରାଜ୍ୟ ତଥା ଦେଶରେ ମହିଳାମାନେ ସବୁ କ୍ଷେତ୍ରରେ ଆଗକୁ ବଢ଼ିଲେଣି। ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳାମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ ବୋଲି ସେ କହିଥିଲେ। ସେ କହିଥିଲେ, ଗାଁର ସାଧାରଣ ମହିଳା ଯେତେବେଳେ ଡିଜିଟାଲ ବ୍ୟାଙ୍କିଙ୍ଗ ଓ ଆଧୁନିକ କୃଷି କରନ୍ତି, ସେତେବେଳେ ହିଁ ପ୍ରକୃତ ବିକାଶ ହୋଇଥାଏ। ସେଥିପାଇଁ ଆମର ଲକ୍ଷ୍ୟ ରହିଛି ଓଡ଼ିଶାର ପ୍ରତିଟି ମାଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ତୋଳିବା।

ବିକଶିତ ରାଷ୍ଟ୍ର ଗୁଡିକରେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଭାଗିଦାରୀ ଖୁବ୍ ଅଧିକ ରହିଛି। ତେଣୁ, ନାରୀ ଶକ୍ତିର ବିକାଶ ହେଉଛି ବିକାଶର ଏକ ମୁଖ୍ୟ ଆଧାର। ନାରୀ ଶକ୍ତିର ଉନ୍ନତି ପାଇଁ ଏବେ ସାରା ଭାରତ ଆଗେଇ ଆସିଛି। ଭାରତୀୟ ନାରୀ ଆଜି ସମସ୍ତ କ୍ଷେତ୍ରରେ ପ୍ରତିନିଧିତ୍ୱ କରୁଛନ୍ତି। ଯୁଦ୍ଧ କ୍ଷେତ୍ରରେ ମଧ୍ୟ। ଅପରେସନ ସିନ୍ଦୁର ତା’ର ଜ୍ୱଳନ୍ତ ପ୍ରମାଣ। ବର୍ତ୍ତମାନ ସମୟ ଆସିଛି, ବିଧାନସଭା ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ନାରୀ ଶକ୍ତିର ନେତୃତ୍ୱକୁ ଆମକୁ ସ୍ୱୀକାର କରିବାକୁ ପଡିବ। ଏଥିପାଇଁ ସମସ୍ତେ ଆଗେଇ ଆସି ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଅକୁଣ୍ଠ ସମର୍ଥନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ କହିଥିଲେ ଯେ, ବିଧାନସଭା ଓ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ୍। ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ସମ୍ମାନ ଦେଇ ଏହି ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଉଚିତ। ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ କହିଥିଲେ ଯେ, ମହିଳାଙ୍କ ସମ୍ମାନ, ସମତା, ନେତୃତ୍ୱ ଓ ସ୍ୱାଭିମାନ ପାଇଁ ମହିଳାଙ୍କୁ ପାର୍ଲାମେଣ୍ଟରେ ବସିବାର ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଏହି ଅଧିନିୟମ ବଳରେ ବର୍ତ୍ତମାନ ପଞ୍ଚାୟତରୁ ପାର୍ଲାମେଣ୍ଟ ଯିବା ସହଜ ହେବ। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ହେଉ କିମ୍ବା ଖୁସି ସ୍କିମ୍ ହେଉ, ଏ ସବୁ ଯୋଜନା ମାଧ୍ୟମରେ ମା’ ଗର୍ଭରୁ ମହିଳା ସଶକ୍ତକରଣର ଦାୟିତ୍ୱ ପ୍ରଧାନମନ୍ତ୍ରୀ ନେଇଛନ୍ତି। ସେ କହିଥିଲେ ନାରୀ ଶକ୍ତି ବଦଳୁଥିବା ଭାରତର ନେତୃତ୍ୱ ନେବା ପାଇଁ ଆଗେଇ ଆସୁଥିବା ବେଳେ ଓଡ଼ିଶା ହେଉଛି ନାରୀ ସଶକ୍ତିକରଣର ଶ୍ରେଷ୍ଠ ମଡେଲ। ତେଣୁ ଆମେ କେବଳ ମହିଳା ହିତାଧିକାରୀ ନୁହେଁ, ମହିଳା ଭାଗିଦାରୀ ଚାହୁଁଛୁ।

ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ କହିଥିଲେ ଯେ, ନାରୀ ଆବଶ୍ୟକସ୍ଥଳେ ଲକ୍ଷ୍ମୀ, ଦୁର୍ଗା ଅଥବା କାଳୀଙ୍କ ସ୍ୱରୂପିଣୀ। ନାରୀ କେବେହେଲେ ଯୁଦ୍ଧ ଚାହେଁ ନାହିଁ, ନାରୀ ଚାହେଁ ଶାନ୍ତି। ତେଣୁ ପ୍ରତ୍ୟେକ ଗୃହରେ ଯଦି ନାରୀଶକ୍ତି ବନ୍ଦନ ହୁଏ, ତେବେ ପୃଥିବୀର ଭାଗ୍ୟ ବଦଳିଯିବ।

ଓଡ଼ିଶାରେ ନାରୀ ଶକ୍ତିଙ୍କୁ ଉପଯୁକ୍ତ ସମ୍ମାନ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଉପସ୍ଥିତ ନାରୀ ଶକ୍ତିଙ୍କୁ ନିଜ ଭିତରେ ଥିବା ଆତ୍ମ ଶକ୍ତିର ସନ୍ଧାନ କରି ତାର ବିକାଶ କରିବାକୁ ଆହ୍ୱାନ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଶିଷ୍ଟ କ୍ରୀଡାବିତ ଅନୁରାଧା ବିଶ୍ୱାଳ, ଖ୍ୟାତନାମା ଓଡିଶୀ ନୃତ୍ୟଶିଳ୍ପୀ ତଥା ଗୁରୁ ଡକ୍ଟର ଅରୁଣା ମହାନ୍ତି ପ୍ରମୁଖ ନାରୀ ସଶକ୍ତିକରଣ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କର ଏହି ମହତ୍ତ୍ୱାକାଂକ୍ଷୀ ଅଧିନିୟମକୁ ଯୁଗୋପଯୋଗୀ ବୋଲି ଦର୍ଶାଇଥିଲେ। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ଶ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ତେହରାନରେ...

ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟପ୍ରାଚ୍ୟ ଯୁଦ୍ଧ ବନ୍ଦ କରିବାକୁ ନେଇ ପାକିସ୍ତାନରେ ଖୁବ୍‌ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହେବ ବୋଲି ଗତକାଲି ‘ନ୍ୟୁୟର୍କ ପୋଷ୍ଟ’କୁ ସୂଚନା ଦେଇଥିଲେ। ତା’ଛଡ଼ା ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନା ସମୟରେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ନେଇ ଆଶା ପ୍ରକଟ କରିଥିଲେ। ସେ କହିଥିଲେ ଯେ ପ୍ରଥମ ପର୍ଯ୍ୟାୟରେ ଉଭୟ ପକ୍ଷ କୌଣସି ବୁଝାମଣାରେ ପହଞ୍ଚି ନଥିଲେ ମଧ୍ୟ ଏବେ ବି ଆଲୋଚନା ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ।

### ପାଚେରି...

ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ କେଉଁ ପରିସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟିଲା, ତା’ର ସବିଶେଷ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆର୍‌ଡିସିସ୍ତରୀୟ ତଦନ୍ତ ମଧ୍ୟ ଘୋଷଣା କରିଛନ୍ତି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏହି ଘଟଣାର ତଦନ୍ତ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ମଧ୍ୟ ଘୋଷଣା କରିଛନ୍ତି।

### ଆଗାମୀ...

ଗସ୍ତରେ ଥିବା ଶ୍ରୀ ପ୍ରଧାନ ଆଜି ଏହି ସଂଗ୍ରହାଳୟକୁ ଉଦଘାଟନ କରି କହିଛନ୍ତି ଯେ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତି ସଂଗ୍ରହାଳୟର ଉଦଘାଟନ ଆମର ସ୍ୱାଭିମାନ ଓ ବୀରତ୍ୱର ଗାଥାକୁ ସମ୍ମାନ ଜଣାଇବା ଦିଗରେ ଏକ ଅନନ୍ୟ ପ୍ରୟାସ। ରାଜ୍ୟ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଓ ‘ଇଣ୍ଟାକ୍’ର ମିଳିତ ପ୍ରୟାସରେ ଏହି ସଂଗ୍ରହାଳୟ ନିର୍ମିତ ହୋଇଛି। ଏଠାରେ ସମ୍ବଲପୁରର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଅନେକ ଦୁର୍ଲ୍ଲଭ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି। ଏଥିସହ ଦେଶର ସ୍ୱାଧୀନତା ପାଇଁ ପ୍ରାଣବଳି ଦେଇଥିବା ମହାନ ସଂଗ୍ରାମୀ ଓ ଅଞ୍ଚଳର ବରେଣ୍ୟ ମହାପୁରୁଷଙ୍କ ଜୀବନ୍ତ କଳାଚିତ୍ର ସ୍ଥାନ ପାଇଛି। ଏହି କଳାକୃତିଗୁଡ଼ିକ ମାଧ୍ୟମରେ ସମ୍ବଲପୁରର ବୀରତ୍ୱ ଗାଥା ଓ ସାଂସ୍କୃତିକ ବିଭବକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରାଯାଇଛି।

ସେ ଆହୁରି କହିଛନ୍ତି ଯେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ଭେ ଅନୁଯାୟୀ ସମ୍ବଲପୁରର ଇତିହାସ ପ୍ରାୟ ୧୦ ହଜାର ବର୍ଷରୁ ଅଧିକ ପୁରୁଣା, ଯାହାର ପ୍ରମାଣ ଏଠାକାର ଗୁମ୍ଫା ଚିତ୍ରକଳା ତଥା ରକ୍ ଆର୍ଟ। ମା’ ସମଲେଶ୍ୱରୀଙ୍କ ପୀଠ ଓ ମହାନଦୀ ଅବବାହିକାରେ ଥିବା ଏହି ଅଞ୍ଚଳ ଜଙ୍ଗଲ ଚାଷ ଓ ଲୋକ ସଂସ୍କୃତି ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରେ। ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମର ଆଞ୍ଚଳିକ ସଂଗ୍ରାମୀମାନଙ୍କ ଗାଥାକୁ ସାରା ଦେଶରେ ପହଞ୍ଚାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ହୋଇଥିବା ଆଲୋଚନାରେ ସମ୍ବଲପୁରରେ ଏକ ନୂତନ ‘ଆର୍ଟ, ମ୍ୟୁଜିକ୍ ଏବଂ କ୍ରାଫ୍ଟ କଲେଜ’ ପ୍ରତିଷ୍ଠା ପାଇଁ ଯୋଜନା ଥିବା ସେ କହିଛନ୍ତି। ଏଥିସହ ସ୍ଥାନୀୟ କଳାକାରଙ୍କ ପାଇଁ ନିର୍ମାଣାଧୀନ ଅଡିଟୋରିୟମ୍ କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁରର ପ୍ରସିଦ୍ଧ ପଞ୍ଚବାଦ୍ୟ, ଡାଲଖାଇ ଓ ରଙ୍ଗବତୀ ପରି ସାଂସ୍କୃତିକ ଐତିହ୍ୟକୁ ଆହୁରି ଭବ୍ୟ କରିବା ଓ କଳାକାରମାନଙ୍କୁ ଉପଯୁକ୍ତ ମଞ୍ଚ ପ୍ରଦାନ କରିବା ଆମର ପ୍ରାଥମିକତା ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ସ୍ଲଟ୍...

ଓ ସ୍ଲଟ ବୁକିଂ ଦର୍ଶନ ଏକା ସମୟରେ ଜାରି ରହିବ। କିନ୍ତୁ ବୁକିଂ କରିଥିବା ବ୍ୟକ୍ତି ଧାର୍ଯ୍ୟ ସମୟରେ ହିଁ ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ସ୍ୱତନ୍ତ୍ର ହୋଲଡିଂ ଏରିଆରେ ରହି ସ୍ଲଟ୍ ବୁକିଂ ମାଧ୍ୟମରେ ଭିତରକୁ ଯାଇପାରିବେ। ପ୍ରଥମେ ପରୀକ୍ଷାମୂଳକ ଭାବେ ସ୍ଲଟ ବୁକିଂ ଦର୍ଶନ ବ୍ୟବସ୍ଥା କରାଯିବ। ଯଦି ଏହା ସଫଳ ହୁଏ, ତା’ହେଲେ ଏହାକୁ ସ୍ଥାୟୀ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଶ୍ରଦ୍ଧାଳୁ, ବିଶେଷକରି ବୃଦ୍ଧବୃଦ୍ଧା ଓ ଅସୁସ୍ଥ ଶ୍ରଦ୍ଧାଳୁମାନେ ସଠିକ୍ ସମୟ ଓ ବେଶ୍ ସହଜରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସେହିପରି ଏଣିକି ମନ୍ଦିରର ଚାରି ଦ୍ୱାରରେ ଲଗେଜ୍ ସ୍କାନର୍ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିପାଇଁ ଚାରି ଦ୍ୱାରରେ ମେଟାଲ୍ ଡିଟେକ୍ଟର ଲାଗିବ। ଆଜି ଅନୁଷ୍ଠିତ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ଶ୍ରୀମନ୍ଦିର ସୁରକ୍ଷା ନେଇ ପୂର୍ବରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦେଇଥିବା ପରାମର୍ଶକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷା ସବ୍‌କମିଟି ଅଧ୍ୟକ୍ଷ ଗିରୀଶ ମୁର୍ମୁ ଓ ପୁରୀ ଏସପି ପ୍ରତୀକ ସିଂ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଅନେକ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ସୁରକ୍ଷିତ ଦର୍ଶନ, ମୋବାଇଲ ଫୋନ୍ କଟକଣା, ଆଣ୍ଟି ଡ୍ରୋନ ଟେକ୍ନୋଲୋଜି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକ ପୂର୍ବରୁ ଶ୍ରୀମନ୍ଦିର ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ ଶ୍ରୀ ମୁର୍ମୁ ଓ ଅନ୍ୟାନ୍ୟ ଅଧିକାରୀ। ଏଥିସହ ଭିତ୍ତିଭୂମି ଓ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

### ଜଣେ...

ଏହାର ଜବାବରେ ଯବାନମାନେ ପାଲଟା ଗୁଳିଚାଳନ କରିଥିଲେ। ପ୍ରାୟ ୨୫ ମିନିଟ୍ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି। ଏହାଛଡ଼ା ଜରାଇକେଲାରୁ ଅଧିକ ସଂଖ୍ୟାରେ ଯବାନଙ୍କୁ ମଧ୍ୟ ସେଠାକୁ ପଠାଯାଇଥିବା ଜଣାପଡ଼ିଛି।

### ଓଡ଼ିଶା...

ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱାଭାବିକ ଭାବେ କୌଣସି ରାଜନୈତିକ ଆଲୋଚନା ହେବାର ସମ୍ଭାବନା କମ୍। ଏପରିକି ସେହିଦିନ କୌଣସି ରାଜନୈତିକ ଦଳ ଗଠନର ସମ୍ଭାବନା ମଧ୍ୟ ନାହିଁ। କିନ୍ତୁ ଆଗାମୀ ଦିନରେ ଏହି ନାଗରିକ ମଞ୍ଚ ରାଜ୍ୟ ରାଜନୀତିରେ ଯେ ଏକ ବଡ଼ ପରିବର୍ତ୍ତନର ମାଧ୍ୟମ ନ ସାଜିବ, ସେପରି ଏକ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। କାରଣ ଆସନ୍ତା ୧୭ ତାରିଖରେ ଓୟୁଏଟି ଅଡିଟୋରିୟମରେ ବହୁ ବିଜୁ ଅନୁଗତ ଏକାଠି ହେବାକୁ ଯାଉଛନ୍ତି। ଯେଉଁମାନେ ସେଦିନ ଶ୍ରାଦ୍ଧ ଦିବସରେ ଯୋଗଦେବେ ସେମାନେ ହୁଏତ କେବେ ନା କେବେ ବିଜୁ ପଟ୍ଟନାୟକଙ୍କ ସହ ସିଧାସଳଖ ସମ୍ପର୍କରେ ଆସିଛନ୍ତି କିମ୍ବା ପରୋକ୍ଷରେ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ। ସର୍ବୋପରି ଏହି ମଞ୍ଚର ନେତୃତ୍ୱ ନେଉଥିବା ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟ ଗତ ରାଜ୍ୟସଭା ନିର୍ବାଚନରେ ବିଜେଡିରେ ଅସ୍ଥିରତା ସୃଷ୍ଟି କରିବାର ମୁଖ୍ୟ ନାୟକ ସାଜିଥିଲେ।

## ମେଡିକାଲର ନୂତନ ଗୃହନିର୍ମାଣ ଲାଗି ବିଧାୟକଙ୍କୁ କୃତଜ୍ଞତା ଜଣାଇଲେ ବ୍ୟାସନଗର ଜନତା



**ଯାଜପୁର ରୋଡ଼,୧୫।୪(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ଜନସଂଖ୍ୟା ଦିନକୁ ଦିନ ବଢ଼ୁଥିବା ବେଳେ ଏହି ସହରରେ ଥିବା ଯାଜପୁର ରୋଡ଼ ସରକାରୀ ମୁଖ୍ୟସ୍ୱାସ୍ଥ୍ୟ କେନ୍ଦ୍ରଟିରେ ରୋଗି ବେଡ୍ ଅଭାବ ଯୋଗୁଁ, ଅତ୍ୟାଧୁନିକ ମେଡିକାଲ ମେସିନ୍ ସାମଗ୍ରୀ ଲାଗିବା ଲାଗି ଏଠାକାର ଅବସ୍ଥା ଅତି ଶୋଚନୀୟ ଥିବାରୁ ଏଠାକାର ଜନସାଧାରଣ ମାନେ ଯାଜପୁର ଟାଉନ, କଟକ, ଭୁବନେଶ୍ୱର ଭଳି ସ୍ଥାନକୁ ନିଜର ଟିକିଏ ବେଶି ସ୍ୱାସ୍ଥ୍ୟ ଖରାପ ହେଲେ ଉତ୍ତମ ଚିକିତ୍ସା ସେବା ପାଇବା ପାଇଁ ସେଠାକୁ ଯିବାକୁ ବାଧ୍ୟ ହୋଇଥାଆନ୍ତି। ଏଭଳି ସମସ୍ୟାକୁ ଦୂର କରିବା ଲାଗି କୋରେଇ ବିଧାୟକ ଆକାଶ ଦାସନାୟକ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣର ଆଜି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ନୂତନ ଗୃହ ନିର୍ମାଣ ପାଇଁ ପାଖାପାଖି ୧୭ କୋଟି ଟଙ୍କା ବ୍ୟୟବରାଦ ଅଟକଳ ରହିଛି। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ପୌରାଧ୍ୟକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ, କାଉନସିଲର ଅଶୋକ କୁମାର ରାଉତ, ମନିନ୍ଦ୍ର ସାହୁ, ଭରତ ଓଝା, ତୁଳତିର ପୂର୍ବତନ ସରପଂଚ ଦିପ୍ତିମୟୀ କୁଅଁର, ଜିତେନ୍ଦ୍ର ବେହୁରା, ଅଶୋକ ବାରିକ, ମେଡିକାଲ ଅଫିସର ପ୍ରସଂଜିତ କର, ସତ୍ୟନାରାୟଣ ମହନ୍ତି, ସୋମେନ୍ଦ୍ର ରାଉତ, ଧନେଶ୍ୱର ବାରିକ, ଅଚୁତାନନ୍ଦ ଦାସ'ଙ୍କ ସମେତ ବିଜେପିର ଅନେକ ବରିଷ୍ଠ କର୍ମୀ, ସରପଂଚ, ସମିତି ସଭ୍ୟ, ସଭ୍ୟା ଓ ପୌରପାରିଷଦ ମାନେ ଉପସ୍ଥିତ ରହିଥିଲେ।

## ବିଧାୟକଙ୍କ ଦ୍ୱାରା ସ୍କୁଲ ଗୃହ ନିର୍ମାଣ ପାଇଁ ଭୂମି ପୂଜନ



**ସୁନ୍ଦରଗଡ଼,୧୫।୪ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ନୂଆ ଗର୍ଜନବାହାଲ ଗ୍ରାମ ଠାରେ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗ ଦେଇ ଭୂମି ପୂଜନରେ କର୍ତ୍ତା ହୋଇ ପୂଜା କାର୍ଯ୍ୟ ତୁଲାଇଥିଲେ।

ଏହି ଅବସରରେ ବିଧାୟକ ଶ୍ରୀ ସିଂ ହାଇସ୍କୁଲ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ହେମଗିର ବିଜେଡି ଦଳର ସଭାପତି ସୁଶାନ୍ତ ପତି,ବୈଦେଶ୍ୱର ମାଝୀ, ସ୍କୁଲ ପ୍ରତିଷ୍ଠାତା ବିପିନ ବିହାରୀ ନାଏକ, ଗର୍ଜନ ବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକ, ଧର୍ମୁ କିଶାନ, ବିରେନ୍ଦ୍ର କିଶାନ, ଜନ୍ମଜୟ ସାହୁ,ଅଶୋକ କୁମାର ଅଗ୍ରୱାଲ, ପୁର୍ବତନ ଶିକ୍ଷକ ଶିଶିର ଚୌଧୁରୀ,ବଲିଙ୍ଗା ସରପଞ୍ଚ ସୁଭଦ୍ରା ବୈଗା, ସମିତି ସଭ୍ୟ ଧନେଶ୍ୱର ବଗର୍ତ୍ତି, ଲକ୍ଷ୍ମୀକାନ୍ତ ନାଏକ,ଡୁଡୁକା ସରପଞ୍ଚ ଜୟକୃଷ୍ଣ ମାଝୀ,ସଚିନ୍ଦ୍ର ମାଝୀ, ଉପେନ୍ଦ୍ର ମାଝୀ, ବଡ଼ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରକୁ ଧରିଲା ଯାଜପୁର ରୋଡ୍ ପୁଲିସ



**ଯାଜପୁର ରୋଡ଼,୧୫।୪(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ଡ଼ାକବଙ୍ଗଳା ଛକରେ ଥିବା ଏଡିଏମ୍ ଅଫିସ, ଚୋରଦା ଛକରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଭିଆଇପି ରୋଡରେ ଥିବା ମାଜିଷ୍ଟ୍ରେଟଙ୍କ ବାସଭବନରୁ କିଛି ଦିନ ପୂର୍ବରୁ ହୋଇଥିବା ଲୁଟ୍ ଘଟଣାରେ ଅଭିଯୁକ୍ତ ଚୋରକୁ ଗିରଫ କରିଛି ଯାଜପୁର ରୋଡ଼ ଥାନା ପୁଲିସ | ତା'ଠାରୁ ଗୋଟିଏ ଟଙ୍କା ଗଣା ମେସିନ, ୨ଟି ଲ୍ୟାପଟପ୍, ୨ଟି ମୋବାଇଲ ଆଉ କିଛି ଜିନିଷ ଜବତ କରାଯାଇଛି। ଗିରଫ ଯୁବକର ନାଁ ଚଗଲା ପାତ୍ର(ପପୁ-୪୫), ତା'ଘର ବ୍ୟାସନଗର ପୌରାଅଂଚଳ ସହର ସ୍ଥିତ ଲକ୍ଷ୍ମୀନଗର, ହୁଡ଼ି ସାହି ବୋଲି ଜଣାପଡ଼ିଛି। ତା'ନାଁରେ ପୂର୍ବରୁ ୩୩ଟି ମାମଲା ରହିଥିବା ବେଳେ ବିରଜା ପ୍ରସାଦ ପଣ୍ଡା ତାଙ୍କ ବାସଭବନରେ ଚୋରି ହୋଇଥିବା ନେଇ ଯାଜପୁର ରୋଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ସହରର ମୁଖ୍ୟ ରାସ୍ତାରେ ଥିବା ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତ ପପୁ ପାତ୍ରକୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିଲା। ଗିରଫ ପପୁକୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ଯାଜପୁର ରୋଡ଼ ଏସଡିପିଓ ଶ୍ରୀ ସରତ ଚନ୍ଦ୍ର ପାତ୍ର, ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ'ଙ୍କ ଉପସ୍ଥିତରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୁଚନା ଦିଆଯାଇଛି।

## ମୋବାଇଲ ଲୁଟେରାକୁ କୋର୍ଟ ଚାଲାଣ

**ଯାଜପୁର,୧୫।୪ (ସଂଚାର ବ୍ୟୁରୋ):** ଦାନଗଦି ପୁଲିସ ଆଜି ଜଣେ ମୋବାଇଲ ଲୁଟେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଲୁଟେରା ଯାଜପୁର ରୋଡ଼ ଥାନା ରାଛୀପୁରର ସୁରେନ୍ଦ୍ର ଓଝାଙ୍କ ପୁଅ ଲକ୍ଷ୍ମଣ ଓଝା ଓରଫ ମୁନା। ପୁଲିସ କେସ ନଂ ୧୫୩/୩.୩.୩୨୦୨୬। ଲକ୍ଷ୍ମଣ ଏବେ ଦାନଗଦି ସାତ ବାଉଁଶିଆରେ ରହୁଛି। ପୁଲିସ ଗିରଫ ସମୟରେ ତାଙ୍କ ଠାରୁ ପ୍ରାୟ ୬୦ କେଜିରୁ ଊର୍ଦ୍ଧ୍ୱ ଚୋରା ଲୁହା ଜବତ କରିଛି । ହେଲେ ସେ ୭୦ରୁ ଊର୍ଦ୍ଧ୍ୱ ମୋବାଇଲ ଲୁଟ କରି ସାଗମାଛ ଦରରେ ବିକ୍ରି କରିଥିବା ପୁଲିସ ଠାରେ ପ୍ରକାଶ କରିଛି । କିନ୍ତୁ ପୁଲିସ ଗୋଟିଏ ବି ଲୁଟ୍ ମୋବାଇଲ ଜବତ କରିବାରେ ସଫଳ ହୋଇନାହିଁ ।

### ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା

# ସପ୍ତାଏ ହେଲା ମେଡିକାଲରେ ନାହିଁ ପାଣି

**ଆନନ୍ଦପୁର,୧୫।୪ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁତର ଅବ୍ୟବସ୍ଥା ଦେଖାଦେଇଛି। ପାଣି ମଟର ଖରାପ ହୋଇଥିବାରୁ ରୋଗୀମାନେ ଭୋଗୁଛନ୍ତି ଅସହ୍ୟ ଅସୁବିଧା। ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ପାଞ୍ଚ ଦିନ ଧରି ପାଣି ମଟର ଖରାପ ହୋଇ ପଡିଥିବାରୁ ପାଣି ସଙ୍କଟ ଗଭୀର ରୂପ ନେଇଛି। ମେଡିକାଲକୁ ଆସୁଥିବା ରୋଗୀମାନେ ପାଣି ନ ମିଳିବାରୁ ବହୁତ ଅସୁବିଧା ଭୋଗ କରୁଛନ୍ତି। ବିଶେଷ କରି ଭର୍ତ୍ତି ହୋଇଥିବା ମହିଳା ରୋଗୀମାନଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡିଛି।




ଏହା ସହିତ ଏକ୍ସ-ରେ ମେସିନ ଦୀର୍ଘଦିନ ଧରି ଖରାପ ହୋଇଥିବା ସତ୍ତେ ଏପର୍ଯ୍ୟନ୍ତ ମରାମତି ହୋଇନାହିଁ। "ଆଜି ଆସିବ, କାଲି ଆସିବ" ବୋଲି କହି ମେଡିକାଲ ଅଫିସର ଡ଼ଃ ରାଜେନ୍ଦ୍ର ମୁର୍ମୁ ସମସ୍ୟାକୁ ବଢ଼ାଉଥିବା ଅଭିଯୋଗ ହେଉଛି। ପୂର୍ବତନ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଭିଜିଲାନ୍ସ ଜାଲରେ ପଡିବା ପରେ ଡ଼ଃ ରାଜେନ୍ଦ୍ର ମୁର୍ମୁଙ୍କୁ ଏହି କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେବେଠାରୁ ମେଡିକାଲରେ ଉନ୍ନତି ହେବା ପରିବର୍ତ୍ତେ ଅବନତି ଦେଖାଯାଉଛି ବୋଲି ସ୍ଥାନୀୟ ଲୋକଙ୍କ ଅଭିଯୋଗ। ଏଥିପାଇଁ କେତେକ ଡାକ୍ତର ମଦ୍ୟପାନ କରି ରୋଗୀ ଦେଖୁଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି, ଯାହା ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି।

**ପାଣି ନପାଇ ରୋଗୀ ହନ୍ତସନ୍ତ**

**ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟସେବା**

ଯୁବ ସମାଜସେବୀ ସନ୍ତୋଷ ସ୍ୱାଇଁ ଏହି ପାଣି ସମସ୍ୟା ସହିତ ଅନ୍ୟାନ୍ୟ ଅସୁବିଧାକୁ ଶୀଘ୍ର ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି।ସ୍ୱାସ୍ଥ୍ୟ ସେବା ଭଳି ଜରୁରୀ କ୍ଷେତ୍ରରେ ଏପରି ଅବ୍ୟବସ୍ଥା କେତେ ଦୂର ଯାଇପାରେ, ତାହା ଏହି ଘଟଣା ସ୍ପଷ୍ଟ କରୁଛି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ କେବେ ଏହା ଉପରେ ପଦକ୍ଷେପ ନେଉଛି।

### ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପାଇଁ ପ୍ରସ୍ତୁତି ବୈଠକ

## ୨୧ରେ ଆୟୋଜିତ ହେବ ସାମୂହିକ ବିବାହ

**ଯାଜପୁର,୧୫।୪ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନା ଅଧୀନରେ ଆସନ୍ତା ଏପ୍ରିଲ ୨୧ ତାରିଖରେ ସଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସାମୂହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ପୂର୍ବରୁ ବଛା ହୋଇଥିବା ୬୭ ଜଣ ବର କନ୍ୟାଙ୍କ ବିବାହ କାର୍ଯ୍ୟ ସମ୍ପାଦନ ହେବ। କାର୍ଯ୍ୟକ୍ରମର ସଠିକ୍ ପରିଚାଳନା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

ଅନୁସୂଚିତ ଜାତି, ଜନଜାତି, ରାସନ କାର୍ଡଧାରୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ,



**ବିବାହ କରିବେ ୬୭ ବର କନ୍ୟା**

ବିଧବା, ଦିବ୍ୟାଙ୍ଗଙ୍କ ମଧ୍ୟରୁ ବିବାହ ପାଇଁ ୬୭ ଜଣ ବର କନ୍ୟାଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବର କନ୍ୟାଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ରାଶି ମଧ୍ୟ ଦିଆଯାଉଛି। ଏପ୍ରିଲ ୨୧ରେ ସେମାନଙ୍କ ସାମୂହିକ ବିବାହ କାର୍ଯ୍ୟ ହେବ। ସକାଳୁ ୮ରୁ ୯ ଘଟିକା ମଧ୍ୟରେ ବରକନ୍ୟାଙ୍କ ଆଗମନ ସହ ରେଜିଷ୍ଟ୍ରେସନ୍ ହେବ। ଏହାପରେ ୯.୪୫ ଘଟିକାରେ ଉଦଘାଟନୀ ସଭା ସହ ପୂର୍ବାହ୍ନ ୧୦ ଟା ରୁ ଅପରାହ୍ନ ୧ ଘଟିକା ଯାଏଁ ବିବାହ କର୍ମ ଚାଲିବ। ବର ଓ କନ୍ୟାଙ୍କ ସମ୍ପର୍କୀୟଙ୍କ ସମେତ ପ୍ରାୟ ୩୦୦୦ ଲୋକଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି।

ଏଥିପାଇଁ ଆଇନ ଶୃଙ୍ଖଳା ସହ ପାର୍କିଂ ଇତ୍ୟାଦି ସୁପରିଚାଳନା ନିମନ୍ତେ ପୋଲିସ ଫୋର୍ସ ମୁତୟନ କରାଯିବ।

## ମଞ୍ଜରୀ ଦେବୀ ନର୍ସିଂ କଲେଜରେ ଅଗ୍ନି ନିରାପତ୍ତା ସଚେତନତା



**ବାଲିଅନ୍ତା,୧୫।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପୁରୁଣପଧାନ ସ୍ଥିତ ମଞ୍ଜରୀ ଦେବୀ ନର୍ସିଂ କଲେଜରେ ଆଜି ବ୍ଲକ ସ୍ତରୀୟ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଭୟ ବାଲିଅନ୍ତା ଓ ବାଲିପାଟଣା ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ମଞ୍ଜରୀ ଦେବୀ ନର୍ସିଂ କଲେଜର ଛାତ୍ରଛାତ୍ରୀ ସମୂହ ପ୍ରଶିକ୍ଷଣ ନେଇଥିଲେ । ଆୟୋଜିତ କର୍ମଶାଳାରେ ବାଲିପାଟଣା ବ୍ଲକ ଅଗ୍ନିଶମ ଅଧିକାରୀ ଜ୍ୟୋତି ପ୍ରକାଶ ରଥଙ୍କ ତତ୍ତ୍ୱାବଧାନରେ ଅନ୍ୟ ଆଗ୍ନିକ ଟିମ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ଅଗ୍ନିକାଣ୍ଡର କାରଣ, ପ୍ରତିରୋଧ, ପଦକ୍ଷେପ ଏବଂ ଆଘଟଣ ସମୟରେ ଅଗ୍ନି ନିର୍ବାପକର ବ୍ୟବହାର ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା । ଏହାଛଡା ବନ୍ୟା, ବାତ୍ୟା, ଭୂକମ୍ପ ଏବଂ ଘୂର୍ଣ୍ଣିବଳୟ ଭଳି ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତି ସମୟରେ କିଭଳି ମୁକାବିଲା କରାଯିବ ସେ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା ।

## କୋଣାର୍କରେ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀ

**ସୂର୍ଯ୍ୟମନ୍ଦିର ପରିସରରେ କଲେ ଯୋଗାଭ୍ୟାସ**



**କାକଟପୁର/ଅସ୍ତରଙ୍ଗ,୧୫।୪ (ସଂଚାର ବ୍ୟୁରୋ):** ଚନ୍ଦ୍ରଭାଗା କୂଳରେ ସୂର୍ଯ୍ୟୋଦୟ ଦର୍ଶନ ସହ ମନ୍ଦିର ପ୍ରାଙ୍ଗଣରେ ପ୍ରତିଯୋଗୀ ମାନଙ୍କ ଯୋଗାଭ୍ୟାସ। ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ନିମନ୍ତେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗୀମାନେ କୋଣାର୍କ ସୂର୍ଯ୍ୟମନ୍ଦିର ଓ ଚନ୍ଦ୍ରଭାଗା ବେଳାଭୂମି ପରିଦର୍ଶନ କରିବା ସହ ସୂର୍ଯ୍ୟମନ୍ଦିର ପରିସରରେ ଯୋଗାଭ୍ୟାସ କରିଛନ୍ତି । ଓଡ଼ିଶା ଗସ୍ତରେ ଆସିଥିବା ଫେମିନା ମିସ୍ ଇଣ୍ଡିଆର ପ୍ରତିଯୋଗୀ ଚନ୍ଦ୍ରଭାଗା ବେଳାଭୂମିରେ ପହଞ୍ଚି ସେଠାରେ ସମୁଦ୍ରର ଶୀତଳ ପବନ ଏବଂ ମନୋରମ ପରିବେଶ ମଧ୍ୟରେ ସୂର୍ଯ୍ୟୋଦୟର ଦୃଶ୍ୟ ଉପଭୋଗ କରି ବିଭୋର ହୋଇଯାଇଥିଲେ। ସମୁଦ୍ର କୂଳରେ କିଛି ସମୟ ଅତିବାହିତ କରିବା ସହ ସେମାନେ ପ୍ରକୃତିର ସୌନ୍ଦର୍ଯ୍ୟକୁ କ୍ୟାମେରାରେ କଏଦ କରିଥିଲେ। ପରେ ସମସ୍ତେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପହଞ୍ଚି ମନ୍ଦିରର କାରୁକାର୍ଯ୍ୟପୂର୍ଣ୍ଣ ପୃଷ୍ଠଭୂମିରେ ଯୋଗାଭ୍ୟାସ କରି ଶାରୀରିକ ଓ ମାନସିକ ଶାନ୍ତିର ବାର୍ତ୍ତା ଦେଇଥିଲେ। ଏହାପରେ ସେମାନେ ଅର୍କକ୍ଷେତ୍ରର କୋଣାର୍କ ମନ୍ଦିର ବୁଲି ଦେଖିବା ସହ ଏହାର ସ୍ଥାପତ୍ୟ କଳା ଓ ସମୃଦ୍ଧ ଇତିହାସ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତିଯୋଗୀ ମାନଙ୍କୁ ସ୍ୱାଗତ କରାଯାଇଥିଲା ।

## ଯୁଗଳ ପଞ୍ଚାୟତରେ ମିନି ଷ୍ଟାଡିୟମ ନିର୍ମାଣକୁ ନେଇ ପ୍ରଶ୍ନ





**ବେତନଟୀ,୧୫।୪ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧୀନ ଯୁଗଳ ପଞ୍ଚାୟତରେ ଦୁଇଟି ମିନି ଷ୍ଟାଡିୟମ ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶାଳବଣି ଓ ଉଦିପୁରା ଗାଁର ଯୁବକଙ୍କ ସୁବିଧା ପାଇଁ ପ୍ରତିଟି ଖେଳ ପଡିଆ ପାଇଁ ପାଞ୍ଚ ଲକ୍ଷ ଟଙ୍କା କରି ମୋଟ ଦଶ ଲକ୍ଷ ଟଙ୍କା ବ୍ୟୟରେ ଏହି ଦୁଇଟି ଖେଳ ପଡ଼ିଆ ଉନ୍ନତିକରଣ କାମ କରାଯାଇଥିବା ସୂଚନା ଫଳକରୁ ଜଣାପଡୁଛି। କିନ୍ତୁ ଏହି ପ୍ରକଳ୍ପର ପ୍ରାସଙ୍ଗିକତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି।

ସ୍ଥାନୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗାଁର ପ୍ରାୟ ୭୦ ପ୍ରତିଶତ ଯୁବକ କାମର ଅଭାବରେ ପରିବାରକୁ ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ପଳାଇଯାଇଛନ୍ତି। ଏପରି ପରିସ୍ଥିତିରେ ଖେଳିବାକୁ ଯୋଗ୍ୟ ଯୁବକ ଗାଁରେ ନଥିବା ସତ୍ତ୍ୱେ ଏତେ ଟଙ୍କା ବ୍ୟୟ କରି ମିନି ଷ୍ଟାଡିୟମ ନିର୍ମାଣ କାହିଁକି କରାଗଲା, ଏହାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି।

ବିଶେଷ କରି ଦୁଇଟି ଖେଳ ପଡ଼ିଆ ମଧ୍ୟରେ ପ୍ରାୟ ଶହେ ଫୁଟ୍ ବ୍ୟବଧାନ ଥିବା ସତ୍ତ୍ୱେ ଦୁଇଟି ଅଲଗା ପ୍ରକଳ୍ପ କାହିଁକି କରାଗଲା, ତାହା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗୋଟିଏ ପଡ଼ିଆରେ ଦୁଇଟି ଗୋଲ ପୋଷ୍ଟ ସହ ଗୋଟିଏ ପେଣ୍ଡାଲ ନିର୍ମାଣ ହୋଇଥିବାବେଳେ ଅନ୍ୟଟିରେ କେବଳ ଦୁଇଟି ଗୋଲ ପୋଷ୍ଟ ଓ ୧୨ଟି ସିମେଣ୍ଟ ବେଞ୍ଚ ତିଆରି କରାଯାଇଛି। କୌଣସି ପ୍ରକାରର ଆବଶ୍ୟକ କ୍ରୀଡା ସାମଗ୍ରୀ ଯୋଗାଣ ହୋଇନଥିବା ମଧ୍ୟ ଅଭିଯୋଗ ହୋଇଛି।

ଏହା ସହ ଅଧା ଅଧୁରା କାମ ହୋଇଥିବା ସତ୍ତ୍ୱେ କିପରି ସମ୍ପୂର୍ଣ୍ଣ ବିଲ ଉଠାଯାଇଛି, ତାହା ନେଇ ଗ୍ରାମବାସୀ ତଦନ୍ତ ଦାବି କରିଛନ୍ତି। ଉନ୍ନତିକରଣ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ସମଗ୍ର ଘଟଣାରେ ପ୍ରଶାସନିକ ଅଧିକାରୀଙ୍କ ଭୂମିକା ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପାରଦର୍ଶିତାକୁ ନେଇ ପ୍ରଶ୍ନ ଉଠିଥିବା ବେଳେ, ଶୀଘ୍ର ନିଷ୍ପକ୍ଷ ତଦନ୍ତ ଓ ଦାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ଯାଜପୁର ସହରରେ ଖୋଲିଲା ୧୨ ଜଳଛତ୍ର

**ଯାଜପୁର ଟାଉନ,୧୫।୪ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ଋତୁର ତୀବ୍ର ତାପଦାହକୁ ଦୃଷ୍ଟିରେ ରଖି ଯାଜପୁର ପୌରପାଳିକା ପକ୍ଷରୁ ସହରବାସୀ ଏବଂ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଆ ନବବର୍ଷ ଅବସରରେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ୧୨ଟି ଜଳଛତ୍ର ଉଦଘାଟନ କରାଯାଇଛି।ଯାଜପୁର ସହରକୁ ପ୍ରତିଦିନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକମାନେ ସରକାରୀ କାମ, ମେଡିକାଲ ଓ ମା' ବିରଜାଙ୍କ ଦର୍ଶନ ପାଇଁ ଆସୁଥିବା ବେଳେ, ଖରା ଦିନରେ ପାନୀୟ ଜଳର ଅଭାବ ଗୁରୁତର ସମସ୍ୟା ହୋଇଉଠେ। ଏହାକୁ ମନେରଖି ପୌରପାଳିକା ଏହି ପଦକ୍ଷେପ ନେଇଛି।ମେଡିକାଲ ଛକ, କୋଦଣ୍ଡପୁର, ମହାବୀର ଛକ, ଯୋଡ଼ିକୂଅ ଛକ, ବିରଜା ମନ୍ଦିର, ପୌର କାର୍ଯ୍ୟାଳୟ ସାମ୍ନା, ବଡ଼ ବଜାର, ଶିତଳେଶ୍ୱର ଛକ, ବଲ୍ଲଭି ଘାଟ, ବୁଦ୍ଧ ପାର୍କ ଓ ଟ୍ୟାକ୍ସି ଷ୍ଟାଣ୍ଡ ଭଳି ସ୍ଥାନରେ ଏହି ଜଳଛତ୍ରଗୁଡ଼ିକ ସ୍ଥାପିତ ହୋଇଛି।ଏହାସହ, ବୁଲା ପଶୁପକ୍ଷୀଙ୍କ ପାଇଁ ସହରର ୧୦ଟି ସ୍ଥାନରେ ପାଣି କୁଣ୍ଡ ବ୍ୟବସ୍ଥା କରାଯାଇଥିବାରୁ ପରିବେଶ ପ୍ରତି ମଧ୍ୟ ସଜାଗତା




ପ୍ରକାଶ ପାଇଛି।ପୌରପାଳିକା ପକ୍ଷରୁ ଜଣାପଡ଼ିଛି, ଏହି ଜଳଛତ୍ରଗୁଡ଼ିକ ଆସନ୍ତା ଜୁନ ୧୪ ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ହଜାର ହଜାର ଲୋକ ଏଥିରୁ ଉପକୃତ ହେବେ।ଉଦଘାଟନ କାର୍ଯ୍ୟକ୍ରମରେ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ମଲ୍ଲିକ, ନିର୍ବାହୀ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ରାଉତ ଓ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ।ଖରାରେ ଜନସେବାର ଏହି ପଦକ୍ଷେପକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିଛନ୍ତି।

## ଅଗ୍ନିକାଣ୍ଡରେ ଦୁଇ ବଖରା ଭସ୍ମୀଭୂତ

● ଜଳିଗଲା ଲକ୍ଷାଧିକ ଟଙ୍କାର ଆସବାବପତ୍ର

**ନୀଳଗିରି,୧୫।୪ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଭଉଁରିଆବାଡ଼ ଗ୍ରାମ ପଞ୍ଚାୟତ ୧ ନମ୍ବର ୱାଡ଼ ତେନ୍ତୁଳାପଡ଼ା ଗ୍ରାମର ଧ୍ରୁବ ସିଂ ଙ୍କ ପୁଅ ଲେଙ୍କା ଓରଫ ସନାତନ ସିଂ ଙ୍କ ଦୁଇ ବଖାର ଘର ଆଜି ମଧ୍ୟାହ୍ନ ୧୨,୩୦ ମିନିଟ ସମୟରେ ଆକସ୍ମିକ ଅଗ୍ନି କାଣ୍ଡ ଘଟି ଭସ୍ମିଭୂତ ହୋଇଯାଇଛି। ଉକ୍ତ ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବା ପତ୍ର ସହିତ ଧାନ ଚାଉଳ ଲୁଗାପଟା, ପିଲାଙ୍କ ବହି ବସ୍ତାନି ପୋଡି ପାଉଁଶ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ବୋଲି ଜଣାପଡ଼ିଛି। ଖବର ପାଇ ନୀଳଗିରି ଅଗ୍ନିସେବା ବିଭାଗର କର୍ମୀ ଦମକଳ ଗାଡ଼ି ସହିତ ପହଞ୍ଚି ନିଆଁ କୁ ଆୟତ କରିଥିଲେ ହେଁ ସେତେବେଳକୁ ସବୁକିଛି ଜଳି ପୋଡି ପାଉଁଶ ହୋଇଯାଇଥିଲା। ହେଲେ ଅଗ୍ନି କାଣ୍ଡରେ ପରିବାରର ୮ ପ୍ରାଣୀ ଙ୍କର ଜୀବନ ଅଳ୍ପ କେ ବର୍ତ୍ତି ଯାଇଛି। ଖବର ପାଇ ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ ଅଗ୍ନି ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସରକାରୀ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣା ପଡ଼ିଛି।



### ବାଲିଆପାଳ ପୁଲିସର ଏ କି ନ୍ୟାୟ ?

# ସଙ୍ଗୀନ ଦଫା ଲାଗିଥିବା ସତ୍ତ୍ୱେ ଆସାମୀକୁ ଦେଖାଉଛନ୍ତି ଅନୁକମ୍ପା

**ବାଲିଆପାଳ,୧୫।୪ (ସଂଚାର ବ୍ୟୁରୋ):** ବାଲିଆପାଳ ପୁଲିସର ଏକି ନ୍ୟାୟ। ସମାନ ଦଫା ଥାଇ ବିଭିନ୍ନ ମାମଲାରେ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ, ସେହି ସମାନ ଦଫା ଲାଗିଥିଲେ ବି ଆସାମୀକୁ ଗିରଫ କରିବା ବଦଳରେ ସୁରକ୍ଷା ଦେଉଥିବାର ଗୁରୁତର ଅଭିଯୋଗ ଆଣିଛନ୍ତି ପିଡିତା। ତେବେ ବାଲିଆପାଳ ପୁଲିସର ଏପରି ପାତର ଅନ୍ତର ନୀତି ଯୋଗୁଁ ବୁଦ୍ଧିଜୀବି ମହଲରେ ଉଠିଛି ପ୍ରଶ୍ନ ?

ସୂଚନାରୁ ପ୍ରକାଶ ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟୀ ଗ୍ରାମର ସଞ୍ଜୟ ଗିରିଙ୍କ ସ୍ତ୍ରୀ ରଶ୍ମିରେଖା ପାତ୍ରଙ୍କୁ ସ୍ଥାନୀୟ ମହାବଳା ଗ୍ରାମର ସ୍ୱର୍ଗତ ନଟବର ଦାସଙ୍କ ପୁଅ ନାରାୟଣ ଦାସ୍ ମାଡ ମାରିବା, ବ୍ଲାକ୍ମେଲ୍ କରିବା, ଅଶ୍ଳୀଳ ଚାଟ୍ କରିବା ତଥା ଯୌନ ନିବେଦନ କରୁଥିବାର ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ମୂଳେ ବାଲିଆପାଳ




ପୁଲିସ ମହିଳାଙ୍କ ଦ୍ୱାରା ହୋଇଥିବା ଏପରି ଏକ ସଂଗୀନ୍ ଅଭିଯୋଗକୁ ଆଖିଆଗରେ ରଖି ଭାରତୀୟ ନ୍ୟାୟ ସଂହିତା ୨୦୨୩ ଆଧାରରେ ୦୧୬୫ / ୨୬ ମୂଳେ ମାମଲା ରୁଜୁ କରି ଦଫା ୧୨୬/୨ ,୧୧୫/୨ ,୭୫ ,୭୪ ,୭୯ ,୨୯୬ ,୩୫୧/୨ ଲାଗିଛି। ତେବେ ଲାଗିଥିବା ଦଫା ୨୯୬କୁ ବାଦ୍ ଦେଲେ, ଅନ୍ୟ ସମସ୍ତ ଦଫା ସଂଗୀନ୍ ଓ ଜାମିନବିହୀନ ଦଫା

**ପୁଲିସର ପାତର ଅନ୍ତରକୁ ନେଇ ଉଠିଛି ପ୍ରଶ୍ନ ?**

ଲାଗିଥିବା ସତ୍ତ୍ୱେ, ପୁଲିସ୍ ଆସାମୀ ନାରାୟଣ ଦାସଙ୍କୁ ଅଦ୍ୟାବଧି ଗିରଫ କରିନାହାନ୍ତି। ପୋଲିସ୍ ର କୋହଳ ମନୋଭାବର ଫାଇଦା ନେଇ ଆସାମୀ ଅଧିକ ପ୍ରତିକ୍ରିୟାଶୀଳ ହେବା ସହ ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀଙ୍କୁ ମାମଲା ପ୍ରତ୍ୟାହାର ନକଲେ ଜୀବନରୁ ମାରିଦେବାକୁ ଧମକ ଦେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବେ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଛି, ଯେ ବିଗତ ଦିନରେ ସମାନ ଦଫା ଥାଇ ବାଲିଆପାଳ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ, ଏହି ମାମଲାରେ ଆସାମୀକୁ ଗିରଫ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ, ପୁଲିସ୍ ଓ ଆସାମୀ ମଧ୍ୟରେ ଅସାଧୁ ମେଣ୍ଟ ହୋଇଥିବାର ଚର୍ଚ୍ଚା ହେଉଛି।

ତେବେ ମାମଲାର ତଦନ୍ତ ଅଧିକାରୀ ଏସ୍ଆଇ ସୁଭସମିତା ପାଲ୍ ମ୍ୟାଡ଼ାମଙ୍କୁ ଏପରି ପାତର ଅନ୍ତର ବାବଦରେ ପଚାରିବାରୁ,ସେ ସିଧାସଳଖ ଉତ୍ତର ଦେଇଥିଲେ, ଆସାମୀକୁ ଗିରଫ କଲେ ତାଙ୍କର ଚାକିରୀ ଚାଲିଯିବା ସହ ସୁପ୍ରିମକୋର୍ଟଙ୍କ ଅର୍ଡର ପ୍ରସଙ୍ଗ ଉଠାଇଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ସମାନ୍ ଦଫାରେ ପୂର୍ବରୁ ବାଲିଆପାଳ ପୁଲିସ ଦ୍ୱାରା ବେଆଇନ୍ ଗିରଫଦାରୀ ହୋଇଛି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ତେବେ ଅଭିଯୁକ୍ତ ପକ୍ଷରୁ ପିଡିତା ପରିବାରକୁ ବିପଦ ରହିଥିବା ବେଳେ, ତୁରନ୍ତ ଆସାମୀକୁ ଗିରଫ କରିବା ସହ,ପିଡିତା ପରିବାରକୁ ପୁଲିସ୍ ପକ୍ଷରୁ ସୁରକ୍ଷା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ମର୍ମନ୍ତୁଦ ଦୁର୍ଘଟଣାରେ ସ୍ୱାମୀ ମୃତ ଓ ସ୍ତ୍ରୀ ଗୁରୁତର

**ଉତ୍ତ୍ୟକ୍ତ ଲୋକଙ୍କ ପକ୍ଷରୁ ରାସ୍ତା ଅବରୋଧ, ଯାତାୟାତ ବାଧାପ୍ରାପ୍ତ**




**ଢେଙ୍କାନାଳ,୧୫।୪ (ସଂଚାର ବ୍ୟୁରୋ):** ଢେଙ୍କାନାଳ ମହିଷାପାଟ ନିକଟରେ ବାଇକରେ ଯାଉଥିବା ଦମ୍ପତି ଉପରି ଏକ ଟ୍ରକ ମାଡ଼ିଯାଇଛି। ଦୁର୍ଘଟଣା ସ୍ଥଳରେ ସ୍ୱାମୀର ମୃତ୍ୟୁ ଘଟିଥିବା ବେଳେ ପତ୍ନୀଙ୍କୁ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି। ମୃତକ ସ୍ଥାନୀୟ ରଗଡି ସାହିର ଶ୍ୟାମ ସୁନ୍ଦର ନାୟକ ବୋଲି ଜଣାପଡିଛି।। ଦୁର୍ଘଟଣାରେ ମୃତ ଶ୍ୟାମସୁନ୍ଦରଙ୍କ ପତ୍ନୀ ଭାରତୀ ନାୟକ ଗୁରୁତର ଅବସ୍ଥାରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି।

ତେବେ ଏହି ଦୁର୍ଘଟଣା ପରେ ଦୁର୍ଘଟଣାସ୍ଥଳରେ ସ୍ଥାନୀୟ ଲୋକମାନେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ଢେଙ୍କାନାଳ ଶଙ୍କରପୁର ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଦୁଘଟଣା ସ୍ଥଳରେ ଟାଉନ ପୁଲିସ ପହଂଚି ଦୁର୍ଘଟଣା ଘଟାଇ ଥିବା ଟ୍ରକକୁ ଜବତ କରିଛି। ସେପଟେ ମୃତଦେହକୁ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଛି ପୁଲିସ। ମାତ୍ର ଆନ୍ଦୋଳନକୁ ଓହ୍ଲାଇଥିବା ଉତ୍ତ୍ୟକ୍ତ ଲୋକମାନେ ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

### କେନ୍ଦ୍ର ମନ୍ତ୍ରୀଙ୍କ ଦ୍ୱାରା 'ଜୋହୋ ସ୍କିଲ୍ ହବ୍' ଓ ପେଟିଏମ୍ 'ଜ୍ଞାନ ବାହନ' ଲୋକାର୍ପିତ

# ଆଇଟିରେ ଛାତ୍ରଛାତ୍ରୀଙ୍କୁ ଅଧିକ ଦକ୍ଷ କରିବ 'ଜୋହୋ ସ୍କିଲ୍ ହବ୍'

- ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ମିଳିବ ତାଲିମ
- ଜୋହୋର ପାର୍ଟନର ନେଟୱାର୍କ ସହ ଦେଶବିଦେଶରେ ମିଳିବ ନିଯୁକ୍ତି
- ପ୍ରଶିକ୍ଷଣ ଓ ନିଯୁକ୍ତି ଭବନ ଏବଂ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପିତ

ସମ୍ବଲପୁର/ବୁର୍ଲା, ୧୫।୪(ସଂଚାର ବ୍ୟୁରୋ): ସାମ୍ପ୍ରତିକ ପରିବର୍ତ୍ତିତ ବିଶ୍ୱରେ କେବଳ ଡିଗ୍ରୀ ବା ସାର୍ଟିଫିକେଟ୍ ଯଥେଷ୍ଟ ନୁହେଁ, ବରଂ 'ଦକ୍ଷତା ଆଧାରିତ ଶିକ୍ଷା' ହିଁ ଜଣେ ଛାତ୍ରର ପ୍ରକୃତ ପରିଚୟ ବୋଲି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରିବା ସହ ପେଟିଏମ୍-ୱିଜଡମ୍ ଅନ୍ ହୁଇଲ୍ସ (ଜ୍ଞାନ ବାହନ)ର ଶୁଭାରମ୍ଭ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

ବିଶ୍ୱସ୍ତରୀୟ ଆଇଟି କମ୍ପାନୀ 'ଜୋହୋ' ସହଯୋଗରେ ସ୍ଥାପିତ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଏହା କେବଳ ଏକ ତାଲିମ କେନ୍ଦ୍ର ନୁହେଁ, ବରଂ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍। ଏଠାରେ ଅତ୍ୟାଧୁନିକ କ୍ଲାସରୁମ୍ ଓ ପାର୍ଟନର ଅଫିସ୍ ଜରିଆରେ ଛାତ୍ରଛାତ୍ରୀ ବାସ୍ତବିକ କାର୍ଯ୍ୟକ୍ଷେତ୍ରର ଅଭିଜ୍ଞତା ପାଇବେ। ସମ୍ବଲପୁର ସମେତ ଆଖିପାଖି ଅଞ୍ଚଳର ଛାତ୍ରଛାତ୍ରୀ ଜୋହୋର ଅତ୍ୟାଧୁନିକ ଟେକ୍ନୋଲୋଜି ଉପରେ ତାଲିମ ପାଇପାରିବେ। ଜୋହୋ ସ୍କିଲ୍ ହବ୍ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଜ୍ଞାନକୌଶଳ (ଆଇଟି)ରେ ନିପୁଣ କରିବ। ପ୍ରତିଭାଧାରୀଙ୍କୁ ଜୋହୋର ପାର୍ଟନର ନେଟୱାର୍କ ସହ ଦେଶ-ବିଦେଶରେ



ସିଧାସଳଖ ନିଯୁକ୍ତି ସୁଯୋଗ ମଧ୍ୟ ମିଳିବ। ଜୋହୋ ପକ୍ଷରୁ ରେସ୍୨କ୍ଲାଉଡ୍ ପରି ସଂସ୍ଥାଗୁଡ଼ିକ ଓଡ଼ିଶାରେ ନିଜର ବେସ୍ ସ୍ଥାପନ କରିବା ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଏକ ମଡେଲ ସାଜିବ। ସେ କହିଛନ୍ତି ଯେ ସାମାଜିକ ଦାୟିତ୍ୱବୋଧର ଏକ ଅଂଶସ୍ୱରୂପ ପେଟିଏମ ଫାଉଣ୍ଡେସନ ଏବଂ ଭିସୁଟର ମିଳିତ ସହଯୋଗରେ ଜ୍ଞାନ ବାହନର ଶୁଭାରମ୍ଭ ପ୍ରଶଂସନୀୟ। ଏହି ଅତ୍ୟାଧୁନିକ ବସ୍ ଗ୍ରାମାଞ୍ଚଳର ସରକାରୀ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା ପ୍ରଦାନ କରିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ବୁର୍ଲାର ଭିସୁଟ ଅନୁଷ୍ଠାନ ସର୍ବଦା ବୈଷୟିକ ଜ୍ଞାନକୌଶଳରେ ନିଜର ଚରିତ୍ରକୁ ପ୍ରତିପାଦିତ କରିଛି। ଭିସୁଟ୍ ସର୍ବଦା ଏକ ପ୍ରାୟୋଗିକ ଶିକ୍ଷା କେନ୍ଦ୍ର ଭାବେ କାର୍ଯ୍ୟଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦେଇଆସିଛି। ଜୋହୋ ପରି ବିଶ୍ୱସ୍ତରୀୟ କମ୍ପାନୀର ସହଯୋଗରେ ଏବେ ସମ୍ବଲପୁରର ଇଞ୍ଜିନିୟରିଂ ଓ ଅଣ-ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନେ ଅତ୍ୟାଧୁନିକ ଟେକ୍ନୋଲୋଜିରେ ଦକ୍ଷ ହୋଇ ନିଜକୁ ନିଯୁକ୍ତିଦାତା ଭାବେ ଗଢ଼ିତୋଳିବେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜୋହୋ କର୍ପୋରେସନର ନିର୍ଦ୍ଦେଶକ ରାଜେନ୍ଦ୍ରନ ଦଣ୍ଡପାଣି, ପେଟିଏମର ପ୍ରତିନିଧି ଓ ଭିସୁଟ୍ କୁଳପତି ଉପସ୍ଥିତ ଥିଲେ।

### ଉପକୂଳ ଓଡ଼ିଶା ସହ ପଶ୍ଚିମ ଓଡ଼ିଶାର ଜିଲ୍ଲାକୁ ୟେଲୋ ଆଲର୍ଟ

## ୬ ଦିନ ପର୍ଯ୍ୟନ୍ତ ଦିନରେ ଗରମ, ସନ୍ଧ୍ୟାରେ ବର୍ଷା

ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ଦିନରେ ଗରମ, ସନ୍ଧ୍ୟାରେ ବର୍ଷା। ଆସନ୍ତା ୬ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ। ଏଥିପାଇଁ ଉଭୟ ଉପକୂଳ ଓଡ଼ିଶା ସହ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ। ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଜଗତସିଂହପୁର, ପୁରୀ ଏବଂ ଖୋର୍ଦ୍ଧା ଜିଲ୍ଲାର କିଛି କିଛି ଅଞ୍ଚଳରେ ଆଜି ସନ୍ଧ୍ୟାରେ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ହୋଇଛି। ଏହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିଛି। ସେହିପରି ଆସନ୍ତାକାଲି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ଗରମ ଓ ଗୁଳୁଗୁଳି ସ୍ଥିତି ଉପୁଜିବା ନେଇ ପୂର୍ବାନୁମାନ କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଗଞ୍ଜାମ ଓ ଗଜପତି ଭଳି ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀର ପ୍ରଭାବ



ଦେଖିବାକୁ ମିଳିବ ବୋଲି ଆଜି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଏହାଛଡ଼ା ଆସନ୍ତା ୧୭ରେ ବଲାଙ୍ଗୀର, ଝାରସୁଗୁଡ଼ା, ସମ୍ବଲପୁର ଓ ସୋନପୁର ଆଦି ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ମଧ୍ୟ ଦିଆଯାଇଛି। ୧୮ ତାରିଖରେ ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼ ସହ ସମ୍ବଲପୁର, ଅନୁଗୁଳ, ସୋନପୁର, ବରଗଡ଼, ଦେଓଗଡ଼, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ହିଟ୍ ୱେଭ୍ ଭଳି ସ୍ଥିତି ବି ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ଆହୁରି ଆସନ୍ତା ୧୯ରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ଅନୁଗୁଳ, ସୋନପୁର, ନୂଆପଡ଼ା, ବୌଦ୍ଧ ଏବଂ ବରଗଡ଼ ଜିଲ୍ଲାର କେତେକ ସ୍ଥାନରେ ଗ୍ରୀଷ୍ମ ପ୍ରବାହର ସମ୍ଭାବନା ରହିଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଆଇଡି ମାର୍କେଟରେ ଅଗ୍ନିକାଣ୍ଡ, ହୁତୁହୁତୁ ହୋଇ ଜଳିଗଲା ଉଠାଦୋକାନ



ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ନୟାପଲ୍ଲୀସ୍ଥିତ ଇନ୍ଦ୍ରଧନୁ (ଆଇଡି) ମାର୍କେଟରେ ଆଜି ଘଟିଛି ଭୟାବହ ଅଗ୍ନିକାଣ୍ଡ। ଗ୍ୟାସ ଲିକ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିବା ଫଳରେ ହୁତୁହୁତୁ ହୋଇ ଜଳିଯାଇଛି ଏକ ଉଠାଦୋକାନ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି। କିନ୍ତୁ ଏହା ପୂର୍ବରୁ ଉକ୍ତ ଦୋକାନର ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନାଯୋଗ୍ୟ ଯେ ପାଖାପାଖି ଦୁଇ ମାସ ତଳେ ପାରାଦୀପ ପରିବା ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଜଳିଯାଇଥିଲା ୫୦ରୁ ଊର୍ଦ୍ଧ୍ୱ ଦୋକାନ ଘର। ୩ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ବିଳମ୍ବିତ ରାତି ପ୍ରାୟ ୨ଟା ବେଳେ ନିଆଁ ଲାଗିଥିଲା। ପରେ ପୂରା ମାର୍କେଟକୁ ଏହା ବ୍ୟାପିଯାଇଥିଲା। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ କିଛି ସମୟ ମଧ୍ୟରେ ପୂରା ମାର୍କେଟ ଜଳିଯାଇଥିଲା। ଏଥିରେ ପରିବା, ଟଙ୍କା, ଓଜନକଣ୍ଟା, ସାଇକେଲ, ବାଇକ ସହ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିବା ବେଳେ ୬ଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ଯୋଗୁ କୋଟି କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା।

## ପଶ୍ଚିମବଙ୍ଗ ଡଙ୍ଗାରୁ ୫୨୦ ବସ୍ତା ଗୁଆ ଜବତ



ପାରାଦୀପ, ୧୫।୪ (ସଂଚାର ବ୍ୟୁରୋ): ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ବଙ୍ଗୋପସାଗରରେ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଥିବା ଦୁଇଟି ମାଛ ଧରା ଡଙ୍ଗାକୁ ଧରାଯାଇଛି। ଭାରତୀୟ ତଟରକ୍ଷୀ ଜାହାଜ ପେଟ୍ରୋଲିଂ କରିବା ସମୟରେ ଉକ୍ତ ଦୁଇଟି ମାଛଧରା ଡଙ୍ଗା ମା' ଆୟେଶା-୧ ଓ ମା' ଆୟେଶା-୨ ସନ୍ଦେହଜନକ ସ୍ଥିତିରେ ବୁଲୁଥିବା ଦେଖିବାକୁ ପାଇଥିଲା। ତୁରନ୍ତ ଉକ୍ତ ଡଙ୍ଗା ଉପରେ ଚଢ଼ାଉ କରାଯାଇ ତଟରକ୍ଷୀ ବାହିନୀର ସଦସ୍ୟମାନେ ପ୍ରାୟ ୫୨୦ ବସ୍ତା ଚୋରା ଗୁଆ ଜବତ କରିଛନ୍ତି। ଡଙ୍ଗାଗୁଡ଼ିକ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଥିବା ବେଳେ ଉକ୍ତ ଡଙ୍ଗାର ବୈଧ ପଞ୍ଜୀକରଣ ଓ ବୈଧ କାଗଜପତ୍ର ନଥିବା ଜଣାପଡ଼ିଛି। ଉକ୍ତ ଡଙ୍ଗା ସହ ସେଥିରେ ଥିବା କର୍ମଚାରୀମାନଙ୍କୁ କସାଫଳ ସାମୁଦ୍ରିକ ଥାନାକୁ ହସ୍ତାନ୍ତର କରାଯାଇଛି।

● ରାଜଧାନୀରେ ଚାଞ୍ଚଲ୍ୟ

## ଟ୍ୟୁସନ ଯାଇଥିବା ନାବାଳିକା ନିଖୋଜ

ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ଟ୍ୟୁସନ ଯାଇ ନିଖୋଜ ହେଲେ ନାବାଳିକା। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାପଲ୍ଲୀ ଥାନାଞ୍ଚଳରେ। ନୟାପଲ୍ଲୀ ଥାନା ସାଲିଆସାହି ନାବାଳିକାଙ୍କ ପତ୍ତା ମିଳୁନି। ଗତ ୧୩ ତାରିଖରେ ନାବାଳିକା ଜଣଙ୍କ ଟ୍ୟୁସନ ଯାଇ ଆଉ ଘରକୁ ଫେରିନଥିଲେ। ପରେ ଟ୍ୟୁସନ୍ ନିକଟରୁ ଉକ୍ତ ନାବାଳିକାଙ୍କ ସାଇକେଲ ଓ ବ୍ୟାଗ ମଧ୍ୟ ଜବତ କରାଯାଇଛି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ, ବିଜ୍ଞାନ ଶିକ୍ଷକ ଗିରଫ

ରାଇକିଆ, ୧୫।୪(ସଂଚାର ବ୍ୟୁରୋ): ଗୁରୁ ନାଁରେ କଳଙ୍କ। ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ବିଜ୍ଞାନ ଶିକ୍ଷକ ଗିରଫ ହୋଇଛନ୍ତି। ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ବିଜ୍ଞାନ ଶିକ୍ଷକଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଶିକ୍ଷକ ଜଣଙ୍କ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା



ପାଟପୁରପାଟଣା ଗାଁର ଜିତେନ୍ଦ୍ର ମଲିକ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଅଭିଯୁକ୍ତ ଜିତେନ୍ଦ୍ର ଟିକାବାଲି ଥାନାଞ୍ଚଳରେ ଥିବା ଏକ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଉକ୍ତ ହାଇସ୍କୁଲ ହଷ୍ଟେଲରେ ମଦ୍ୟପାନ କରି ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ଥିଲା। ଏହାକୁ ଭିତ୍ତି କରି ସ୍କୁଲ କମିଟି, ଶିକ୍ଷକ ଓ ଅଭିଭାବକଙ୍କ ନିଷ୍ପତ୍ତି କ୍ରମେ ତାଙ୍କୁ ହଷ୍ଟେଲରୁ ବାହାର କରି ଦିଆଯାଇଥିଲା। ତଥାପି ସେ ସ୍ଥାନୀୟ ଅଞ୍ଚଳରେ ରହି ସ୍କୁଲକୁ ଯାଉଥିଲେ। ତେବେ ଗାଁରେ ରହିବା ବେଳେ ସେ ସ୍କୁଲର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ଛାତ୍ରୀଙ୍କ ମା' ଟିକାବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟିକାବାଲି ପୁଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିଛି। ଏ ନେଇ ଟିକାବାଲି ଥାନାରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରା ଏନେଇ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଜଣେ ଶିକ୍ଷକଙ୍କ ଏଭଳି ଅମାନୁଷିକ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

### ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନକଲେ ଆସାମ ମୁଖ୍ୟମନ୍ତ୍ରୀ

## ମମତା ହତାଶ, ଆସାମରେ ପୁଣି ବିଜେପି ସରକାର

ଭୁବନେଶ୍ୱର, ୧୫।୪ (ସଂଚାର ବ୍ୟୁରୋ): ଆସାମରେ ପୁଣି ଥରେ ବିଜେପି ସରକାର ଆସିବା ମତଦାନ ସରିଛି। ଆଉ ଆସାମବାସୀ ବିଜେପି ସପକ୍ଷରେ ରାୟ ଦେଇଛନ୍ତି। ବିଶ୍ୱଶର୍ମା। ଓଡ଼ିଶା ଗସ୍ତରେ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମ ଆଗରେ ଦୃଢ଼ୋକ୍ତି ପ୍ରକକାଶ କରିଛନ୍ତି। ଏଥିସହିତ, ଆଉ ଅଳ୍ପଦିନ ପରେ ପଶ୍ଚିମବଙ୍ଗରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ବିଜେପି ଭଲ ପ୍ରଦର୍ଶନ କରିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ବିଶ୍ୱଶର୍ମା ବିରୋଧୀଦଳର ନେତା ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଯଦି ତାଙ୍କନାମରେ ୧୦ଟି ଆଣିବେ ତା'ହେଲେ ରାହୁଲ ତା'ର ଉତ୍ତର ରଖିପାରିବେ କି ବୋଲି ବିଶ୍ୱଶର୍ମା ପ୍ରଶ୍ନ କରିଛନ୍ତି। ବିଶ୍ୱଶର୍ମା କହିଛନ୍ତି, ଜନତା




ଓ ଗଣମାଧ୍ୟମ ସାମ୍ନାରେ ମୁଁ ମୋ ପାସପୋର୍ଟ ରଖିବି। ରାହୁଲ ତାଙ୍କର ପାସପୋର୍ଟ ରଖିବେ କି? ମହିଳା ସଂରକ୍ଷଣ ବିଲ୍ ନେଇ ସେ କହିଛନ୍ତି, ମହିଳା ସଂରକ୍ଷଣ ନେଇ ସଂସଦରେ ବିସ୍ତୃତ ଆଲୋଚନା ହେବ। ଏହି ସମୟରେ ଯାହାର ଯାହା ପରାମର୍ଶ ଅଛି ତାହା ଦେଇପାରିବେ। ମହିଳାଙ୍କ ସଂରକ୍ଷଣ ପାଇଁ ବହୁ ବର୍ଷ ହେଲା ଚିନ୍ତା କରାଯାଇ ନଥିଲା। ମହିଳାମାନଙ୍କୁ ସଂରକ୍ଷଣ ଦେବାରେ ଆବଶ୍ୟକତା ରହିଛି। ତେଣୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳମାନେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ପଓ୍ୱନ ଖେଡାଙ୍କୁ କଟାକ୍ଷ କରି ହିମନ୍ତ କହିଛନ୍ତି, ଖେଡ଼ାଙ୍କୁ ତେଲେଙ୍ଗାନା କୋର୍ଟରୁ ଟ୍ରାଂଜିଟ୍ ବେଲ୍ ମିଳିପାରିବନାହିଁ। ସେ ତେଲେଙ୍ଗାନାର ବାସିନ୍ଦା ବୋଲି ତାଙ୍କ ନିକଟରେ କୌଣସି ପ୍ରମାଣ ପତ୍ର ନାହିଁ। ଆସାମ ସରକାର ଏହି ପ୍ରସଙ୍ଗକୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନେଇଥିବା ବେଳେ ସୁପ୍ରିମକୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ସେହିପରି , ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରି ବିଶ୍ୱଶର୍ମା କହିଛନ୍ତି, ମମତା ହତାଶ ହୋଇଗଲେଣି। ତେଣୁ ମନକୁ ଯାହା ଆସୁଛି ତାହା ଗପୁଛନ୍ତି। ବାହାର ଲୋକଙ୍କୁ ଆଣି ବିଜେପି ଭୋଟ୍ କରାଉଛି ବୋଲି ମମତା ଦେଇଥିବା ଟିପ୍ପଣୀ ଉପରେ ମନ୍ତବ୍ୟ ଉପରେ ସେ ଏହା କହିଛନ୍ତି।



ପୂର୍ବତନ ସିଏଜି ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଗିରୀଶ ଚନ୍ଦ୍ର ମୁର୍ମୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟୁଛନ୍ତି।

## ଯୁବତୀଙ୍କ ମୃତଦେହ ଉଦ୍ଧାର

### ଭିଡିଓ କଲ୍‌ରେ ପଠାଇଲେ ମୃତ୍ୟୁ ପୂର୍ବର ଭିଡିଓ



ଭୁବନେଶ୍ୱର, ୧୫।୪(ସଂଚାର ବ୍ୟୁରୋ): ହଷ୍ଟେଲ ଭିତରେ ଝୁଲିପଡ଼ିଲେ ଯୁବତୀ। ଏହା ପୂର୍ବରୁ ଭିଡିଓ କଲରେ ପଠାଇଲେ ମୃତ୍ୟୁ ପୂର୍ବର ଭିଡିଓ। ମୋବାଇଲରୁ ମିଳିଲା ମୃତ୍ୟୁ ପୂର୍ବର ଭିଡିଓ। ଭୁବନେଶ୍ୱର ଖାରବେଳ ନଗର ଥାନା ଇଣ୍ଡଷ୍ଟ୍ରିଆଲ କଲୋନୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ଘର ନୟାଗଡ଼ ଜିଲ୍ଲା ସିଧାମୂଳାରେ। ଉକ୍ତ ଯୁବତୀ ଜଣଙ୍କ ଏକ ମେଡିସିନ୍ ଷ୍ଟୋରରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଯୁବତୀଙ୍କ ରୁମମେଟ ଘରକୁ ଯାଇଥିଲେ। ତେବେ ସେ ଫେରିବା ପରେ ହଷ୍ଟେଲ ଭିତରେ ତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ପୁଲିସ୍ ପୋଷ୍ଟମର୍ଟମ ସକାଶେ ପଠାଯାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ସହ ତଦନ୍ତ କରୁଛି ପୋଲିସ।

## ଗାଡ଼ିରୁ ୮ ଲକ୍ଷର ନକଲି ନୋଟ୍ ଜବତ, ଦୁଇ ଗିରଫ

ସୁବର୍ଣ୍ଣପୁର, ୧୫।୪(ସଂଚାର ବ୍ୟୁରୋ): ଗାଡ଼ିରୁ ଜବତ ହୋଇଛି ୮ ଲକ୍ଷ ଟଙ୍କାର ନକଲି ନୋଟ୍। ଏହି ନୋଟ୍‌କୁ ଜବତ କରି ସୋନପୁର ପୁଲିସ ବଡ଼ ଧରଣର ସଫଳତା ପାଇଛି। ପାଟ୍ରୋଲିଂ ସମୟରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ନୋଟ ଜବତ କରିବା ସହ ପୁଲିସ୍ ଦୁଇ ଜଣଙ୍କୁ ଗିରଫ ମଧ୍ୟ କରିଛି। ଗତକାଲି ବ୍ଲକ ଛକ ନିକଟରେ ଏକ କଳା ରଙ୍ଗର ସ୍କର୍ପିଓକୁ ସନ୍ଦେହ କରି ପୁଲିସ୍ ଅଟକାଇବା ସହ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଉକ୍ତ ଗାଡ଼ି ଭିତରୁ ଏକ ନୀଳ ରଙ୍ଗର କ୍ୟାରିବ୍ୟାଗରେ ୮ ଲକ୍ଷ ୪୭ ହଜାର ଟଙ୍କାର ନକଲି ନୋଟ୍ ରହିଥିବା ଦେଖାଯାଇଥିଲା। ପୁଲିସ୍ ଉକ୍ତ ନୋଟ୍‌କୁ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି ଗାଡ଼ିକୁ ସିଜ୍ କରିଛି। ତେବେ ବିଭିନ୍ନ ସମୟରେ ସୋନପୁର ସହରରେ ନକଲି ନୋଟ କାରବାର ବଢୁଥିବା ବେଳେ ଆଜିର ଗିରଫଦାରୀ ଏହାକୁ ରୋକିବା ଦିଗରେ ସହଯୋଗ କରିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନାନୁସାରେ, ସୋନପୁର ଉଲୁଣ୍ଡା ଠାରେ ଚଢ଼ାଉ କରି ଏସଟିଏଫ ନକଲି ନୋଟ୍ ଜବତ ହୋଇଥିଲା। ଏଥି ସହ ଜଣେ ଅଭିଯୁକ୍ତ ଦୀପକ ମେହେରକୁ ଗିରଫ କରାଯାଇଥିଲା। ବିଡ଼ା ବିଡ଼ା ନକଲି ନୋଟ ଜବତ ହୋଇଥିଲା। ଅସଲି ନୋଟ୍ ଭଳି ଅବିକଳ ଦେଖାଯାଉଥିବା ନକଲି ୫ ଶହ ଟଙ୍କିଆ ନୋଟ ଜବତ ହୋଇଥିଲା। ୪୧.୧୬ ଲକ୍ଷ ଟଙ୍କାର ନକଲି ୫ ଶହ ଟଙ୍କିଆ ନୋଟ୍ ଜବତ କରିଥିଲା ଏସଟିଏଫ।



### ପ୍ରତିଶ୍ରୁତି ଦେଇ ପ୍ରତାରଣା

## ଗିରଫ ହେଲେ ଅଧ୍ୟାପକ

ଦେବଗଡ, ୧୫।୪ (ସଂଚାର ବ୍ୟୁରୋ): ବିବାହ ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିବା ପରେ ପ୍ରତାରଣା ଅଭିଯୋଗରେ ଏକ କଲେଜର ଜଣେ ଅଧ୍ୟାପକ ଗିରଫ ହେବା ଘଟଣା ଆଜି ମୁଖ୍ୟ ଚର୍ଚ୍ଚାର ବିଷୟ ସାଜିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦେବଗଡ ସହରର ଏକ



ମହାବିଦ୍ୟାଳୟର ନିଳାଞ୍ଚଳ ରାଜହଂସ ନାମକ ଜଣେ ଅଧ୍ୟାପକ ଉକ୍ତ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ୨୦୨୪ ସେପ୍ଟେମ୍ବର ମାସରୁ ପ୍ରେମ ଫାଶରେ ଫସାଇବା ସହ ବିବାହ ପ୍ରଲୋଭନ ଦେଖାଇ ଅନେକବାର ଶାରୀରିକ ରଖି ଆସୁଥିଲେ। ୨୦୨୫ ଜାନୁଆରୀରେ ଉଭୟେ ଦେଓଝରଣ ପର୍ଯ୍ୟଟନସ୍ଥଳୀକୁ ଯାଇ ପ୍ରଥମଥର ପାଇଁ ଶାରୀରିକ ସମ୍ପର୍କ ରଖିଥିବାବେଳେ ପରବର୍ତ୍ତୀ ସମୟରେ ମଧ୍ୟ ଏହା ଜାରି ରହିଥିଲା। ଗତ ୧୧ ତାରିଖ ଦିନ ଅଧ୍ୟାପକ ରାଜହଂସ ବିବାହ ପ୍ରଲୋଭନ ଦେଖାଇ ଉକ୍ତ ଛାତ୍ରୀଙ୍କୁ ଡାକିବାରୁ ଛାତ୍ରୀ ଜଣକ ଘର ଲୋକଙ୍କୁ ନଜଣାଇ କଲେଜ ଯିବା ବାହାନାରେ ଘରୁ ପଳାଇ ଆସିଥିଲେ। ଉଭୟେ ଭବାନୀପାଟଣା ଯିବାସହ ସେଠାରେ ଥିବା ରାଜହଂସଙ୍କ ଭଡା କୋଠରୀରେ ରହିଥିଲେ। ଏହା ପରିଦିନ ଅର୍ଥାତ୍ ଗତ ୧୨ ତାରିଖ ସକାଳେ ଉଭୟେ ଏକ ବାଇକ ଯୋଗେ ଏଠାକୁ ଆସିଥିଲେ ଓ ରାଜହଂସ ତାଙ୍କୁ ଦେବଗଡରେ ଛାଡି ଦେଇଥିଲେ। ଛାତ୍ରୀ ଜଣକ ବିବାହ କଥା କହିବାରୁ ଅଧ୍ୟାପକ ରାଜହଂସ ତାଙ୍କୁ ରୋକଠୋକ ଭାବେ ମନା କରିଦେଇଥିଲେ। ଫଳରେ ଛାତ୍ରୀ ଜଣକ ଘରକୁ ଫେରି ଏକଥା ପରିବାର ଲୋକଙ୍କୁ ଜଣାଇବା ସହ ସୋମବାର ଏନେଇ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ଅଧ୍ୟାପକ ରାଜହଂସଙ୍କ ବିରୁଦ୍ଧରେ ବିଭିନ୍ନ ଦଫାରେ ୧୯୬/୨୬ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ତାଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଢାବା ଉପରେ ମଦ୍ୟପଙ୍କ ବୋମାମାଡ଼, ୩ ଅଟକ

ସତ୍ୟବାଦୀ, ୧୫।୪(ସଂଚାର ବ୍ୟୁରୋ): ସ୍ଥାନୀୟ କଲେଜ ଛକ ନିକଟସ୍ଥ ୩୧୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ଜୟା ହୋଟେଲ ଉପରେ ବୋମାମାଡ଼ ହୋଇଛି। ଅବଶ୍ୟ ଏହି ବୋମାମାଡ଼ରେ କେବଳ ଏକ କାର୍ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। କେହି ବି ଏଥିରେ ଆହତ ହୋଇନାହାନ୍ତି। ଏହି ମାମଲାରେ ୩ ଜଣଙ୍କୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ୪ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ଉକ୍ତ ହୋଟେଲକୁ ଖାଇବା ସକାଶେ ଆସିଥିଲେ। ତେବେ ସେମାନେ ଖାଇସାରିବା ପରେ ନାନାଦି ଅଶାଳୀନ ଭାଷାରେ କଥାବାର୍ତ୍ତା ହେବା ସହ ଢାବା କର୍ମଚାରୀମାନଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଢାବାର କର୍ମଚାରୀମାନେ ସେମାନଙ୍କୁ ଯେତେ ବାରଣ କଲେ ବି ସେମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଫଳସ୍ୱରୂପ ହୋଟେଲରେ




ମହିଳାମାନେ ଖାଉଥିବାରୁ ବାଧ୍ୟ ହୋଇ ହୋଟେଲ୍ ମାଲିକ ଉକ୍ତ ଯୁବକମାନଙ୍କୁ ବାହାରକୁ ବାହାର କରିଦେଇଥିଲେ। ଏହାକୁ ନେଇ କେତେକ ସ୍ଥାନୀୟ ଯୁବକଙ୍କ ସହ ଉକ୍ତ ମଦ୍ୟପମାନଙ୍କର ବଚସା ହେବା ସହ ଗଣ୍ଡଗୋଳ ହୋଇଥିଲା। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚିବା ବେଳକୁ ସେମାନେ ସେହି ସ୍ଥାନ ଛାଡ଼ି ଚାଲିଯାଇଥଲେ। ଏହାର କିଛି ସମୟ ପରେ ସେମାନେ ପୁଣି ଆସି ହୋଟେଲ ଉପରକୁ ୩ଟି ବୋମା ଫିଙ୍ଗି ସେଠାରୁ ଫେରାର୍ ହୋଇଯାଇଥିଲେ।

## ବାଇକ୍‌କୁ ଧକ୍କା ଦେଲା ବସ୍: ୨ ମୃତ

ଚାନ୍ଦବାଲି, ୧୫।୪ (ସଂଚାର ବ୍ୟୁରୋ): ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣାରେ ୨ ଜଣ ବାଇକ ଆରୋହୀଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ଘଟଣାଟି ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିକଟସ୍ଥ କଖାରୁଡିହି ନିକଟରେ ଘଟିଛି। ମିଳିଥିବା ଖବର ଅନୁସାରେ, ଉକ୍ତ ବସଟି ବାଇକକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ବାଇକରେ ଥିବା ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ। ତେବେ ଦୁର୍ଘଟଣା ଘଟାଇବା ପରେ ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ତାକୁ ପୁଲିସ୍ ଗିରଫ କରିପାରିନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଦ୍ୱୟକୁ ଜବତ କରିବା ସହ ବ୍ୟବଚ୍ଛେଦ ବ୍ୟବସ୍ଥା କରିଛି। ବସ୍ ଓ ବାଇକ୍‌କୁ ଜବତ କରି ପୁଲିସ୍ ତଦନ୍ତ ଜାରି ରଖିଛି। ଏଥିସହ ଖୁବ୍‌ଶୀଘ୍ର ବସ୍ ଡ୍ରାଇଭର୍‌କୁ ଗିରଫ କରାଯିବ ବୋଲି ପୁଲିସ୍ କହିଛି।

### କ୍ଲଚ୍ ତାରରେ ସ୍ତ୍ରୀର ତଣ୍ଟି ଚିପି ହତ୍ୟା ମାମଲା

# ଦୋଷୀ ସ୍ୱାମୀକୁ ଆଜୀବନ କାରାଦଣ୍ଡାଦେଶ

ପାରଳାଖେମୁଣ୍ଡି, ୧୫।୪(ସଂଚାର ବ୍ୟୁରୋ): ବିବାହର ମାତ୍ର ବର୍ଷେ ପରେ ଅଧିକ ଯୌତୁକ ଦାବି କରି ଥରକୁ ଥର ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଶେଷରେ କ୍ଲଚ୍ ତାରରେ ତଣ୍ଟି ଚିପି ନିଜ ଧର୍ମପତ୍ନୀଙ୍କୁ ହତ୍ୟା କରିବା ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲା ସେସନ୍ସ ଜଜ ବିଭୁ ପ୍ରସାଦ ପଣ୍ଡା ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୦୨ରେ ରାୟ ଶୁଣାଇଛନ୍ତି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଜାଡ଼ିୱାଡା ଗ୍ରାମ ନିବାସୀ ତଥା ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରାରେ ବସବାସ କରୁଥିବା ଅଭିଯୁକ୍ତ ରେଗାଟି ଧନୁଞ୍ଜୟ ଓରଫ ରକୋଟି ଧନୁଞ୍ଜୟ (୩୮ ବର୍ଷ)କୁ ଦୋଷୀ ସାବ୍ୟସ୍ତ କରି ବିଚାରପତି ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଭରିବାକୁ ଆଦେଶ ଦେଇଛନ୍ତି। ଏଥିସହ ଜରିମାନା ଅନାଦେୟ ପରିପ୍ରେକ୍ଷୀରେ କଲେ ଆହୁରି ୬ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ନ୍ୟାୟାଧୀଶ ନିଜର ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଘରୋଇ ଅତ୍ୟାଚାର ପାଇଁ ରହିଥିବା ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୪୯୮(କ)ରେ ଉକ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ସଜା



ଶୁଣାଇଛନ୍ତି ତଥା ଜରିମାନା ଅନାଦେୟ ଆହୁରି ତିନି ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏତଦବ୍ୟତୀତ ଯୌତୁକ ଦାବିକୁ ନେଇ ଉଦ୍ଦିଷ୍ଟ ଧାରା ୪ରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷର ସଶ୍ରମ କାରାଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ସଜା ଶୁଣାଇଛନ୍ତି ତଥା ଜରିମାନା ଅନାଦେୟ ଆହୁରି ଦୁଇ ମାସ ସଶ୍ରମ ଜେଲଦଣ୍ଡ ଭୋଗ କରିବାକୁ ପଡିବ ବୋଲି କୁହାଯାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସରୋଜ କୁମାର ରଥ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ଘଟଣାର ବିବରଣୀ ଅନୁସାରେ, ଗତ ୨୦୧୮ମସିହା ଏପ୍ରିଲ ମାସରେ ହିନ୍ଦୁ ରୀତିନୀତି ଅନୁଯାୟୀ ଅଭିଯୁକ୍ତଙ୍କର ମୃତକ ରେଗାଟି ପେଣ୍ଟମ୍ମା (୨୦ ବର୍ଷ)ଙ୍କ ଜାଡ଼ିୱାଡା ଗ୍ରାମରେ ବିବାହ ହୋଇଥିଲା। କିଛି ଦିନ ଭଲରେ ରହିବା ପରେ ଅଭିଯୁକ୍ତଜଣଙ୍କ ପଲାସାରେ ଗ୍ୟାରେଜ କରିବାକୁ ନେଇ ଅଧିକ ଯୌତୁକ ଦାବି କରି ଶେଷରେ ଗୁରାଣ୍ଡି ଥାନା ଅନ୍ତର୍ଗତ ମାଛମରା ଗ୍ରାମରେ ଭଡାଘର ନେଇ ଏକ ଗ୍ୟାରେଜ ଖୋଲିଥିଲେ। କିନ୍ତୁ ଅଧିକ ଯୌତୁକକୁ ନେଇ ତାଙ୍କୁ ସବୁବେଳେ ନିର୍ଯ୍ୟାତନା ଦେଇଆସୁଥିଲେ। ୨୦୧୯ ନଭେମ୍ବର ୧୨ ତାରିଖ ଦିନ ସକାଳେ ଗୁରାଣ୍ଡି ଥାନା ଅନ୍ତର୍ଗତ ଜଙ୍ଗଲପାଡୁ ନିବାସୀ କେ. ରାମାରାଓ ଯିଏ କି ମୃତକଙ୍କ ମାମୁଁ ଖବର ପାଇଲେ ଯେ ଝୁଲନ୍ତା ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ସନ୍ଦେହ କରି ସ୍ୱାମୀଙ୍କ ନାଁରେ ଗୁରାଣ୍ଡି ଥାନାରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏକ ମାମଲା ଦାୟର କରିଥିଲେ ଯାହାକି ମାମଲା ନମ୍ବର ୯୭/୧୯ରେ ପଞ୍ଜିକୃତ ହୋଇଥିଲା। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତତ୍କାଳୀନ ସବଇନ୍ସପେକ୍ଟର ମୁକେଶ କୁମାର ବେହେରା ଓ ମୁକେଶ କୁମାର ଲାକ୍ରା ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲେ। ଆଜି ୧୩ ଜଣ ବଳିଷ୍ଠ ସାକ୍ଷୀ ପ୍ରମାଣ ତଥା ଦସ୍ତାବିଜକୁ ଆଧାର କରି କୋର୍ଟ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୩୦୦ ଫ୍ରେସର୍ସଙ୍କ ଛଟେଇ କଲା ଜୋହୋ

ଚେନ୍ନାଇ/ନୂଆଦିଲ୍ଲୀ,୧୫।୪: ପ୍ରସିଦ୍ଧ ଭାରତୀୟ ସଫ୍ଟୱେର୍ କମ୍ପାନୀ 'ଜୋହୋ' ୩୦୦ ଜଣ ଫ୍ରେସର୍ସଙ୍କୁ ହଠାତ୍ ଚାକିରିରୁ ବାହାର କରିଦେଇଥିବା ନେଇ ଏକ ପୋଷ୍ଟ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ଏହି ଘଟଣା ଭାରତୀୟ ଆଇଟି କ୍ଷେତ୍ରରେ ଏଣ୍ଟ୍ରି-ଲେଭଲ୍ ପ୍ରତିଭାଙ୍କ ଭବିଷ୍ୟତକୁ ନେଇ ଚିନ୍ତା ବଢ଼ାଇଦେଇଥିଲା। ତେବେ ଏହି ଭାଇରାଲ୍ ଅଭିଯୋଗ ଉପରେ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ କୌଣସି କର୍ମଚାରୀଙ୍କୁ ଚାକିରିରୁ ବାହାର କରାଯାଇନାହିଁ। ଜୋହୋର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ପୋଷ୍ଟରେ କମ୍ପାନୀର ଇଣ୍ଟର୍ନସିପ୍ ପ୍ରୋଗ୍ରାମକୁ ପୂର୍ଣ୍ଣକାଳୀନ ଚାକିରି ବୋଲି ଭୁଲରେ ଧରିନିଆଯାଇଛି। ଭାଇରାଲ୍ ପୋଷ୍ଟରେ କ'ଣ ଥିଲା ଅଭିଯୋଗ? ଏକ୍ସରେ ବ୍ୟାପକ ଭାବେ ସେୟାର ହେଉଥିବା ଏହି ପୋଷ୍ଟଟି ଜଣେ ପ୍ରଭାବିତ ଟ୍ରେନିଙ୍କ ଆକାଉଣ୍ଟରୁ କରାଯାଇଥିବା ଦାବି କରାଯାଇଛି। ସେଥିରେ ଉଲ୍ଲେଖ ଅଛି ଯେ, ସେମାନେ ଜୋହୋ ପାଇଁ ଟିସିଏସ୍, କଗ୍ନିଜାଣ୍ଟ ଏବଂ କ୍ୟାପଜେମିନି ଭଳି କମ୍ପାନୀର ଅଫର୍ ଛାଡ଼ିଦେଇଥିଲେ। କିନ୍ତୁ ଏବେ ବିନା କୌଣସି କାରଣରେ ସେମାନଙ୍କୁ ବାହାର କରିଦିଆଯାଇଛି। ଅଜ୍ଞାତ ଇଣ୍ଟର୍ଣ୍ଣ ଜଣକ ଲେଖିଛନ୍ତି, "ସେହି କମ୍ପାନୀଗୁଡ଼ିକରେ ବେଞ୍ଚରେ ବସିଥିଲେ ମଧ ମୋତେ କିଛି ସ୍ଥିରତା ମିଳିଥାନ୍ତା। ଏହି ଘଟଣା ମୋତେ ବହୁତ ବାଧିଛି। ମୁଁ ଏକ ଗରିବ ପରିବାରରୁ ଆସିଛି ଏବଂ ଏହି ଚାକିରି ଉପରେ ମୋ ପରିବାର ନିର୍ଭର କରୁଥିଲା।" ଜୋହୋର ସହ-ପ୍ରତିଷ୍ଠାତା ଶ୍ରୀଧର ଭେମ୍ବୁଙ୍କୁ ଟାର୍ଗେଟ୍ କରି ସେ ଲେଖିଛନ୍ତି ଯେ, ଗ୍ରାମାଞ୍ଚଳ ଏବଂ ଛୋଟ ସହରର ପିଲାଙ୍କୁ ନିଯୁକ୍ତି ଦେବା ନେଇ ବଡ଼ ବଡ଼ କଥା କୁହାଯାଉଥିବା ବେଳେ ଏପରି ବିନା କାରଣରେ ଶହ ଶହ ଯୁବ କର୍ମଚାରୀଙ୍କୁ ବାହାର କରିଦେବା ସମ୍ପୂର୍ଣ୍ଣ ଓଲଟା କାହାଣୀ ବୟାନ କରୁଛି। ଜୋହୋର ଜବାବ: 'ଇଣ୍ଟର୍ନସିପ୍ ଚାକିରି ନୁହେଁ' ଏହି ଅଭିଯୋଗର ଜବାବ ରଖି ଜୋହୋର ଗ୍ଲୋବାଲ୍ ଏଚ୍ଆର୍ ଅପରେସନ୍ସର ଆସୋସିଏଟ୍ ଡାଇରେକ୍ଟର ମହମ୍ମଦ ସୋହେଲ କହିଛନ୍ତି: "ଏହି ପୋଷ୍ଟରେ ଆମର ଇଣ୍ଟର୍ନସିପ୍ ପ୍ରୋଗ୍ରାମକୁ ଚାକିରି ସହ ଯୋଡ଼ି ଭ୍ରମ ସୃଷ୍ଟି କରାଯାଉଛି। ଏ ଦୁଇଟି ସମ୍ପୂର୍ଣ୍ଣ ଅଲଗା: ଇଣ୍ଟର୍ନସିପ୍ ହେଉଛି କେବଳ ଶିଖିବାର ଏକ ସୁଯୋଗ, ଏହା କୌଣସି ପୂର୍ଣ୍ଣକାଳୀନ ଚାକିରିର ଗ୍ୟାରେଣ୍ଟି ଦିଏନାହିଁ।" ସେ ସୂଚନା ଦେଇଛନ୍ତି ଯେ, ୨୦୨୬ ବ୍ୟାଚ୍ର ୩୦ ପ୍ରତିଶତରୁ ଅଧିକ ଇଣ୍ଟର୍ଣ୍ଣଙ୍କୁ ଆଗରୁ ହିଁ ଫୁଲ୍-ଟାଇମ୍ ଚାକିରିର ଅଫର୍ ଦିଆଯାଇସାରିଛି କିମ୍ବା ସେମାନଙ୍କର ମୂଲ୍ୟାଙ୍କନ ଚାଲିଛି। ଯେଉଁ ଇଣ୍ଟର୍ଣ୍ଣମାନଙ୍କୁ ଚାକିରି ମିଳିନାହିଁ, ସେମାନଙ୍କୁ କମ୍ପାନୀ 'ଛଟେଇ' (Laid off) କରିଛି ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍। ଯେଉଁମାନେ ନିଜର 'ଅସାଧାରଣ ଦକ୍ଷତା' ପ୍ରଦର୍ଶନ କରନ୍ତି କମ୍ପାନୀ ସେମାନଙ୍କୁ ନିଯୁକ୍ତି ଦିଏ। ବାକି ପିଲାମାନେ ନିର୍ଦ୍ଧାରିତ ସମୟରେ ନିଜର ଇଣ୍ଟର୍ନସିପ୍ ଶେଷ କରିଥାନ୍ତି ଏବଂ ଅନ୍ୟ କମ୍ପାନୀରେ ଚାକିରି ଆବେଦନ କରିବାକୁ ସେମାନେ ସମ୍ପୂର୍ଣ୍ଣ ମୁକ୍ତ।



# ସେନ୍‌ସେକ୍ସ ୧୨୬୪ ପଏଣ୍ଟ୍ ବଢ଼ିଲା

ନୂଆଦିଲ୍ଲୀ,୧୫।୪: ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୧,୨୬୪ ପଏଣ୍ଟ (୧.୬୪%) ବୃଦ୍ଧି ପାଇ ୭୮,୧୧୧ରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୩୮୯ ପଏଣ୍ଟ (୧.୬୩%) ବୃଦ୍ଧି ପାଇ ୨୪,୨୩୧ରେ ପହଞ୍ଚିଛି। ଆଜିର କାରବାରରେ ଅଟୋ, ଆଇଟି, ଧାତୁ ଏବଂ ରିଅଲ୍ ଇଷ୍ଟେଟ୍ ଷ୍ଟକ୍‌ରେ ପ୍ରବଳ କିଣାବିକା ଦେଖିବାକୁ ମିଳିଛି। ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ପୁନର୍ବାର ଆରମ୍ଭ ହେବାର ଖବର ବିଶ୍ୱ ବଜାରରେ ଏକ ସକାରାତ୍ମକ ଭାବନା ସୃଷ୍ଟି କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟ ପରେ ନିବେଶକଙ୍କ ବିଶ୍ୱାସ ବୃଦ୍ଧି ପାଇଥିଲା। ଅନ୍ୟ ପକ୍ଷରେ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ତଳକୁ ଖସିଯାଇଛି, ଯାହା ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଆଶ୍ୱସ୍ତି ହୋଇଛି। ଏହା ବ୍ୟତୀତ ଆମେରିକା ଓ ଏସିଆର ବିଭିନ୍ନ ବଜାରର ଉଲ୍ଲେଖନୀୟ କାରବାର ହେବାରୁ ତାହାର ସକାରାତ୍ମକ ପ୍ରଭାବ ଭାରତ ଉପରେ ପଡ଼ିଥିଲା। ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହେବାର ସମ୍ଭାବନା ପାଇଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ବୁଧବାର ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ପ୍ରାୟ ୨.୭୭ ଡଲାର ହ୍ରାସ ପାଇ ୯୫.୬୯ ଡଲାରରେ ପହଞ୍ଚିଛି। ଏହି ସମୟରେ ଆମେରିକାର ଅଶୋଧିତ ତୈଳ ଡବ୍ଲ୍ୟୁଟିଆଇ ପ୍ରତି ବ୍ୟାରେଲ ପିଛା ୪ ଡଲାର ହ୍ରାସ ପାଇ ୯୫ ଡଲାର ହୋଇଛି। ଇରାନ ଯୁଦ୍ଧ ଯୋଗୁଁ ପୂର୍ବରୁ ଏହାର ଦାମ୍ ୪.୩% ବୃଦ୍ଧି ପାଇଥିଲା, କିନ୍ତୁ ଶାନ୍ତି ଆଲୋଚନା ଖବର ନିବେଶକମାନଙ୍କୁ ସେୟାର କିଣିବାକୁ ଉତ୍ସାହିତ କରିଥିଲା। ଏପ୍ରିଲ ୧୩ରେ ଭାରତୀୟ ଷ୍ଟକ୍ ବଜାର ହ୍ରାସ ପାଇଥିଲା। ସେନସେକ୍ସ ୭୦୩ ପଏଣ୍ଟ (୦.୯୧%) ହ୍ରାସ ପାଇ ୭୬,୮୪୮ରେ ବନ୍ଦ ହୋଇଥିଲା। ନିଫ୍ଟି ମଧ୍ୟ ୨୦୮ ପଏଣ୍ଟ (୧.୧୬%) ହ୍ରାସ ପାଇ ୨୩,୮୪୩ରେ ପହଞ୍ଚିଥିଲା।

# ସାବୁନରୁ ବିସ୍କୁଟ୍ ରେଟ୍ ହେବ ଆକାଶଛୁଆଁ

ନୂଆଦିଲ୍ଲୀ,୧୫।୪: ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ତେଲଠୁ ଗ୍ୟାସ୍ ସବୁଠି ସଙ୍କଟ। ବଢ଼ିଗଲାଣି ଭାରତୀୟଙ୍କ ପକେଟ୍ ଖର୍ଚ୍ଚ। ଏବେ ଗୋଟିଏ ପରେ ଗୋଟିଏ କ୍ଷେତ୍ରରେ ମହଙ୍ଗା ମାଡ଼। ପୋଷାକ ଏବଂ ଘରୋଇ ଉପକରଣ ପର୍ଯ୍ୟନ୍ତ ପ୍ରତ୍ୟେକ ସାମଗ୍ରୀ ମହଙ୍ଗା ହୋଇଯାଇଛି। ଏହି ପ୍ରଭାବ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଜାରି ରହିପାରେ। ଇୱାଇ ଇଣ୍ଡିଆର ବିଶ୍ଳେଷଣ ଅନୁସାରେ, ଖାଇବା ତେଲ ଦାମ ୭%ରୁ ଅଧିକ ବଢ଼ିଯାଇଛି।ଭାରତ ଏହାର ଆବଶ୍ୟକତାର ୫୭% ଖାଇବା ତେଲ ଆମଦାନି କରିଥାଏ। ଏଥିରେ ପାମ୍ ଅଏଲ୍, ସୋୟାବିନ ଏବଂ ସୂର୍ଯ୍ୟମୁଖୀ ତେଲ ରହିଛି। ମାଲ୍ ପରିବହନ, ପ୍ୟାକେଜିଂ ଏବଂ କଞ୍ଚାମାଲ ଦର ବୃଦ୍ଧି ଯୋଗୁ ବିସ୍କୁଟ, ସାବୁନ, ପେଷ୍ଟ ଭଳି ଏଫ୍ଏମ୍ସିଜି ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନିଗୁଡ଼ିକ ଦାମ ବଢ଼ାଇ ପାରନ୍ତି। କିମ୍ବା ନହେଲେ ପ୍ୟାକେଟକୁ ଛୋଟ କରିପାରନ୍ତି । ଇୱାଇର ରିପୋର୍ଟ ମୁତାବକ, ଅଭାବ ସ୍ଥିତି ଯୋଗୁ ୨୦୨୬-୨୭ ଆର୍ଥିକବର୍ଷ ପୋଷାକ ଏବଂ ପେଷ୍ଟ ଦର ୨ରୁ୫% ପର୍ଯ୍ୟନ୍ତ ବଢ଼ିବାର ସମ୍ଭାବନା ରହିଛି । ଯୁଦ୍ଧ ଯୋଗୁ ଦରଦାମ ତେଜିଛି । ଖୁଚୁରା ମୁଦ୍ରାସ୍ଫୀତି ଉପର ମୁହାଁ ହୋଇଛି । ଦରଦାମ ତେଜିବା ନେଇ ପୂର୍ବରୁ ରିଜର୍ଭ ବ୍ୟାଙ୍କ ଅନୁମାନ କରିଥିଲା । ନିକଟରେ କେନ୍ଦ୍ର ସରକାର ଜାରି କରିଥିବା ରିପୋର୍ଟରେ ଏହା ୩.୪% ଛୁଇଁଛି । ଯୁଦ୍ଧ ବନ୍ଦ ନ ହେଲେ ଦରଦାମ ସ୍ଥିତିରେ ସୁଧାର ଆସିନ ପାରେ । ମଧ୍ୟପ୍ରାଚ୍ୟ ସଂକଟକୁ ନେଇ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ବିଫଳ ହେବା ଦ୍ୱାରା ଅଶୋଧିତ ତୈଳ ଯୋଗାଣ ହ୍ରାସ ପାଇଛି । ଫଳରେ ସୋମବାର ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮%ରୁ ଅଧିକ ବଢ଼ି ୧୦୪ ଡଲାର ପାର୍ କରିଯାଇଛି । ଏହାଫଳରେ ସର୍ଫେକ୍ଟେଣ୍ଟ ଏବଂ ପେଟ୍ରୋକେମିକାଲ ଡେରିଭେଟିଭ୍ର ଅଭାବ ଦେଖାଦେଇଛି। ଫଳରେ ସାମ୍ପୋ, ସାବୁନ ଭଳି ଉତ୍ପାଦର ଯୋଗାଣ ପ୍ରଭାବିତ ହୋଇଛି । ଏଭଳି ସ୍ଥିତିରେ କମ୍ପାନିଗୁଡ଼ିକ ଦର ବଢ଼ାଇବା ପାଇଁ ବିଚାର କରୁଛନ୍ତି । ଘରୋଇ ଉପକରଣର ଉତ୍ପାଦନ ଖର୍ଚ୍ଚ ୧୦ରୁ ୧୫% ବଢ଼ିଯାଇଛି। ଏହାର ୭୦% ଅଂଶ କମ୍ପାନିଗୁଡ଼ିକ ପୂର୍ବରୁ ହିଁ ଗ୍ରାହକଙ୍କ ମୁଣ୍ଡରେ ପକାଇସାରିଲେଣି । ୱାଶିଂ ମେଶିନ, ଫ୍ରିଜ୍, ଫ୍ୟାନ୍ ଏବଂ ଏଲ୍ଇଡି ସବୁର ଦାମ ବଢ଼ିଯାଇଛି ।



# ହେଲଥ୍ ଇନ୍‌ସ୍ୟୁରାନ୍‌ସ୍‌ର ନୂଆ ନିୟମ

ନୂଆଦିଲ୍ଲୀ, ୧୫।୪: ଲଗାତାର ହେଲଥ୍ ଇନ୍ସୁରାନ୍ସ ପ୍ରିମିୟମ, କ୍ଲେମ୍ ପାସ୍ ହେବାରେ ଅଧିକ ସମୟ ଲାଗିବା ଏବଂ ହସ୍ପିଟାଲର ଉଚ୍ଚ ମନମାନି ବିଲ୍। ଯଦି ଆପଣ କେବେ ନିଜର କିମ୍ବା ନିଜ ପରିବାର ପାଇଁ କୌଣସି ମେଡିକାଲ ଏମର୍ଜେନ୍ସିର ସମ୍ମୁଖୀନ ହୋଇଛନ୍ତି, ତ ଆପଣ ଇନ୍ସୁରାନ୍ସ ସିଷ୍ଟମର ଏହି ସମସ୍ୟାରେ ଭଲଭାବେ ସଚେତନ ହେବେ। ଜଣେ ପଲିସିଧାରୀ ଯେବେ ରୋଗାଗ୍ରସ୍ତ ସମୟରେ ସବୁଠୁ ଅଧିକ ଅସହାୟ ଓ ଚିନ୍ତାରେ ପଡ଼ିଥା'ନ୍ତି , ଠିକ୍ ସେହି ସମୟରେ ତାଙ୍କୁ ହସ୍ପିଟାଲର ବିଲିଂ ଡେସ୍କରେ ସେହି ଭିତ୍ତିଭୂମି ଅଭାବର ପରିଣାମ ଭୋଗିବାକୁ ପଡ଼ିଥାଏ। ଏବେ ଏବେ ଏହି ବ୍ୟବସ୍ଥାରେ ଆଉ ଏକ ସକରାତ୍ମକ ପରିବର୍ତ୍ତନର ଆଶା ଜାଗିଛି। ବୀମା କ୍ଷେତ୍ର ନିୟାମକ ,ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ପଲିସିଧାରୀଙ୍କୁ ଏହି ଗ୍ରାଉଣ୍ଡ ଲେବଲ୍ ଏବଂ ଦୈନନ୍ଦିନ ସମସ୍ୟା ଗଭୀରତାର ସହ ନେଇ ଏକ ନୂଆ ସବ୍-କମିଟି (ଉପ-ସମିତି)ର ଗଠନ କରିଛି। ଏହାର ସିଧା ଉଦ୍ଦେଶ୍ୟ ଆପଣଙ୍କର ହେଲଥ୍ ଇନ୍ସୁରାନ୍ସକୁ ପୂର୍ବାପେକ୍ଷା ଅଧିକ ସହଜ, ପାରଦର୍ଶୀ ଓ ସଙ୍କଟ ସମୟରେ ବିନା କୌଣସି ପ୍ରତିବନ୍ଧକରେ କାମ କରିବା ଯୋଗ୍ୟ କରିବା। ହସ୍ପିଟାଲର ମନମାନିରେ ଲାଗିବ ଲଗାମ — ଏହା ଏକ ସାଧାରଣ ଅଭିଯୋଗ ଯେ, ଯେମିତି ହିଁ ହସ୍ପିଟାଲକୁ ଜଣା ପଡ଼ିଯାଏ ଯେ, ରୋଗୀଙ୍କ ପାଖରେ ହେଲଥ୍ଇନ୍ସୁରାନ୍ସ ଅଛି, ବିଲ୍‌ର ପରିମାଣ ହଠାତ୍ ବଢି ଯାଏ। ଇରଡାର ଏହି ନୂଆ କମିଟିର ରାଡାରରେ ସର୍ବ ପ୍ରଥମେ ଏହି 'ହସ୍ପିଟାଲ ଟାରିଫ୍' ଓ ତାଙ୍କର ବିଲିଂ ପ୍ରକ୍ରିୟା ଗୁଡ଼ିକ ଅଛି। ନିୟାମକ ଏହି କଥାର ଗଭୀରତାର ସହ ଯାଞ୍ଚ କରୁଛି ଯେ, ଗୋଟିଏ ହିଁ ସହରରେ କିମ୍ବା ଗୋଟିଏ ହିଁ ନେଟୱର୍କର ଅଲଗା ଅଲଗା ହସ୍ପିଟାଲ ଗୁଡ଼ିକରେ, ଗୋଟିଏ ହିଁ ରୋଗର ଚିକିତ୍ସାରେ ଖର୍ଚ୍ଚ ଏତେ ଅଲଗା କାହିଁକି ହୋଇଥାଏ। ପ୍ରୋବସର ମ୍ୟାନେଜିଂ ଡାଇରେକ୍ଟର ରାକେଶ ଗୋୟଲଙ୍କ ଅନୁସାରେ, ବର୍ତ୍ତମାନରେ ସବୁଠୁ ବଡ଼ ସମସ୍ୟା ଏହା ଯେ, ଲୋକଙ୍କୁ ଲାଗୁଛି ଯେ, ଇନ୍ସୁରାନ୍ସ ଥିବା କାରଣରୁ ତାଙ୍କ ଠାରୁ ଅଧିକ ଟଙ୍କା ନିଆଯାଉଛି। ନୂଆ କମିଟିର ମୁଖ୍ୟ କାର୍ଯ୍ୟ ଏହି ସବୁ ଟାରିଫ୍ ଓ ହସ୍ପିଟାଲ ଗୁଡ଼ିକର ନେଟୱର୍କର ବିଭେଦ ଗୁଡ଼ିକୁ ସଂଶୋଧନ କରିବା। ଏହାର ସିଧାସଳଖ ଲାଭ ଏହା ହେବ ଯେ, ଚିକିତ୍ସାର ମୂଲ୍ୟ ଯୁକ୍ତି ଯୁକ୍ତ ହୋଇଯିବ ଏବଂ ବିଲିଂରେ ସମାନତା ରହିବ। କ୍ଲେମ୍ ସେଟଲମେଣ୍ଟରେ ବିନା କାରଣରେ ହେଉଥିବା ବିଳମ୍ବ, ସର୍ତ୍ତ ଗୁଡ଼ିକୁ ନେଇ ସ୍ୱଚ୍ଛତାର ଅଭାବ ଓ ଅଭିଯୋଗ ଗୁଡ଼ିକୁ ନଶୁଣିବା, ଏହା ସେହି କାରଣ, ଯାହା ପୂରା ସିଷ୍ଟମ ଉପରେ ଗ୍ରାହକଙ୍କ ଭରସାକୁ ଦୁର୍ବଳ କରିଛି। ଏହି ସବୁ ଅଭାବକୁ ଦୂର କରିବା ପାଇଁ ନିୟାମକ ନ୍ୟାସନାଲ ହେଲଥ୍ କ୍ଲେମ୍ ଏକ୍ସଚେଞ୍ଜ (ଏନଏଚସିଏକ୍ସ) ଭଳି ଡିଜିଟାଲ ପ୍ଲାଟଫର୍ମକୁ ବଡ଼ ସ୍ତରରେ ଆପଣାଇବା ଓ ଲାଗୁ କରିବା ଦିଗରେ କାମ କରୁଛି। ଏହାସହ, ଫ୍ରଡ୍‌କୁ ରୋକିବା ଓ ପ୍ରଶାସନିକ ବିଳମ୍ବକୁ ବନ୍ଦ କରିବା ପାଇଁ ଦୃଢ଼ ପଦକ୍ଷେପ ଉଠାଯାଉଛି। ଷ୍ଟେୱେଲ ଡଟ୍ ହେଲଥ୍‌ର ସହ ସଂସ୍ଥାପକ ଅରୁଣ ରାମମୂର୍ତ୍ତି କହିଛନ୍ତି ଯେ, ଇରଡାର ଏହି ପଦକ୍ଷେପର ଦୁଇ ପ୍ରମୁଖ ଲକ୍ଷ। ପ୍ରଥମେ ଅଧିକରୁ ଅଧିକ ଲୋକଙ୍କ ପାଖରେ ହେଲଥ୍ ଇନ୍ସୁରାନ୍ସର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ ଦ୍ୱିତୀୟରେ , ଏହାକୁ ସାଧାରଣ ଉପଭୋକ୍ତାଙ୍କ ପାଇଁ ଭୁଲ ସରଳ ଓ ସୁବିଧାଜନକ କରିବା।




# ପିପିଏଫ୍,ଏସ୍ଆଇପିଃ ଇନଭେଷ୍ଟ ପାଇଁ କେଉଁଟି ଭଲ ଅପସନ?

ନୂଆଦିଲ୍ଲୀ, ୧୫।୪: ନିଜ ଭବିଷ୍ୟତର ଚିନ୍ତା ତ ପ୍ରତ୍ୟେକଙ୍କୁ ହୋଇଥାଏ, ଏହି କ୍ରମରେ ଏଥିପାଇଁ ଆମେ ନିବେଶର ସାହାରା ଖୋଜି ଥାଉ। ବିଶେଷକରି ଚାକିରିଆ ଲୋକ , ଯିଏ ୬୨ ବର୍ଷ ଯାଏ ଚାକିରି କରନ୍ତି ଏବଂ ତାଙ୍କ ପରେ ତାଙ୍କୁ ନିଜ ସେଭିଙ୍ଗସରୁ ହିଁ କାମ ଚଲାଇବାକୁ ପଡ଼ିଥାଏ।

ଏଥିପାଇଁ ଅନେକ ଉପାୟ ହୋଇ ଥାଏ, କିନ୍ତୁ ସବୁଠୁ ଅଧିକ ଲୋକ ଏସ୍ଆଇପିରେ କିମ୍ବା ପିପିଏଫରେ ନିବେଶ କରିବାକୁ ପସନ୍ଦ କରନ୍ତି। ହେଲେ ଅନେକ ଥର ଆମେ ଏହି ଦୁଇଟିରେ ତଫାତ୍ କରି ପାରି ନଥାଉ କି, ଲଙ୍ଗ୍ ଟର୍ମ ନିବେଶ ପାଇଁ କଣ ଭଲ। ଆସନ୍ତୁ ,ଏବେ ଆମେ ଜାଣିବା ଏହି ଦୁଇଟି ମଧରେ କାହାକୁ ଚୟନ କରିବା ଫଳପ୍ରଦ ହେବ। **ପିପିଏଫ୍ କଣ ?** ସର୍ବ ପ୍ରଥମେ ତ ଆମ ପାଇଁ ଏହା ଜାଣିବା ଜରୁରୀ ଯେ, ପିପିଏଫ୍ କଣ ? ପିପିଏଫ୍‌ର ପୂରା ନାମ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ। ଏହା ଭାରତ ସରକାରଙ୍କ ଏକ ଲୋକପ୍ରିୟ ଲଙ୍ଗଟର୍ମ ସେଭିଂ ଯୋଜନା। ପିପିଏଫ୍ ୧୫ ବର୍ଷ ପାଇଁ ଟ୍ୟାକ୍ସ ଫ୍ରି ରିଟର୍ନ ଦେଇଥାଏ। ଏହା ରିଟାୟରମେଣ୍ଟ ପ୍ଲାନିଂ ପାଇଁ ଭଲ ଅପସନ। ପିପିଏଫ୍ ଭାରତ ସରକାରଙ୍କ ଯୋଜନା , ତ ଏଥିରେ ଏହା ଏକ ସେଫ୍ ସେଭିଂ କିମ୍ବା ଇନଭେଷ୍ଟମେଣ୍ଟ ପ୍ଲାନ୍।




**ଏସଆଇପି କଣ ?** ଏବେ ଏସଆଇପି ବିଷୟରେ କଥା ଯଦି କହିବା ତ , ଏସଆଇପିର ପୂରା ନାଁ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ। ଏହା ଏକ ମ୍ୟୁଚୁଆଲ ଫଣ୍ଡ , ଏଥିରେ ଲୋକେ ଅଧିକ ନିବେଶ କରିବା ପସନ୍ଦ କରନ୍ତି।

ଏହି ମ୍ୟୁଚୁଆଲ ଫଣ୍ଡ ସର୍ଟ ଟର୍ମ ହୋଇପାରେ ଏବଂ ଲଙ୍ଗ୍ ଟର୍ମ ହୋଇପାରେ। ଏଥିରେ ଆପଣ ପ୍ରତି ମାସରେ ସ୍ୱଳ୍ପ ରାଶି ନିବେଶ କରନ୍ତି। ଏହା ସଂପୂର୍ଣ୍ଣ ରୂପେ ବଜାରର ଉତ୍ଥାନ ପତନ ଉପରେ ନିର୍ଭରଶୀଳ। ଏହା ଟ୍ୟାକ୍ସ ଫ୍ରି ନୁହେଁ ଏବଂ ଯେବେ ଏଥିରୁ ଆମେ ଟଙ୍କା ବାହାର କରିବାର ଅଛି , ସେତେବେଳେ ମାର୍କେଟ୍ ରେଟ୍‌ର ହିସାବରେ ହିଁ ଆମକୁ ସୁଧ ଟଙ୍କା ମିଳିଥାଏ।

**ପିପିଏଫ୍ vs ଏସଆଇପି** — ପିପିଏଫ୍ ଓ ଏସଆଇପି ଏହି ଦୁଇଟି ହିଁ ଲଙ୍ଗ୍-ଟର୍ମ ନିବେଶ ପାଇଁ ଭଲ ଅପସନ। କିନ୍ତୁ ପିପିଏଫ୍ ସରକାରୀ ଯୋଜନା ,ଏଥିରେ ଏହାର ରିଟର୍ନ ନିଶ୍ଚିତ ହୋଇଥାଏ।

ପିପିଏଫ୍‌ରେ ଆପଣଙ୍କୁ ୭.୧ ପ୍ରତିଶତର ସୁଧ ହାରର ହିସାବରେ ରିଟର୍ନ ମିଳିବ, ତ ସେ ଏସଆଇପିର ରିଟର୍ନ ନିଶ୍ଚିତ ହୋଇ ନଥାଏ, ଏହା ହାଇ ରିଟର୍ନ ପଲିସି ହୋଇଥାଏ , ଯାହା ମାର୍କେଟ୍ ସହ ଲିଙ୍କଡ୍ ରହି ଥାଏ। ଏଥିରେ ୧୦ ପ୍ରତିଶତରୁ ୧୪ ପ୍ରତିଶତ ଯାଏ ରିଟର୍ନ ମିଳିଥାଏ। ହେଲେ ପିପିଏଫ୍ ଟଙ୍କା ସୁରକ୍ଷିତ ରହିଥାଏ , କିନ୍ତୁ ଏସଆଇପିରେ ରିଟର୍ନ ସୁରକ୍ଷିତ ରହି ନଥାଏ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେଯଦିଆପଣଆଜିସୁନାକିଣିବାକୁଚାହୁଁଛନ୍ତିବାଯୋଜନାକରିଛନ୍ତିତେବେପ୍ରଥମେ ଜାଣିନିଅନ୍ତୁଆଜିରସୁନାଦର ।ଆଜିଭାରତୀୟବଜାରରେ ୨୪ କ୍ୟାରେଟସୁନା ୧,୫୫ ,୩୫୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୪୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୨,୪୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୫ ,୩୫୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୪୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୫,୫୦୦ ଟଙ୍କା ଓ ୨୨ କ୍ୟାରେଟ ୧,୪୨,୫୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚନେ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୬,୨୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୩,୨୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୩୫୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୨,୪୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୦ ,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୯୨ ପଇସା ରହିଛି ।

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ଚତୁର୍ଦ୍ଧା ବିଗ୍ରହଙ୍କ ଦାରୁ ନିମନ୍ତେ ଦେଉଳି ମଠ ପରିସରରେ ରୋପଣ ହେଲା ନିମ୍ବ ବୃକ୍ଷ



**କାକଟପୁର/ଅସ୍ତରଙ୍ଗ,୧୫।୪ (ସଂଚାର ବ୍ୟୁରୋ)**: ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ନବକଳେବର ସମୟରେ ନୂତନ ବିଗ୍ରହ ନିର୍ମାଣ ପାଇଁ ଆବଶ୍ୟକ ପଡିଥାଏ ଦାରୁ ବୃକ୍ଷ । ଏହି ଦାରୁ ବୃକ୍ଷ ପାଇଁ ନିମ୍ବ ବୃକ୍ଷର ଆବଶ୍ୟକ ପଡିଥାଏ। ଏଥିପାଇଁ ଦଇତାପତି ମାନେ କାକଟପୁରର ଦେଉଳିମଠ ପରିସରରେ ମା ମଙ୍ଗଳାଙ୍କୁ ସୁମରଣା କରି ଅଧିଆ ପଡିଥାନ୍ତି, ଏବଂ ପରବର୍ତୀ ସମୟରେ ମା ମଙ୍ଗଳାଙ୍କ ସ୍ୱପ୍ନାଦେଶ ମାଧ୍ୟମରେ ମିଳିଥାଏ ଦାରୁ ଠିକଣା।ଇତିହାସ କହେ ପୂର୍ବରୁ ଯେତେ ନବକଳେବର ହୋଇଛି ସମସ୍ତ ଦାରୁ ପ୍ରାଚୀ ଉପତ୍ୟାକାରୁ ହିଁ ମିଳିଛି । କାକଟପୁର,ଅସ୍ତରଙ୍ଗ ଅଞ୍ଚଳରୁ ନିମ୍ବବୃକ୍ଷମାନ ଦାରୁ ଭାବରେ ଯାଇ ସେହି ମହାଦାରୁରୁ ମହାବିଗ୍ରହ ମାନ ନିର୍ମାଣ ହୋଇଥାଏ । କିନ୍ତୁ ବର୍ତମାନ ସମୟରେ ନିମ୍ବ ବୃକ୍ଷର ଅଭାବ ପରିଲକ୍ଷିତ ହେଉଥିବା କାରଣରୁ ବାହାର ଜିଲ୍ଲାମାନଙ୍କରୁ ଦାରୁର ଠିକଣା ମିଳୁଛି।ଏହି ନିମ୍ବ ବନିକା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଇନି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ତୁଷାର କାନ୍ତିବେହେରା, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ପୁରୀ ବନଖଣ୍ଡ ଅଧିକାରୀ, ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ। ସାଧୁସନ୍ଥ,ବୁଦ୍ଧିଜୀବୀ ,ରାଜନେତା ,ମାନେ ଏହାକୁ ପ୍ରସଂଶା କରିଛନ୍ତି । ଏହି ମହାନିମ୍ବ ବୃକ୍ଷର ରକ୍ଷଣ ବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାର ବହନ କରିବାକୁ ଦାବି କରାଯାଇଛି।

## ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

**ବାଲିଅନ୍ତା,୧୫।୪(ସଂଚାର ବ୍ୟୁରୋ)**: ଓଡିଶା ରାଜ୍ୟ ମହିଳା ସୁରକ୍ଷା ଆୟୋଗ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସରକାରୀ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ମହିଳା ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏନେଇ ଆୟୋଜିତ ସଭାରେ ସିଡିପିଓ ଉର୍ମିଳା ସାହୁ ଅଧ୍ୟକ୍ଷତା କରିଥିଲେ । ଓଡିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଉର୍ମିଳା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ,ପ୍ରୋଜେକ୍ଟ ଅଫିସର ସୌଦାମିନୀ ଦାସ,ଦୀପ୍ତିମୟୀ ପଣ୍ଡା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରମାମଣୀ ଦେଇ, ବ୍ଲକ ମିଶନ ଶକ୍ତି ସଂଯୋଜିକା ଲୋପାମୁଦ୍ରା ମଲ୍ଲିକ ପିକକର ବ୍ଲକ ସଂଯୋଜିକା ଉପମା ମହାନ୍ତି ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ନିରୋଧ, ଘରୋଇ ହିଂସା, ଯୌତୁକ ନିରୋଧ ଆଇନ, ପୋସ୍କୋ ଆଇନ, ବିଭିନ୍ନ ସାମାଜିକ ନ୍ୟାୟିକ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ଅସ୍ତରଙ୍ଗରେ ଅଗ୍ନିଶମ ସେବା ସପ୍ତାହରେ ସଚେତନତା



**କାକଟପୁର/ଅସ୍ତରଙ୍ଗ,୧୫।୪(ସଂଚାର ବ୍ୟୁରୋ)**: ୧୯୯୪ ମସିହା ଏପ୍ରିଲ ୧୪ ତାରିଖ ଦିନ ମୁମ୍ବାଇସ୍ଥିତ ଭିକ୍ଟୋରିଆ ଡକସିପରେ ଭୟାବହ ଅଗ୍ନିକାଣ୍ଡ ଘଟି ୬୬ ଜଣ ଅଗ୍ନିଶମ କର୍ମଚାରୀଙ୍କ ଶୋଚନୀୟ ମୃତ୍ୟୁବରଣ କରିଥିଲେ। ଏହି ଦିନଟିକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ୧୪ ତାରିଖରୁ ୨୦ ତାରିଖ ଯାଏ ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳିତ ହୋଇଥାଏ।ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସେବା ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ସେବା ସପ୍ତାହ ଅବସରରେ ଅସ୍ତରଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ୨ଟି ଦମ୍ କଳ ଗାଡି ବାହାରି ଅସ୍ତରଙ୍ଗ ବଜାର, ବିଭିନ୍ନ ବିଦ୍ୟାଳୟ କାକଟପୁର ବଜାର ପରିକ୍ରମା ସହ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନ କରାଇବା ସହିତ ବର୍ତମାନ କାର୍ଯ୍ୟକ୍ଷମ ହେଉଥିବା ଜରୁରୀ ଯୋଗାଯୋଗ ନଂ ୧୦୧ବଦଳରେ ୧୧୨ବ୍ୟବହାର କରିବାକୁ ଲୋକମାନଙ୍କୁ ସଚେତନ କରାଯାଇଛି। ଏଥି ସହ ଅଗ୍ନିସୁରକ୍ଷା ପାଇଁ ବ୍ୟବହୃତ ଉପକରଣକୁ କିପରି ସଠିକ ଭାବେ ରକ୍ଷଣାବେକ୍ଷଣ କରାଯାଇ ପାରିବ ସେ ନେଇ ମଧ୍ୟ ସଚେତନ କରାଯାଇଛି। ସୁରକ୍ଷା ପାଇଁ ଉପକରଣ ସୁରକ୍ଷା ନିତାନ୍ତ ଆବଶ୍ୟକ। ଏହି ସପ୍ତାହ ମଧ୍ୟରେ ଅସ୍ତରଙ୍ଗ ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ଅଗ୍ନିଶମ କେନ୍ଦ୍ରର ଓ୍ୱାଇସି ତୁଷାର କାନ୍ତ ପରିଜା ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ



**ସୁନ୍ଦରଗଡ଼,୧୫।୪ (ସଂଚାର ବ୍ୟୁରୋ)**: ସମାଜରେ ବରିଷ୍ଠ ନାଗରିକମାନେ ଅନେକ ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବୟସ୍ ବୃଦ୍ଧି ସହିତ ସ୍ୱାସ୍ଥ୍ୟ ଜନିତ ସମସ୍ୟା, ଆକସ୍ମିକ ଅପରିହାର୍ଯ୍ୟ ପରିସ୍ଥିତି ଓ ନିରାପତ୍ତା ସମସ୍ୟା ତାଙ୍କ ପାଇଁ ବଡ଼ ସମସ୍ୟା। ଏହି ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ସମୟରେ ସେମାନଙ୍କୁ ସହାୟତା ଯୋଗାଇବା ଲକ୍ଷ୍ୟରେ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ପକ୍ଷରୁ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପଦକ୍ଷେପ ଅନୁସାରେ ବରିଷ୍ଠ ନାଗରିକମାନଙ୍କୁ ଆଜି ବିଶେଷ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି ପରିଚୟ ପତ୍ରରେ ସେମାନଙ୍କର ନାମ, ଠିକଣା, ବ୍ଲଡ ଗ୍ରୁପ, ନିକଟତମ ଆତ୍ମୀୟଙ୍କ ନାମ ଓ ଠିକଣା ସହ ତାଙ୍କର ଫୋନ ନମ୍ବର ଲେଖାଯାଇଛି। ଏହା ଜରୁରୀକାଳୀନ ପରିସ୍ଥିତିରେ ପୋଲିସ କିମ୍ବା ସାଧାରଣ ଲୋକଙ୍କ ପାଇଁ ସେହି ବ୍ୟକ୍ତିଙ୍କ ପରିଚୟ ଓ ସମ୍ପର୍କ ସ୍ଥାପନ କରିବାରେ ବହୁତ ଉପକାରୀ ହେବ। ଏହା ସହିତ, କୌଣସି ଅସୁବିଧା କିମ୍ବା ଆପତ୍ତିକାଳୀନ ସମୟରେ ବରିଷ୍ଠ ନାଗରିକମାନେ ପୋଲିସର ସହାୟତା ନେବା ପାଇଁ ୧୧୨ ନମ୍ବରରେ ଫୋନ କରିପାରିବେ। ଫୋନ କଲେ ପୋଲିସ ତୁରନ୍ତ ପ୍ରତିକ୍ରିୟା ଜଣାଇ ସମ୍ଭବ ସହାୟତା ପ୍ରଦାନ କରିବାକୁ ଆଗୁଆ ହେବ ବୋଲି ଜିଲ୍ଲା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ସୋନ ନଦୀର ସିଙ୍ଗିରି ନିକଟରୁ ବାଲି ଚୋରି ଅଭିଯୋଗ

# ଦିନରାତି ଚାଲିଛି ବେଆଇନ ପରିବହନ

### ସବୁ ଜାଣି ଖଣି ବିଭାଗ ଓ ପୁଲିସ ବିଭାଗ ନିରବଦ୍ରଷ୍ଟା

### କୋମାରେ ନୀଳଗିରି ପ୍ରଶାସନ



**ନୀଳଗିରି,୧୫।୪ (ସଂଚାର ବ୍ୟୁରୋ)**: ସୋନନଦୀର ପୁରୁଣାଗାଁ, ପୁନ୍ଦାଳ, ଡୁମଗଣ୍ଡିରା ଓ କୁହ୍ଲାପାଳ, ସିଙ୍ଗିରି ପ୍ରଭୃତି ଘାଟରୁ ଅହୋରାତ୍ର ଟ୍ରିପ ଟ୍ରିପ ବାଲି ଚୋରି ହେବାରେ ଲାଗିଛି। ହେଲେ ସବୁ ଜାଣି ଖଣି ବିଭାଗ ଅଧିକାରୀ ଓ ପୁଲି ସବିଭାଗ କୋମାରେ ଥିବା ବେଳେ ନୀଳଗିରି ଉପଖଣ୍ଡ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି। ରାତ୍ରି ହେଲେ ବାଲି ମାଫିଆ ସକ୍ରିୟ ହେବା ସହ ମାଫିଆ ମାଲାମାଲ ହେଉଛନ୍ତି। କେତେକ ଅସାଧୁ କର୍ମଚାରୀ ପକେଟ ଗରମ କରି ଏଭଳି ବେଆଇନ କାର୍ଯ୍ୟରେ ସହଯୋଗ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

ସୁଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧିନସ୍ଥ ନରସିଂପୁର ପଞ୍ଚାୟତ ସୋନ ନଦୀର ପୁରୁଣାଗାଁ, ରାଧାକିଶୋରପୁର ପଂଚାୟତ ପୁନ୍ଦାଳଘାଟ, ବେଗୁନିଆ ପଂଚାୟତ ଡୁମଗଣ୍ଡିରା ଘାଟ ଓ କାଂଶ ପଂଚାୟତର କୁଲାପାଳ ଘାଟରୁ ବାଲି ମାଫିଆମାନେ ବଡ଼ ବଡ଼ ମେସିନ ଲଗାଇ ବାଲି ଚୋରି କରୁଛନ୍ତି। ଉକ୍ତ ଘାଟିଟି ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତରେ ଥିବାରୁ ବାଲି ମାଫିଆମାନେ ବାଲି ଉଠାଇ ଅତି ଚତୁରତା ସହ ମୟୂରଭଞ୍ଜ ଜିଲ୍ଲା କଣ୍ଟି ସାହି ଗ୍ରାମରେ ରଖି କୁଆମରା, ପୁରୁଣା ବାରିପଦା, ଜୟପୁର, କହ୍ନେଇବନ୍ଧ, ଖୁଣ୍ଟା ପ୍ରଭୃତି ଅଞ୍ଚଳରେ ବିକ୍ରୀ କରି ବେଶ ମାଲେ ମାଲ ହେଉଛନ୍ତି। ଅପରପକ୍ଷରେ କାଂଶ ପଞ୍ଚାୟତ କୁହ୍ଲାପାଳ ଘାଟରୁ ଅହୋରାତ୍ର ଖୁଲମ୍‌ଖୋଲା ନଦୀରେ ମେସିନ ଲଗାଇ ଶହ ଶହ ଟ୍ରିପ ବାଲି ଖୋଦକାଂଶ ଆରଆଇ କାର୍ଯ୍ୟାଳୟ ସମ୍ମୁଖରେ ଚୋରି ହେଉଥିଲା ବେଳେ ଆରଆଇ ମହୋଦୟ ନୀରବ ସାଜିବା ଆଶ୍ଚର୍ଯ୍ୟ କରିଛି।

ଗଣମାଧ୍ୟମ ପ୍ରତିନିଧି ଓ ପ୍ରଶାସନର ଗତିବିଧିକୁ ଜାଣିବା ପାଇଁ ବିଭିନ୍ନ ଛକରେ ମାଫିଆମାନେ ଯୁବକ ମାନଙ୍କୁ ଜଗେଇଛନ୍ତି। ପ୍ରଥମେ ବାଲିକୁ ଗଚ୍ଛିତ ରଖି ବଡ଼ ବଡ଼ ଟ୍ରକରେ ଲୋଡ କରି ବାହାରକୁ ମଧ୍ୟ ଚାଲାଣ କରି ଦେଉଛନ୍ତି। ଏଠି ପ୍ରଶ୍ନ ଉଠେ ବାଲି ମାଫିଆ ମାନଙ୍କୁ ଅଭୟ ବର ଦେଉଛି କିଏ ?

କିଛିଦିନ ପୂର୍ବରୁ ଦିନରେ ବାଲି ଚୋରି ହେଉଥିବାରୁ ଗ୍ରାମବାସୀମାନେ ବିରୋଧ କରିବାରୁ କିଛି ଦିନ ଦିନରେ ବନ୍ଦ ଥିଲା ଏବେ ବାଲି ମାଫିଆମାନେ ଦିନ ଓ ରାତିରେ ବାଲି ଚୋରି କରୁଛନ୍ତି। ପ୍ରଶାସନ ସେମାନଙ୍କୁ ଆକଟ କରିବାରେ ବିଫଳ ହୋଇଛି। ଜିଲ୍ଲାପାଳ ଘଟଣାର ହସ୍ତକ୍ଷେପ ନକଲେ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ସହିତ ନଦୀ କୂଳରେ ଥିବା ଗାଁ ଗୁଡ଼ିକ ପ୍ରତି ଅଧିକ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଚୋରଦା ବାଇପାସ୍ ଛକରେ କୋରେଇ ବିଜେପି ପକ୍ଷରୁ ଜଳଛତ୍ର




**ଯାଜପୁର ରୋଡ଼,୧୫।୪(ସଂଚାର ବ୍ୟୁରୋ)**: କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ପୌର ପରିଷଦର ଚୋରଦା ବାଇପାସ୍ ଗୋଲେଇ ଛକଠାରେ ଆଜି ଭାରତୀୟ ଜନତା ପାର୍ଟି, କୋରେଇ ତରଫରୁ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି।ବିଧାୟକ ଶ୍ରୀ ଆକାଶ ଦାସନାୟକ ଏହି ଜଳଛତ୍ର କେନ୍ଦ୍ରର ଶୁଭ ଉଦଘାଟନ କରିଥିଲେ। ପ୍ରତ୍ୟେକ ଦିନ ହଜାର ହଜାର ଯାତ୍ରୀବାହୀ ଗାଡ଼ି ଅଟକି ଏଠାରୁ ଯାତ୍ରୀ ମାନଙ୍କୁ ବିଭିନ୍ନ ସ୍ଥାନରେ ପହଂଚାଇଥାନ୍ତି। ଏଇ ଖରାଦିନେ ପାଣି ଟୋପାଏ ପିଇବା ପାଇଁ ଏହି ଛକଠାରେ ପଥଚାରୀ ଠାରୁ ଆରମ୍ଭ କରି ଯାତ୍ରୀ ପର୍ଯ୍ୟନ୍ତ କଲବଲ ହୁଅନ୍ତି। ଏହି ଜଳଛତ୍ର ଏଠାରେ ଅନେକ ଲୋକଙ୍କ ଶୋଷ ମେଂଟାଇବା ଲାଗି ଖୋଲା ଯାଇଥିବା ଯୋଗୁଁ କୋରେଇ ବିଧାୟକଙ୍କୁ ଯାତ୍ରୀ ଓ ପଥଚାରୀ ମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଖଲଣାରେ କଣ୍ଟାଫୋଡ଼ା ଯାତ୍ରା

### ଶୁଭ କଳସ ଗୋଟିଏ ବର୍ଷ ମାଟି ତଳେ ରହେ



**ଆନନ୍ଦପୁର,୧୫।୪ (ସଂଚାର ବ୍ୟୁରୋ)**: କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଖଲଣା ଗ୍ରାମରେ ପାଳିତ ହେଉଥିବା କଣ୍ଟାଫୋଡ଼ା ଯାତ୍ରା ଏବେ ଆକର୍ଷଣର କେନ୍ଦ୍ରବିନ୍ଦୁ। ପଣା ସଂକ୍ରାନ୍ତି ଅବସରରେ ମା' ମଙ୍ଗଳାଙ୍କ ପୀଠରେ ଏହି ପାରମ୍ପରିକ ଉତ୍ସବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି।

ପ୍ରାଚୀନ କାଳରୁ ଚାଲିଆସୁଥିବା ଏହି ଯାତ୍ରା ଲୋକମାନଙ୍କ ଦେବଦେବୀଙ୍କ ପ୍ରତି ଅଟୁଟ ବିଶ୍ୱାସ ଓ ଭକ୍ତିର ଏକ ଜୀବନ୍ତ ଉଦାହରଣ। ପୂର୍ବଦିନ ବିଷୁଣି ଓଷା ପାଳନ ପରେ ସଂକ୍ରାନ୍ତି ଦିନ ଶ୍ରଦ୍ଧାଳୁମାନେ ଉପବାସ ରଖି ପରିବାର ଓ ଅଞ୍ଚଳର ମଙ୍ଗଳ କାମନା କରିଥାନ୍ତି। ସକାଳୁ ଦେହୁରୀ କୈଳାଶ ପ୍ରଧାନଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଭକ୍ତମାନେ ମା'ଙ୍କ ଦର୍ଶନ କରି ଭୋଗ ଲଗାଇଥାନ୍ତି। ମା' କାଳିସୀ ରୂପରେ ଆବିର୍ଭାବ ହୋଇ ଭକ୍ତମାନଙ୍କ ସମସ୍ୟାର ସମାଧାନର ପଥ ପ୍ରଦର୍ଶନ କରୁଥିବା ବିଶ୍ୱାସ ରହିଛି। ଏହି ଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ହେଉଛି କଣ୍ଟାଫୋଡ଼ା ପର୍ବ। ପାଟୁଆମାନେ ବିଭିନ୍ନ ବେଶଭୂଷାରେ ସଜ୍ଜିତ ହୋଇ ଦିନବେଳେ ଜିଭରେ ଓ ରାତିରେ ପିଠିରେ କଣ୍ଟା ଫୋଡ଼ି ଗ୍ରାମ ପରିକ୍ରମା କରିଥାନ୍ତି, ଯାହା ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଥାଏ। ଏଥିସହିତ ତିନି ଦିନ ଧରି ସନ୍ଧ୍ୟା ସମୟରେ ଭକ୍ତମାନେ କଳସ ଧରି ଗ୍ରାମ ପରିକ୍ରମା କରିଥାନ୍ତି। ସଂକ୍ରାନ୍ତି ରାତିରେ ଏହି କଳସକୁ ପୂଜାର୍ଚ୍ଚନା କରିବା ପରେ ମାଟି ତଳେ ପୋତି ଦିଆଯାଏ, ଯାହା ପୂରା ଗୋଟିଏ ବର୍ଷ ପର୍ଯ୍ୟନ୍ତ ସେହିଭଳି ରହିଥାଏ।

ମା' ମଙ୍ଗଳାଙ୍କ ପ୍ରତି ଗ୍ରାମବାସୀଙ୍କ ଗଭୀର ବିଶ୍ୱାସ ଓ ଆସ୍ଥା ରହିଥିବା ବେଳେ ମାନସିକ ମନସ୍କାମନା ପୂରଣ ହେଉଥିବା ବିଶ୍ୱାସ ମଧ୍ୟ ରହିଛି। ଏହି ପର୍ବ ଅବସରରେ ସମଗ୍ର ଗ୍ରାମରେ ଭକ୍ତିମୟ, ଶାନ୍ତିମୟ ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା।

### ଚୈତ୍ର ପର୍ବ-୨୦୨୬ ଉଦ୍‌ଯାପିତ

## ବିଶ୍ୱ ଦରବାରରେ ମୟୂରଭଞ୍ଜକୁ ସ୍ୱତନ୍ତ୍ର ପରିଚୟ ଦେଇଛି ଛଉ ନୃତ୍ୟ



**ବାରିପଦା,୧୫।୪ (ସଂଚାର ବ୍ୟୁରୋ)**: ମୟୂରଭଞ୍ଜ ଜିଲ୍ଲାର ଐତିହ୍ୟ ଚୈତ୍ର ପର୍ବ ୨୦୨୬ ଉଦ୍‌ଯାପିତ ହୋଇଛି। ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ସଂଧ୍ୟାରେ ଗ୍ରାମୀଣ ଛଉ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଦ୍ୱିତୀୟ ସଂନ୍ଧ୍ୟାରେ ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ବାରିପଦା ଅଞ୍ଚଳର ଐତିହାସିକ ଦୁଇ ଦଳ ଉତ୍ତର ସାହି ଓ ଦକ୍ଷିଣ ସାହି ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ସେହିପରି ତୃତୀୟ ସଂନ୍ଧ୍ୟାରେ ମଧ୍ୟ ଉତ୍ତର ସାହି ଓ ଦକ୍ଷିଣ ସାହି ନିଜ ନିଜର ଛଉ ନୃତ୍ୟର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ ।

ଉକ୍ତ ଛଉ ନୃତ୍ୟ ପ୍ରତିଯୋଗିତାରେ ଗ୍ରାମୀଣ ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ ରାଇରଙ୍ଗପୁର ପ୍ରଥମ ସ୍ଥାନ ଅଧିକାର କରିଛି । ବଡଜାମବଣୀ ଛଉ ନୃତ୍ୟ ପ୍ରତିଷ୍ଠାନ, ଦାନ୍ତିଆମୁହାଁ, ବାମନୀପାହାଡ଼ ଛଉ ନୃତ୍ୟ ପ୍ରତିଷ୍ଠାନ, ଅଁଳାଯୋଡି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଦେବ ଗୁଣିଆ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ମନପ୍ରୀତ ମହାନ୍ତ (ବଦଡା ଛଉ ନୃତ୍ୟ ପ୍ରତିଷ୍ଠାନ, ରାଇରଙ୍ଗପୁର) ବିବେଚିତ ହୋଇଛନ୍ତି ।

ସେହିପରି ସହରାଞ୍ଚଳ ଛଉ ନୃତ୍ୟ ପ୍ରତିଯୋଗିତାରେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପ୍ରଥମ ସ୍ଥାନ ଓ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିରେ ଶ୍ରେଷ୍ଠ ପୁରୁଷ କଳାକାର ଭାବରେ ଚନ୍ଦ୍ର ଶେଖର ଦାସ (ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ) ଓ ଶ୍ରେଷ୍ଠ ମହିଳା କଳାକାର ଭାବରେ ଭାଗ୍ୟଶ୍ରୀ ରାଉତ୍ (ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର) ବିବେଚିତ ହୋଇଛନ୍ତି ।

ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼.କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଞ୍ଜଲୀ ମୁର୍ମୁ, ରାଜସ୍ୱ ପାରିଷଦ ସତ୍ୟବ୍ରତ ସାହୁ, ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଚୈତ୍ର ପର୍ବ ସ୍ମରଣିକା-୨୦୨୬ ଉନ୍ମୋଚିତ ହୋଇଥିଲା ।

## ପୂଜ୍ୟପୂଜା ସଂସଦ ପକ୍ଷରୁ ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ପାଳିତ



**ବାଲିଆପାଳ,୧୫।୪ (ସଂଚାର ବ୍ୟୁରୋ)**: ବାଲିଆପାଳ ପୂଜ୍ୟପୂଜା ସଂସଦ ତରଫରୁ ଓଡିଆ ନବବର୍ଷ ଓ ପଣାସଂକ୍ରାନ୍ତି ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ସେବା ସଂସ୍ଥା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସଭାପତି ଝାଡେଶ୍ୱର ପ୍ରଧାନ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ କବି ବ୍ରଜେନ୍ଦ୍ରନାଥ ଗିରି ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଅର୍ପିତା ଦାସ, ଲକ୍ଷ୍ମୀପ୍ରିୟା ପରିଡ଼ା ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଉପସ୍ଥିତ କବି ଓ କବୟତ୍ରୀମାନେ ସ୍ୱରଚିତ କବିତା ପାଠ କରିବା ସହିତ ଓଡ଼ିଶାର ଅସ୍ମିତା ରଖିବା ପାଇଁ ଏହି ଭଳି କାର୍ଯ୍ୟକ୍ରମ ସବୁ ଆୟୋଜନ କରିଲେ ଆମ ଭାଷା ସାହିତ୍ୟ ଓ ସଂସ୍କୃତି ରିଦ୍ଧିମନ୍ତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅର୍ଦ୍ଧେନ୍ଦୁ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସ୍ୱାଦିଷ୍ଟ ପଣା ବିତରଣ କରାଯାଇଥିଲା।

## ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ

**ଯାଜପୁର,୧୫।୪ (ସଂଚାର ବ୍ୟୁରୋ)**: ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ ଯାଜପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ତାଲୁକ ଆଇନସେବା ସମିତି ଚଣ୍ଡିଖୋଲ ଓ ଯାଜପୁର ରୋଡରେ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରଧୀନ ଘରୋଇ ହିଂସା ଓ ଯୌତୁକ ନିର୍ଯାତନା, ଚେକ୍ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଭୂ-ଅଧିଗ୍ରହଣ ମାମଲା, ସମ୍ପତି ବଣ୍ଟନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟିକ ଅଦାଲତରେ ବିଚାରଧୀନ ଥିବା ମାମଲା, ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କୀୟ ବିବାଦ, ଚୁକ୍ତି ଅଧିନିୟମ ସମ୍ପର୍କୀୟ ବିବାଦ, ଖାଉଟି ଅଦାଲତରେ ଥିବା ବିବାଦର ଆପୋଷ ସହମତି ଭିତ୍ତରେ ସମାଧାନ ଜାରି ରହିବା ଏହି ଅଭିଯାନରେ | ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡ଼ିକର ତ୍ୱରିତ ସାମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

## ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା ଅଭିଯାନ



**ବେତନଟୀ,୧୫।୪ (ସଂଚାର ବ୍ୟୁରୋ)**: ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ବେତନଟୀରେ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସାଧାରଣ ଲୋକମାନଙ୍କୁ ଅଗ୍ନିକାଣ୍ଡ ସମୟରେ ସଚେତନ ଓ ସୁରକ୍ଷିତ ରହିବାର ପଦ୍ଧତି ସମ୍ପର୍କରେ ସଜାଗ କରିବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଏହି ପରିପ୍ରେକ୍ଷୀରେ ବେତନଟୀ ଅଗ୍ନିଶମ ବାହିନୀ ପକ୍ଷରୁ ସୁସଜ୍ଜିତ ଦମକଳ ଗାଡି ସହରର ମୁଖ୍ୟ ବଜାର ଅଞ୍ଚଳରେ ପରିକ୍ରମା କରିଥିଲା। ଏହା ମାଧ୍ୟମରେ ଅଗ୍ନିକାଣ୍ଡ ଘଟିଲେ କିପରି ତୁରନ୍ତ ସଚେତନତା ସହ ନିଜ ଓ ଅନ୍ୟମାନଙ୍କର ଜୀବନ ଓ ସମ୍ପତ୍ତିକୁ ସୁରକ୍ଷିତ କରିହେବ, ସେଥିପାଇଁ ଲୋକମାନଙ୍କୁ ସଚେତନ କରାଯାଇଥିଲା।

ବେତନଟୀ ଦମକଳ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇଙ୍କ ନେତୃତ୍ୱରେ ଏହି ଅଭିଯାନ ଚାଲିଥିଲା। ସେ କହିଥିଲେ ଯେ, ଆକସ୍ମିକ ଅଗ୍ନିକାଣ୍ଡ ସମୟରେ ଉପସ୍ଥିତ ବୁଦ୍ଧି, ସତର୍କତା ଏବଂ ହାତପାହାନ୍ତାରେ ଥିବା ସାଧାରଣ ସାମଗ୍ରୀର ସଠିକ୍ ବ୍ୟବହାର ଦ୍ୱାରା ବଡ଼ ବିପଦକୁ ରୋକାଯାଇପାରେ। ଏହା ସହିତ ଆଗାମୀ ଦିନରେ ସ୍କୁଲ, କଲେଜ ଓ ବ୍ୟବସାୟିକ ସଂସ୍ଥାମାନଙ୍କରେ ସାମୂହିକ ଭାବେ ଅଗ୍ନିଶମ ସୁରକ୍ଷା ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି। ଏହି ପ୍ରୟାସକୁ ସ୍ଥାନୀୟ ଲୋକମାନେ ସ୍ୱାଗତ କରିବା ସହ ଏହା ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ହ୍ରାସ ପାଇଁ ଫଳଦାୟକ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ସୁକିନ୍ଦା ସାହିତ୍ୟ ସମାଜର ବିଷୁବ ମିଳନ ଓ ସାରସ୍ୱତ ସମାରୋହ



**ଯାଜପୁର,୧୫।୪ (ସଂଚାର ବ୍ୟୁରୋ)**: ଯାଜପୁର ଜିଲ୍ଲା ସୁକିନ୍ଦାର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ସୁକିନ୍ଦା ସାହିତ୍ୟ ସମାଜ ପକ୍ଷରୁ ପବିତ୍ର ବିଷୁବ ସଂକ୍ରାନ୍ତି ଅବସରରେ ବିଷୁବ ମିଳନ ଓ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ସାରସ୍ୱତ ସମାରୋହକୁ ସୁକିନ୍ଦାର ରାଜା ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ଉତ୍ତର ଆଧୁନିକ ଓଡ଼ିଆ ସାହିତ୍ୟ ର ବିଶିଷ୍ଟ ନାଟ୍ୟକାର, ବାଗ୍ମୀ ତଥା ପ୍ରଫେସର ବିଜୟ କୁମାର ଶତପଥୀ ଯୋଗ ଦେଇ ସମାଜ ଗଠନ ରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ତଥା କଟକ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଯୋଗ ଦେଇ ସାହିତ୍ୟ ସମାଜକୁ ଯୋଡେ ବୋଲି କହିଥିଲେ। ସାହିତ୍ୟ ସମାଜର ସଭାପତି କୁଳମଣି ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ସମ୍ପାଦକ ପ୍ରାଧ୍ୟାପକ ହିମାଂଶୁ ଶେଖର ଦ୍ୱିବେଦୀ ସଂପାଦକୀୟ ପାଠ, ଅଜୟ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ମନୋରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପ୍ରଫେସର ବିଜୟାନନ୍ଦ ସିଂହ ଙ୍କୁ ବିଷୁବ ସମ୍ମାନ ୨୦୨୬ ଓ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ପ୍ରଫୁଲ୍ଲ କୁମାର ଦାଶ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚାସୀନ ଅତିଥି ମାନେ ଶ୍ରୀନିବାସ ରାଉତ ଙ୍କ ପୁସ୍ତକ ଶ୍ରୀକୃଷ୍ଣ କଥା ଭାଗ-୨ କୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭ ରେ ଗୁରୁ ନିମାଇଁ ଚରଣ ମାଝୀ ଙ୍କ ନିର୍ଦ୍ଦେଶନା ରେ ଶ୍ରଦ୍ଧାଞ୍ଜଳି ଦାସ, ମନୋଜିତ ଦାସ ଏବଂ ସାଥୀ ସ୍ୱାଗତ ସଙ୍ଗୀତ ଓ ସମୀକ୍ଷା ରଥ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

## ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କମର୍ଦ୍ଧା ଦଳ ଚମ୍ପିଆନ



**ବାଲିଆପାଳ,୧୫।୪ (ସଂଚାର ବ୍ୟୁରୋ)**: ବାଲିଆପାଳ ବ୍ଲକ୍ ନିଖିରା ପଞ୍ଚାୟତ ଅଧିନସ୍ଥ ହାକାଣ୍ଡ ଘାଟ ପଡ଼ିଆରେ ବାବା ନିଖିରେଶ୍ୱରଙ୍କ ପ୍ରସିଦ୍ଧ ଚଡ଼କ ମେଳା ଉପଲକ୍ଷେ ମଙ୍ଗଳବାର ମୈତ୍ରୀ କ୍ଲବ୍ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ନିଖିରା ପଞ୍ଚାୟତ ପୂର୍ବତନ ସରପଞ୍ଚ ସପନ ଦାସ, ଯୁବ ନେତା ଜୟନାରାୟଣ ଜେନା, କୀର୍ତ୍ତନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ କ୍ଷଟୁର୍ଣ୍ଣାମେଣ୍ଟରେ ମୟୁରଭଞ୍ଜ, ନିଖିରା, ଘଣ୍ଟୁଆ, ପାଇକ ସାହି, କମର୍ଦ୍ଧା, ଡ଼ଗରା, ଶସିଦା, ଜାମକୁଣ୍ଡା, ଦରଡ଼ା ପ୍ରଭୃତି ୯ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ନିଖିରା ଦଳକୁ ହରାଇ କମର୍ଦ୍ଧା ଦଳ ଚମ୍ପିଆନ ହୋଇଥିଲେ। ଖେଳ ଶିକ୍ଷକ ରଞ୍ଜନ ସାହୁ, ବିକାଶ ଅଣ୍ଡିଆ ଖେଳକୁ ପରିଚାଳନା କରିଥିଲେ।

# ଶେଷ ଗୀତ ଆଶାଙ୍କ 'ସୈୟାଁ ବିନା'



ଭାରତୀୟ ସଙ୍ଗୀତ ଜଗତର ଏକ ଗୌରବମୟ ଅଧ୍ୟାୟର ଅନ୍ତ ଘଟିଛି। ଆଠ ଦଶନ୍ଧି ଧରି ନିଜର ଯାଦୁକରୀ କଣ୍ଠସ୍ୱରରେ ଲକ୍ଷ ଲକ୍ଷ ହୃଦୟରେ ରାଜ କରିଥିବା କିମ୍ବଦନ୍ତୀ ଗାୟିକା ଆଶା ଭୋଁସଲେଙ୍କର ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମହାରାଷ୍ଟ୍ରର ସାଂସ୍କୃତିକ ମନ୍ତ୍ରୀ ଆଶିଷ ଶେଲାର ଏହି ଦୁଃଖଦ ଖବରକୁ ନିଶ୍ଚିତ କରିଛନ୍ତି, ଯାହା ଦେଶ ଏବଂ ଚଳଚ୍ଚିତ୍ର ଜଗତକୁ ସ୍ତବ୍ଧ କରିଦେଇଛି। ସଭିଏଁ ତାଙ୍କୁ ସ୍ନେହରେ ଡାକୁଥିଲେ, ଆଶା ତାଇ।ସେ କେବଳ ଜଣେ ଗାୟିକା ନଥିଲେ ବରଂ ଭାରତୀୟ ସଂସ୍କୃତିର ଜଣେ ଶକ୍ତିଶାଳୀ ସ୍ୱର ଥିଲେ। ୧୯୪୩ ମସିହାରେ ୧୦ ବର୍ଷ ବୟସରେ ଏକ ମରାଠୀ ଗୀତ ସହିତ ଆରମ୍ଭ ହୋଇଥିଲା। ଏହା ସେ ୯୧ ବର୍ଷ ବୟସ ପର୍ଯ୍ୟନ୍ତ ଜାରି ରହିଥିଲା। ୧୨,୦୦୦ ରୁ ଅଧିକ ଗୀତ ଏବଂ ଦାଦା ସାହେବ ଫାଲକେ ପୁରସ୍କାର ଠାରୁ ପଦ୍ମ ବିଭୂଷଣ ପର୍ଯ୍ୟନ୍ତ ପୁରସ୍କାର ସହିତ, ତାଙ୍କର ବ୍ୟକ୍ତିତ୍ୱ ସର୍ବଦା ସଙ୍ଗୀତ ପ୍ରେମୀଙ୍କୁ ପ୍ରେରଣା ଦେଉଥିବ। ସେ କେବଳ ଅନେକ ହିଟ୍ ଗୀତ ଗାଇ ନଥିଲେ ବରଂ ବହୁ ସମ୍ମାନ ମଧ୍ୟ ପାଇଥିଲେ। ରିପୋର୍ଟ ଅନୁଯାୟୀ,ତାଙ୍କ ନାମ ଥରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ମଧ୍ୟ ତାଲିକାଭୁକ୍ତ ହୋଇଥିଲା। ଆଶା ଭୋଁସଲେଙ୍କ ପ୍ରଥମ ଗୀତ ହିନ୍ଦୀରେ ନଥିଲା, ବରଂ ସେ ଏହାକୁ ୧୦ ବର୍ଷ ବୟସରେ ମରାଠୀ ଚଳଚ୍ଚିତ୍ର 'ମାଝା ବାଲ' ପାଇଁ ଗାଇଥିଲେ, ଯାହାର ଶୀର୍ଷକ ଥିଲା 'ଚଲା ଚଲା ନଓ୍ୱ ବାଲା'। ଏହି ଗୀତଟି ୧୯୪୩ ମସିହାରେ ରେକର୍ଡ ହୋଇଥିଲା ଏବଂ ମାଷ୍ଟର ବିନାୟକଙ୍କ ଦ୍ୱାରା ପ୍ରଯୋଜିତ ହୋଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କ ବଡ଼ ଭଉଣୀ ଲତା ମଙ୍ଗେସକର ଏହି ଚଳଚ୍ଚିତ୍ରରେ ଗାୟିକା ଭାବରେ ନୁହେଁ, ବରଂ ଜଣେ ଅଭିନେତ୍ରୀ ଭାବରେ ଅଭିନୟ କରିଥିଲେ।

## ରାମାୟଣ ଫିଲ୍ମରେ ଏକାଠି ନଜର ଆସିବେନି ରାମ-ରାବଣ

### ରହସ୍ୟର ଖୁଲାସା କଲେ ଯଶ୍



'ରାମାୟଣ' ଫିଲ୍ମ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଏହି ଫିଲ୍ମରେ ରାବଣ ଭୂମିକାରେ ଅଭିନୟ କରୁଥିବା କନ୍ନଡ ସୁପରଷ୍ଟାର ଯଶଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସେ ତାଙ୍କ ଅଭିନୀତ ଚରିତ୍ର ସମ୍ପର୍କର ଏକ ରହସ୍ୟର ଖୁଲାସା କରିଛନ୍ତି । ଏହି ଫିଲ୍ମରେ ତାଙ୍କୁ ରଣବୀର କପୁରଙ୍କ ସହିତ ଦେଖିବାକୁ ମିଳିବ ନାହିଁ ବୋଲି ସେ କହିଛନ୍ତି । "ଆକର୍ଷଣୀୟ ଭାବରେ ଆମେ ଏହି ଫିଲ୍ମରେ ଏକାଠି ଦେଖାଯିବୁ ନାହିଁ । ଏହି ଫିଲ୍ମକୁ ଦୁଇଟି ପାର୍ଟରେ ଦେଖିବାକୁ ପାଇବେ ଦର୍ଶକ। ପ୍ରଥମ ଭାଗରେ, ରାବଣର ନିଜସ୍ୱ ରାଜ୍ୟ ରହିବ ଏବଂ ରାମଙ୍କର ନିଜସ୍ୱ ରାଜ୍ୟ ରହିବ" ବୋଲି ଯଶ୍ କହିଛନ୍ତି । ଯାହା ଲୋକଙ୍କ ଉତ୍ସାହକୁ ବଢାଇ ଦେଇଛି । ଏପରି ଭାବେ ଫିଲ୍ମ ରିଲିଜ କରିବା ଦ୍ୱାରା ଦର୍ଶକଙ୍କ ପାଇଁ ଏହା ଇଣ୍ଟେରେଷ୍ଟିଂ ରହିବ । ଯଶଙ୍କର ଏହି ଖୁଲାସା ପରେ ଫିଲ୍ମର ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିଛନ୍ତି ଦର୍ଶକ । ରାମ ଏବଂ ରାବଣଙ୍କ ମଧରେ ମୁକାବିଲା ଦେଖିବା ପାଇଁ ଦ୍ୱିତୀୟ ପାର୍ଟକୁ ଅପେକ୍ଷା କରିବାକୁ ପଡିବ । ଯଦିଓ ଉଭୟ ଅଭିନେତା ଏହି ଫିଲ୍ମରେ ଏକାଠି ଦେଖାଯାଉନାହାଁନ୍ତି । ତଥାପି ପରଦା ବାହାରେ ସେମାନଙ୍କର ଏକ ଦୃଢ଼ ସମ୍ପର୍କ ରହିଛି । ଏହା ବ୍ୟତୀତ ଯଶ ରଣବୀର କପୁରଙ୍କୁ ପ୍ରଶଂସା କରି ତାଙ୍କୁ ଜଣେ ଚମତ୍କାର ଅଭିନେତା ବୋଲି ବୋଲି ମଧ ସେ କହିଥିଲେ।



## ଉଭୟ 'ଧୁରନ୍ଧର' ଫିଲ୍ମର ସାମୂହିକ ଆୟ ୩୦୦୦କୋଟି ଟପିଲା

ଜିଓ ଷ୍ଟୁଡିଓଜ ବ୍ୟାନର ଅଧୀନରେ ନିର୍ମିତ ଉଭୟ ଫିଲ୍ମ - ଧୁରନ୍ଧର ଏବଂ ଧୁରନ୍ଧରଃ ଦି ରିଭେଞ୍ଜ - ମିଳିତ ଭାବରେ ବକ୍ସ ଅଫିସରେ ୩୦୦୦କୋଟି ଟଙ୍କା ଆୟ ମାଇଲଖୁଣ୍ଟ ଅତିକ୍ରମ କରିଛି । ଏହାକୁ ଭାରତୀୟ ସିନେମା ପାଇଁ ଏକ ଉଲ୍ଲେଖନୀୟ ସଫଳତା ଭାବେ ସ୍ୱାଗତ କରାଯାଉଛି । ଧୁରନ୍ଧର ସିରିଜର ଉଭୟ ଫିଲ୍ମ ବିଶ୍ୱସ୍ତରୀୟ ବକ୍ସ ଅଫିସରେ ଇତିହାସ ସୃଷ୍ଟି କରିଛି । ଏହି ଚଳଚ୍ଚିତ୍ର ଦ୍ୱୟ ଜ୍ୟୋତି ଦେଶପାଣ୍ଡେ, ଆଦିତ୍ୟ ଧର ଏବଂ ଲୋକେଶ ଧରଙ୍କ ଦ୍ୱାରା ଜିଓ ଷ୍ଟୁଡିଓଜ ଏବଂ ବି୬୨ ଷ୍ଟୁଡିଓ ବ୍ୟାନର ଅଧୀନରେ ନିର୍ମିତ ହୋଇଥିଲା। ୨୦୨୫ମସିହାରେ ମୁକ୍ତିଲାଭ କରିଥିବା ପ୍ରଥମ ଚଳଚ୍ଚିତ୍ର ଧୁରନ୍ଧର ଚମତ୍କାର ପ୍ରଦର୍ଶନ କରିଥିଲା, ଯାହା ସାରା ବିଶ୍ୱରେ ୧୩୦୦କୋଟିରୁ ଅଧିକ ଆୟ କରିଥିଲା। କେବଳ ଘରୋଇ ବଜାରରେ, ଏହି ଚଳଚ୍ଚିତ୍ରଟି ୧୦୦୦ କୋଟିରୁ ଅଧିକ ଆୟ କରିଥିଲା । ଏହି ସଫଳତା ପରେ, ଧୁରନ୍ଧର ୨ଃ ଦି ରିଭେଞ୍ଜ ଏହି ଗତିକୁ ଆହୁରି ଆଗକୁ ନେଇ ୧୭୦୦ କୋଟି ଟଙ୍କାରୁ ଅଧିକ ବିଶ୍ୱବ୍ୟାପୀ ସଂଗ୍ରହ କରିଛି। ଏକ ନୂତନ ରେକର୍ଡ ସ୍ଥାପନ କରି, ଏହି ଚଳଚ୍ଚିତ୍ରଟି ଗୋଟିଏ ଭାଷାରେ ୧୦୦୦ କୋଟିରୁ ଅଧିକ ନେଟ୍ ସଂଗ୍ରହ ରେକର୍ଡ କରିଥିବା ପ୍ରଥମ ଭାରତୀୟ ଚଳଚ୍ଚିତ୍ର ହେବାର ଗୌରବ ଅର୍ଜନ କରିଛି। ଉଭୟ ଚଳଚ୍ଚିତ୍ରର ମିଳିତ ବିଶ୍ୱବ୍ୟାପୀ ସଂଗ୍ରହ ୩୦୦୦କୋଟି ଟଙ୍କା ଅତିକ୍ରମ କରିଛି, ଯାହା ଏହି ମାଇଲଖୁଣ୍ଟ ହାସଲ କରିଥିବା ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଫ୍ରାଞ୍ଚାଇଜ୍। ଉଭୟ ଚଳଚ୍ଚିତ୍ର ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ନିରନ୍ତର ଦୃଢ଼ ପ୍ରଦର୍ଶନ କରି, ଦର୍ଶକଙ୍କ ଆଦୃତି ଲାଭ କରିଛି। ଆକ୍ସନର ସମିଶ୍ରଣ, ଆକର୍ଷଣୀୟ କାହାଣୀ କହିବା ଶୈଳୀ ଏବଂ ଏକ ବିଶାଳ-ସ୍ତରର ରଣନୀତି ଭାରତ ଏବଂ ବିଶ୍ୱବ୍ୟାପୀ ଉଭୟରେ ସେମାନଙ୍କର ବିପୁଳ ଲୋକପ୍ରିୟତାରେ ଅବଦାନ ଦେଇଥିଲା। ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ସିରିଜକୁ ଭାରତୀୟ ସିନେମାରେ ଏକ ନୂତନ ଯୁଗର ଆରମ୍ଭ ଭାବରେ ଦେଖାଯାଉଛି - ଯାହା ବଡ଼ ବଜେଟ୍ ଏବଂ ଏକ ଫ୍ରାଞ୍ଚାଇଜ୍-ଆଧାରିତ ମଡେଲ୍ ଦ୍ୱାରା ଚିହ୍ନିତ -ଯେଉଁଥିରେ ଗୋଟିଏ କାହାଣୀକୁ ଦୁଇଟି ଭିନ୍ନ ଭାଗରେ ଉପସ୍ଥାପନ କରାଯାଇଛି।



## ଅବନୀତଙ୍କ ଗ୍ଲାମରସ୍ ଲୁକ୍‌କୁ ନେଇ ଉଠିଲା ପ୍ରଶ୍ନ

ଅଭିନେତ୍ରୀ ଅବନୀତ କୌର ଯେତିକି ଗ୍ଲାମରସ୍ ସେତିକି ଚର୍ଚ୍ଚିତ ମଧ। ନିଜ ଚମକଦାର ଲୁକ ପାଇଁ ପ୍ରାୟତଃ ପ୍ରଶଂସା ସାଉଁଟନ୍ତି। ନିକଟରେ ସେ ତାହା ତ୍ୱଚାରେ ବୋଟକ୍ସ କିମ୍ବା ସର୍ଜରୀ କରିଥିବା ଆଲୋଚନା ହେଉଛି। କିନ୍ତୁ ଏକ ସାକ୍ଷାତକାରରେ ସେ ଏହକୁ ଖଣ୍ଡନ କରିଛନ୍ତି। ଏହି ପରିବର୍ତ୍ତନ ସମ୍ପୂର୍ଣ୍ଣ ସ୍ୱାଭାବିକ। ବୟସ ସହିତ ସେ ଚମକୁଥିବା କହିଛନ୍ତି। ପ୍ରତ୍ୟେକ ବ୍ୟକ୍ତିଙ୍କ ପିଲାଦିନର ଏବଂ ବର୍ତ୍ତମାନର ଫଟୋ ଭିତରେ ନିଶ୍ଚୟ ଭିନ୍ନ ଥାଏ। ସମସ୍ତେ ବଡ଼ ହୁଅନ୍ତି ଏବଂ ବୟସ ବଢ଼ିବା ସହିତ ଚେହେରାରେ ଚମକ ଆସେ। ମୋର କୌଣସି ଅସ୍ତ୍ରୋପଚାର କିମ୍ବା ବୋଟକ୍ସ ହୋଇନାହିଁ। ମୁଁ ଯାହା ଦେଖାଯାଉଛି ତାହା ସ୍ୱାଭାବିକ। ମୋ ସୁନ୍ଦରତାର ସମସ୍ତ ଶ୍ରେୟ ମୋ ମା'ଙ୍କୁ ଯାଏ। ଅଭନୀତ କୌର ବହୁତ କମ ବୟସରେ ଟିଭି ଶିଳ୍ପରେ ଜଗତରେ କରିଥିଲେ। ଧୀରେ ଧୀରେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଥିଲେ। ଏବେ ସେ ଫିଲ୍ମ ଜଗତରେ ମଧ ସକ୍ରିୟ ଅଛନ୍ତି।





## ଓଟିଟିରେ ରିଲିଜ୍ ହେବ 'ଅସ୍ସି'



ତାପସୀ ପନ୍ନୁଙ୍କ ଅଭିନୀତ ଫିଲ୍ମ "ଅସ୍ସି" ୨୦ ଫେବୃଆରୀ, ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ଏହି କୋର୍ଟରୁମ୍ ଡ୍ରାମା ଏହାର ଆକର୍ଷଣୀୟ କାହାଣୀ ଏବଂ ସାମାଜିକ ପ୍ରାସଙ୍ଗିକ ବିଷୟକୁ ନେଇ ସମୀକ୍ଷକଙ୍କ ବେଶ ପ୍ରଶଂସା ପାଇଥିଲା, ଯଦିଓ ଏହା ବକ୍ସ ଅଫିସରେ ଖରାପ ପ୍ରଦର୍ଶନ କରିଥିଲା। ତଥାପି, ପ୍ରଶଂସକମାନେ ଏହାର ଓଟିଟି ରିଲିଜକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଶେଷରେ, ଅନୁଭବ ସିହ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଡିଜିଟାଲ୍ ପ୍ଲାଟଫର୍ମରେ ଡେବ୍ୟୁ କରିବାକୁ ଯାଉଛି। ଆସନ୍ତୁ ଜାଣିବା ଏହାକୁ କେବେ ଏବଂ କେଉଁଠି ଦେଖିବେ। କେବେ ଏବଂ କେଉଁଠି ଓଟିଟି ରେ ରିଲିଜ୍ ହେବ ?ଯେଉଁମାନେ "ଅସ୍ସି" କୁ ଥିଏଟରରେ ଦେଖିପାରି ନଥିଲେ ସେମାନେ ଏବେ ନିଜ ଘରେ ବସି ଏହାକୁ ଦେଖିପାରିବେ।

ଏହାର ଓଟିଟି ରିଲିଜ୍ ତାରିଖ ଘୋଷଣା କରାଯାଇଛି। "ଅସ୍ସି" ୧୭ ଏପ୍ରିଲ୍ ୨୦୨୬ ରୁ ଜି୫ ରେ ଷ୍ଟ୍ରିମିଂ ପାଇଁ ଉପଲବ୍ଧ ହେବ। ଏହି ଫିଲ୍ମଟି ଗୌରବ ସୋଲାଙ୍କି ଏବଂ ଅନୁଭବ ସିହ୍ନାଙ୍କ ଦ୍ୱାରା ଲିଖିତ ଏବଂ ଭୂଷଣ କୁମାର, କ୍ରିଷନ କୁମାର ଏବଂ ଅନୁଭବ ସିହ୍ନାଙ୍କ ଦ୍ୱାରା ପ୍ରଯୋଜିତ। "ଅସ୍ସି" ବକ୍ସ ଅଫିସ୍ କଲେକ୍ସନଃ ସାକନିକ୍ ରିପୋର୍ଟ ଅନୁଯାୟୀ, "ଅସ୍ସି" ଭାରତରେ ୧୦.୪୭ କୋଟିର ନେଟ୍ ଲାଇଫ୍ ଟାଇମ୍ କଲେକ୍ସନ କରିଥିଲା। ଫିଲ୍ମଟି ସାରା ବିଶ୍ୱରେ ୧୪.୯୩ କୋଟି ରୋଜଗାର କରିଥିଲା। ରିପୋର୍ଟ ଅନୁଯାୟୀ ଏହି ଫିଲ୍ମଟି ୪୦ କୋଟି ବଜେଟ୍ ରେ ନିର୍ମିତ ହୋଇଥିଲା ଏବଂ ଏହାର ଅଧା ଖର୍ଚ୍ଚ ମଧ ଆଦାୟ କରିପାରିନଥିଲା। ଫଳସ୍ୱରୂପ, ଏହା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। 'ଅସ୍ସି' ହେଉଛି ଦିଲ୍ଲୀର ଜଣେ ସ୍କୁଲ ଶିକ୍ଷୟିତ୍ରୀ ପରିମାଙ୍କ କାହାଣୀ, ଯିଏ ପାଞ୍ଚ ଜଣ ପୁରୁଷଙ୍କ ଦ୍ୱାରା ଗଣବଳାତ୍କାରର ଶିକାର ହୋଇଛନ୍ତି। ଏହି ଚଳଚ୍ଚିତ୍ରଟି ଏକ ଗଭୀର ତ୍ରୁଟିପୂର୍ଣ୍ଣ ଆଇନଗତ ଏବଂ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ନ୍ୟାୟ ପାଇଁ ଜଣେ ମହିଳାଙ୍କ ଯନ୍ତ୍ରଣାଦାୟକ ସଂଘର୍ଷକୁ ଦର୍ଶାଉଛି। ତାଙ୍କ ମାମଲା ଓକିଲ ରାଭି ଲଢୁଛନ୍ତି, ଯାହାଙ୍କ ଭୂମିକା ତାପସୀ ପନ୍ନୁ। ଏହି ଚଳଚ୍ଚିତ୍ରରେ କାନି କୁସୁରୁତି ପ୍ୟାରିମା, ରେଭଥୀ ଭାସୁଧା, ମନୋଜ ପହୱା ଦୀପ୍ରାଜ, କୁମୁଦ ମିଶ୍ର କାର୍ତ୍ତିକ, ମହମ୍ମଦ ଜିଶାନ ଆୟୁବ ବିନୟ ଏବଂ ସତ୍ୟଜିତ ଶର୍ମା ବିରୋଧୀ ଓକିଲ ଭାବରେ ଅଭିନୟ କରିଛନ୍ତି।

## ସୁବର୍ଣ୍ଣପୁର ଜିଲ୍ଲାରେ ହଲଚଲ

# ଜୟ ଭୀମ ନାରା ଦେଇ ଚିରିଲେ ଶ୍ରୀରାମଙ୍କ ପୋଷ୍ଟର




**ସୁବର୍ଣ୍ଣପୁର,୧୫।୪(ସଂଚାର ବ୍ୟୁରୋ):** ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ଧୁମଧାମ ରେ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ଜୟନ୍ତୀ ସହ ହନୁମାନ ଜୟନ୍ତୀ ପାଳନ ହୋଇଥିଲା। କିନ୍ତୁ ଜିଲ୍ଲାର ବୀରମହାରାଜପୁର ଠାରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି। ପ୍ରଭୂ ଶ୍ରୀ ରାମ ଏବଂ ହନୁମାନଙ୍କ ଫଟୋ ଚିତ୍ରକୁ ଭୀମ ଆର୍ମି କର୍ମକର୍ତ୍ତାମାନେ ଚିରା ଫଡା କରିବା ସହ ଦଳି ଚକଟି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହା ହିନ୍ଦୁ ସନାତନୀ ମାନଙ୍କୁ ବହୁତ୍ ଆଘାତ ଦେଇଛି। ସୂଚନା ଯୋଗ୍ୟ ଯେ ଗତକାଲି ବୀରମହାରାଜପୁର ଆମ୍ବେଦକର୍ ଭବନ ଠାରୁ ବୀରମହାରାଜପୁର ଚାରିଛକ ଅଭିମୁଖେ ବାବା ସାହେବଙ୍କ ରାଲି ବାହାରିଥିଲା ବେଳେ ବିଧାୟକ ଇଂ ରଘୁନାଥ ଜଗଦଲା ମଧ୍ୟ ସାମିଲ ଥିଲେ। କିନ୍ତୁ ପରେ ଚାରିଛକ ଠାରେ ସ୍ଥାନୀୟ ବଜରଙ୍ଗ ଦଳ ପକ୍ଷରୁ ଲାଗିଥିବା ପ୍ରଭୂ ଶ୍ରୀ ରାମ ଏବଂ ହନୁମାନଙ୍କ ଫଟୋକୁ ଜୟ ଭୀମ ନାରା ଦେଇ କିଛି ଦୁର୍ବୃତ୍ତ ଚିରି ଦେବା ସହ ଦଳା ଚକଟା କରିଥିଲେ। ଏ ନେଇ ପରେ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ଥାନାରେ ଏକ ଏତଲା ଦିଆଯାଇଥିବା ଜଣାପଡ଼ିଛି। ବୀରମହାରାଜପୁର ବିଧାୟକ ଆଉ ପୋଲିସ ପ୍ରଶାସନ ଥାଇକି ମଧ୍ୟ ଏହି ଘଟଣା ଘଟିଥିବା ଦୁର୍ଭାଗ୍ୟର ବିଷୟ ବୋଲି ବଜରଙ୍ଗ ଦଳ ଅଭିଯୋଗ କରିଛି। ସେପଟେ ପରେ ବଜରଙ୍ଗ ଦଳ ପକ୍ଷରୁ ସ୍ଥାନୀୟ ବିଜେପି ବିଧାୟକ ଇଂ ରଘୁନାଥ ଜଗଦଲାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଏ ନେଇ ଜିଲ୍ଲାରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଆଗକୁ ପୁଲିସ ପକ୍ଷରୁ କଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଦେଖିବାକୁ ବାକି ରହିଛି।

## ବାଲିପାଟଣାରେ ମାଟି ମାଫିଆଙ୍କ ରାଜ୍

# ପ୍ରଶାସନ ଓ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଅଭିଯୋଗ

- ଚଢ଼ାଉ ନାଁରେ ପ୍ରହସନ!
- କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ୍

**ବାଲିପାଟଣା,୧୫।୪(ସଂଚାର ବ୍ୟୁରୋ):** ସରକାରୀ ନିୟମ କାଗଜ କଲମରେ, ଆଉ ମାଟି ମାଫିଆଙ୍କ ଦୌରାତ୍ମ୍ୟ ଅଞ୍ଚଳରେ। ବାଲିପାଟଣା ବ୍ଲକର କୋଣ ଅନୁକୋଣରେ ଏବେ ବେଆଇନ ମାଟି ଖନନ ଓ ଚୋରା ଚାଲାଣ ଚରମ ସୀମାରେ ପହଞ୍ଚିଛି। ନଦୀ ପଠାଠାରୁ ଆରମ୍ଭ କରି ଉର୍ବର ଚାଷ ଜମି ପର୍ଯ୍ୟନ୍ତ ସବୁଠି ଜେସିବିର ଗର୍ଜନ। ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ୍ ମାଟି ଲୁଟ୍ ହେଉଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଯେପରି 'କୁମ୍ଭକର୍ଣ୍ଣ' ନିଦ୍ରାରେ ଶୋଇଛି।ବିନା କୌଣସି ଲିଜ୍ ବା ଅନୁମତିରେ ପାତାଳ ପର୍ଯ୍ୟନ୍ତ ଗାତ ଖୋଳି ମାଟି ତାଡ଼ି ନିଆଯାଉଛି। ରାଜସ୍ୱ, ପଦ୍ମାଲୋ, ଗରିଆ, ଗୁଆପୁର, ନରିଶୋ, ଦରଡା, ପୁବାଗଡ଼ ଓ ଟିଙ୍କିପଡ଼ା ଭଳି ଅନେକ ଅଞ୍ଚଳରେ ମାଫିଆଙ୍କ ନଜର ଏବେ ସର୍ବସାଧାରଣ ସମ୍ପତ୍ତି ଉପରେ। ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ନିରବତା ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅଞ୍ଚଳରେ ବେଆଇନ ମାଟି ଚୋରା ଚାଲାଣ ଏବେ କେବଳ ଏକ ଅପରାଧ ହୋଇ ରହିନାହିଁ, ବରଂ ଏହା ପ୍ରଶାସନିକ ଭ୍ରଷ୍ଟାଚାରର ଏକ ବଡ଼ ମାଧ୍ୟମ ପାଲଟିଛି। ଅଞ୍ଚଳରେ ଚର୍ଚ୍ଚା ହେଉଛି ଯେ, ସ୍ଥାନୀୟ ଥାନା ଓ ତହସିଲ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀଙ୍କ ପକେଟ୍ ଗରମ କରି ମାଟି ମାଫିଆମାନେ ନିର୍ଭୟରେ ନିଜର ସାମ୍ରାଜ୍ୟ ବିସ୍ତାର କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଜବତ ଗାଡ଼ିଗୁଡ଼ିକ କୋର୍ଟ କିମ୍ବା ସରକାରୀ ଜରିମାନା ବଦଳରେ 'ଟେବୁଲ୍ ତଳ' ବୁଝାମଣାରେ ଖଲାସ ହେଉଥିବା ଅଭିଯୋଗ ଏବେ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ବେଆଇନ କାରବାର ଯୋଗୁଁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ କିଛି ଅଧିକାରୀଙ୍କ ବ୍ୟକ୍ତିଗତ ପକେଟ୍ ଫୁଲୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କିପରି ଅଞ୍ଚଳରେ ନିର୍ଭୟରେ ମାଟି ଚୋରା ଚାଲାଣ ହେଉଛି ଏବଂ ଜବତ ଗାଡ଼ି କେଉଁ ଆଧାରରେ ଏବଂ କାହା ନିର୍ଦ୍ଦେଶରେ ଛଡ଼ାଯାଉଛି, ତାହାର ହିସାବ କେବେ ମିଳିବ?

## ବର୍ଷାନ୍ତ ପ୍ରତିଭା ସମ୍ମାନରେ ସମ୍ମାନିତ ହେଲେ ଆଶୁତୋଷ




**ବାଲିପାଟଣା,୧୫।୪(ସଂଚାର ବ୍ୟୁରୋ):** ବାଲିପାଟଣା ଅଞ୍ଚଳର ଯଶସ୍ୱୀ କବି ଆଶୁତୋଷ ଦାଶ, ଚଳିତ ମହାବିଷୁବ ପର୍ବ ଅବସରରେ ବର୍ଷାନ୍ତ ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ମଦର ଟେରେସା ଫିଲାନଥ୍ରୋପିକ ଆସୋସିଏସନ, ମାର୍କୋଣା - ସିମୁଳିଆ ବାଲେଶ୍ୱର ଆନୁକୂଲ୍ୟରେ ସ୍ଥାନୀୟ ମଇତାପୁର ରୟାଲ ମାଧ୍ୟମିକ ବିଦ୍ୟାଳୟର ଅଡିଟୋରିୟମ ଠାରେ ଆୟୋଜିତ ବର୍ଷାନ୍ତ ସାରସ୍ୱତ ସମ୍ମେଳନରେ କବି ଶ୍ରୀ ଦାଶଙ୍କୁ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇହଜାର ପଚିଶ ମସିହା ନିମନ୍ତେ ମର୍ଯ୍ୟାଦାଜନକ 'ବର୍ଷାନ୍ତ ପ୍ରତିଭା ସମ୍ମାନ ' ପ୍ରଦାନ କରାଯାଇଛି।

## ଜଙ୍ଗଲରୁ ଅଜଣା ବ୍ୟକ୍ତିଙ୍କୁ ଉଦ୍ଧାର କରିଛି ଦାରିଙ୍ଗବାଡି ପୁଲିସ



**କନ୍ଧମାଳ,୧୫।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ହାତୀମୁଣ୍ଡା ପଞ୍ଚାୟତ ର ଆଡ଼ି ପଙ୍କା ଜଙ୍ଗଲରୁ ଏକ ଅଚିହ୍ନା ବ୍ୟକ୍ତି ଙ୍କୁ ଉଦ୍ଧାର କରିଛି ବ୍ରାହ୍ମଣୀଗାଁ ପୋଲିସ୍। ସୂଚନା ଅନୁଯାୟୀ ହାତୀ ମୁଣ୍ଡା ଗ୍ରାମ ର କିଛି ମହିଳା ଶାଗ ସଂଗ୍ରହ କରିବାକୁ ଉକ୍ତ ଜଙ୍ଗଲ କୁ ଯାଇଥିଲେ। ତେବେ ଜୀର୍ଣ୍ଣ ସିର୍ଣ୍ଣ ଅବସ୍ଥାରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଜଣେ ଅଜଣା ବ୍ୟକ୍ତି ପଡ଼ି ରହିଥିବା ଦେଖି ଭୟଭୀତ ହୋଇ ଘରକୁ ଆସି ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ ପରେ ଗ୍ରାମବାସୀ ମାନେ ସ୍ଥାନୀୟ ପୋଲିସ କୁ ଖବର ଦେବା ପରେ ଆଇ ଆଇ ସି ବିଜୟ କୁମାର ହାଇବରୁ ଙ୍କ ନିର୍ଦ୍ଦେଶ କ୍ରମେ ଏ ଏସ ଆଇ ଶୁଶାନ୍ତ କୁମାର ଶବର ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ସେଠାରେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେବାକୁ ପରାମର୍ଶ ଦେଇଥିଲେ। ତେବେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦାରିଙ୍ଗବାଡି ସ୍ଥାନାନ୍ତର କରାଯାଇ ଥିବା ବେଳେ ବ୍ୟକ୍ତି ଜଣକ ନିଜ ବିଷୟ ରେ କିଛି ସ୍ପଷ୍ଟ ରୂପେ କହି ପାରୁ ନାହାଁନ୍ତି, ସେ ଓଡ଼ିଆ ଭାଷା ରେ କିଛି ଉତ୍ତର ଦେଉ ନଥିବା ବେଳେ ହିନ୍ଦୀ ଓ ଇଂରାଜୀ ଭାଷା ରେ ଉତ୍ତର ଦେଉଛନ୍ତି କିନ୍ତୁ ତାଙ୍କ ଭାଷା ସ୍ପଷ୍ଟ ନଥିବାରୁ ସେ କେଉଁଠିକାର ବ୍ୟକ୍ତି ଜଣା ପଡୁ ନାହିଁ। ଏଣୁ ଯିଏ କେହି ବି ଏହି ବ୍ୟକ୍ତି କୁ ଚିହ୍ନନ୍ତି ତେବେ ପୋଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଦୀର୍ଘ ବର୍ଷ ଧରି ମରାମତି ଅଭାବରୁ ଅଚଳ ହୋଇ ପଡ଼ିଛି ନଳକୂପ

**କନ୍ଧମାଳ,୧୫।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୃଙ୍ଗିଯୋଡ଼ି ପଞ୍ଚାୟତ ଭୃଙ୍ଗିଯୋଡ଼ି ଛକ ପାଖରେ ଥିବା ନଳକୂପ ଦୀର୍ଘ ଦିନ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି। ଏନେଇ ବାରମ୍ବାର ଭୃଙ୍ଗିଯୋଡ଼ି ଗ୍ରାମବାସୀ ମାନେ ପ୍ରଶାସନକୁ ଜଣାଇବା ସ୍ୱତ୍ତେ ନଳକୂପଟିର ମରାମତି କାର୍ଯ୍ୟ ହେଉନାହିଁ। ଯାହାକି ବିଭିନ୍ନ ଲଟାବୁଦା ଗଛମାଡ଼ି ପୋତି ହୋଇ ଗଲାଣି। ଫଳରେ ସ୍ଥାନୀୟ ଜନସାଧାରଣ ପିଇବା ପାଣିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର କହିଛନ୍ତି ସାହିର ବାସିନ୍ଦାମାନେ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କର ଆଗ୍ରହ ନଥିବା କାରଣରୁ ନଳକୂପ ଟିର ମରାମତି ହୋଇ ପାରୁନାହିଁ। ଯାହାକି ପାଣି ପାଇଁ ବହୁତ ଅସୁବିଧା ହେଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ କୁ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି ପାଇଁ ନିବେଦନ କରିଛନ୍ତି। ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଖବର ପ୍ରକାଶ ପରେ କେବେ ଏହି ସମସ୍ୟାର ସମାଧାନ କରୁଛନ୍ତି ତାହା ଅପେକ୍ଷା ରେ ଗ୍ରାମବାସୀ।

## ମିଡିଆ ସେଣ୍ଟର ପକ୍ଷରୁ ବେଲ ପଣା ପ୍ରଦାନ କାର୍ଯ୍ୟକ୍ରମ



**ବୈଶିଙ୍ଗା,୧୫।୪(ସଂଚାର ବ୍ୟୁରୋ):** ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବୈଶିଙ୍ଗା ମିଡିଆ ସେଣ୍ଟର ପକ୍ଷରୁ ଏକ ବେଲ ପଣା ପ୍ରଦାନ କାର୍ଯ୍ୟକ୍ରମ କରାଯାଇଥିଲା ଓ ଏଥି ପାଇଁ 'ବାବୁଲି ଟିଭି' ସେଣ୍ଟର ଠାରେ ସମସ୍ତ ସଦସ୍ୟ ଏକତ୍ରୀତ ହୋଇଥିଲେ। ମିଡ଼ିଆ ସେଣ୍ଟର ର ସଭାପତି ସଞ୍ଜୟ କୁମାର ମିଶ୍ର ଙ୍କ ସମେତ ଅନ୍ୟ ସଦସ୍ୟ ସର୍ବଶ୍ରୀ ସୀତାନାଥ ବେହେରା, ମଧୁସୂଦନ ମହାନ୍ତି, ବିମଳେନ୍ଦୁ ମହାପାତ୍ର, ଜୟନ୍ତ କୁମାର ମହାପାତ୍ର, ଦାମୋଦର ଜେନା, ନରହରି ବିଶ୍ୱାଳ, ଦେବବ୍ରତ ପରିଡା ତଥା ଅନ୍ୟ ମାନଙ୍କ ମଧ୍ୟରେ ମହେନ୍ଦ୍ର ସାହୁ, ବିଶ୍ୱଜିତ କମିଲା, ରତ୍ନା କର ସେନାପତି ପ୍ରମୂଖ ଉପସ୍ଥିତ ରହି ପଣା ପିଇବା ସହିତ ସାଧାରଣ ଲୋକ ଙ୍କୁ ଏହି ପଣା ପ୍ରଦାନ କରିଥିଲେ।

## ହନୁମାନ ବାଟିକାଠାରେ ହନୁମାନ ଜୟନ୍ତୀ ପାଳିତ



**ବୈଶିଙ୍ଗା,୧୫।୪(ସଂଚାର ବ୍ୟୁରୋ):** ମହାବିଷୁବ ସଂକ୍ରାନ୍ତି ଦିନ ବୀର ହନୁମାନ ଙ୍କ ଜନ୍ମତିଥି ଥିବାରୁ ବୈଶିଙ୍ଗା ସ୍ଥିତ ହନୁମାନ ବାଟିକା ଠାରେ ବଜରଙ୍ଗବାଲି ହନୁମାନ ଙ୍କର ଜୟନ୍ତୀ ପାଳିତ ହୋଇଥିଲା। ମନ୍ଦିର କମିଟିର ସଦସ୍ୟ ଜୟନ୍ତ କୁମାର ପରିଡା, ଗଦାଧର ମଣ୍ଡଳ, ଅଜିତ ସେନାପତି, ଓମ ପ୍ରକାଶ କର, ସଞ୍ଜୟ କୁମାର ପତି, ଶରତ କର, ପୂଜକ ସତ୍ୟବ୍ରତ ମହାପାତ୍ର, ସଜାଶିବ ପାଣି ପ୍ରମୂଖ ସହଯୋଗ କରିଥିଲେ। ଦିବସ ବ୍ୟାପି ପୂଜାର୍ଚ୍ଚନା, ହୋମ ସହିତ ହନୁମାନ ଚାଳିଶା ପାଠ କରାଯାଇଥିଲା ଓ ସନ୍ଧ୍ୟା ସମୟରେ ମିଷ୍ଟାନ୍ନ ସହିତ କାନିକା ପ୍ରସାଦ ବଣ୍ଟନ କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

## ସଂସ୍କୃତ ପରିଷଦର ବାର୍ଷିକ ଉତ୍ସବ

**ବଲାଙ୍ଗୀର,୧୫।୪(ସଂଚାର ବ୍ୟୁରୋ):** ନୃସିଂହ ମନ୍ଦିର ପରିସର ରେ ସଂସ୍କୃତ ପରିଷଦ ବଲାଙ୍ଗିର ର ବାର୍ଷିକ ଉତ୍ସବ ଆଇନଜିବୀ ଜୟରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପ୍ରାଣ ବଲ୍ଲଭ ତ୍ରିପାଠୀ ଦୀପ ପ୍ରଜ୍ଜଳନ କରି ହନୁମାନଜୀଙ୍କ ପୂଜା ପରେ ସାମୂହିକ ଭାବେ ହନୁମାନ ଚାଳିଶା ଗଠନ କରାଯାଇଥିଲା। ମୁଖ୍ୟବକ୍ତା ନବୀନ କୁମାର ବେଦବାକ ସଂକଟ ମୋଚନ ଅନୁମାନଙ୍କ ଜୀବନୀ ଓ ବିଭିନ୍ନ ଚରିତ୍ର ର ଦୃଷ୍ଟାନ୍ତ ଦେଇଥିଲେ। ସମ୍ପାଦକ ରାଜ କିଶୋର ପଣ୍ଡା ବିଷୁବ ସଂକ୍ରାନ୍ତି ଓ ଜନଜୀବନ ଉପରେ ଏହାର ପ୍ରଭାବ ନେଇ ମତ ପ୍ରକାଶ କରିଥିଲେ।

## ବେଆଇନ ଜବରଦଖଲ ଜମି ଉଚ୍ଛେଦ

**ଖୋର୍ଦ୍ଧା,୧୫।୪(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହି ପଞ୍ଚାୟତରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ବେଆଇନ ଭାବେ ହୋଇଥିବା ସରକାରି ଜମି ଜବର ଦଖଲକୁ ଆଜି। ପ୍ରସାଶନ ପକ୍ଷରୁ ଉଚ୍ଛେଦ କରାଯାଇଛି।ଏହି ଉଛେଦ ବେଳେ ଲୋକେ ପ୍ରଶାସନିକ ଅଧିକାରୀଙ୍କୁ ଘେରିଲେ। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦଇଥିଲା। ଫଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବେଆଇନ ଭାବେ ସରକାରୀ ଜମିରେ ନିର୍ମିତ ଦ୍ୱିତଳ ପ୍ରାସାଦକୁ ଆସନ୍ତା କାଲି ସକାଳ ୮ ଟା ପରେ ଉଚ୍ଛେଦ ହେବ।ତେବେ ଉକ୍ତ ବିଲ୍ଡିଙ୍ଗରେ ଥିବା ଫର୍ନିଚର୍ ସାମଗ୍ରୀ ଗୁଡିକୁ କାଢ଼ି ନେବା ପାଇଁ ପ୍ରଶାସନ ପକ୍ଷରୁ ଆସନ୍ତା କାଲି ଅର୍ଥାତ ୧୬ ତାରିଖ ସକାଳ ୮ ଟା ପର୍ଯ୍ୟନ୍ତ ମହଲତ ଦିଆଯାଇଛି।

## ଦ୍ୱନ୍ଦ୍ୱରେ ଜନଗଣନା ଅଧିକାରୀ

# ମ୍ୟାପରୁ ଅଞ୍ଚଳ ଚିହ୍ନଟ ସୃଷ୍ଟି କରୁଛି ସମସ୍ୟା

**ବୈଶିଙ୍ଗା,୧୫।୪(ସଂଚାର ବ୍ୟୁରୋ):** ଆସନ୍ତାକାଲିଠାରୁ ଦେଶରେ ଜନଗଣନା ଓ ଗୃହ ଗଣନା ସର୍ଭେ ଆରମ୍ଭ ହେବାକୁ ଯାଉଛି। ତେବେ ଜନଗଣନାକାରୀ ମାନେ କେଉଁ ଗାଁର କେତେ ଅଞ୍ଚଳ ସର୍ଭେ କରିବେ ତାହା ଏବେ ବିଶାଳ ସମସ୍ୟା ହୋଇ ଠିଆ ହୋଇଛି। କେବଳ ମ୍ୟାପଟିଏ ଦିଆଯାଇଥିବାରୁ ଏହା କେଉଁ ଅଞ୍ଚଳର କେତେ ଅଂଶ ବୋଲି ଜନଗଣନାକାରୀ ମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଉଭୟ ସ୍ଥାନୀୟ ଓ ଅଞ୍ଚଳ ସହ ପରିଚିତ ନଥିବା ବହିରାଗତ ଜନଗଣନାକାରୀ ମାନେ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଜନଗଣନାକାରୀ ମାନେ ଗ୍ରାମ ଗୁଡିକର ସ୍ଥିତି ବିଷୟରେ ପୂର୍ବରୁ ଅବଗତ ଥିଲା ମଧ୍ୟ ମିଳିଥିବା ମ୍ୟାପ ତାଙ୍କ ମୁଣ୍ଡ ବିଗାଡି ଦେଉଛି। ଆଉ ନବାଗତମାନଙ୍କ ସମସ୍ୟା ନକହିଲେ ଭଲ। ଜଣେଜଣେ ଜନଗଣନାକାରୀଙ୍କୁ ଗୋଟିଏ ରାଜସ୍ୱ ଗ୍ରାମର ଦୁଇ ତିନୋଟି ପଡା ଗ୍ରାମ ସର୍ଭେ ପାଇଁ କୁହାଯାଇଥିବାରୁ ସେମାନେ ଅଧିକ ସମସ୍ୟା ଭୋଗୁଛନ୍ତି। ଗୋଟିଏ ଗୋଟିଏ ଗାଁକୁ ଦୁଇଜଣ ଗଣନାକାରୀଙ୍କୁ ଦିଆଯାଇଥିବାରୁ ଜଣେ କେଉଁ କେଉଁ ଗୃହ ଓ ଅନ୍ୟଜଣେ କେଉଁକେଉଁ ଗୃହ ସର୍ଭେ କରିବେ ତାହା ଦ୍ୱନ୍ଦ୍ୱ ଉପୁଜାଉଛି। ପୁରୁଣା ଗୃହ ତାଲିକା କିମ୍ବା କେଉଁ ବ୍ୟକ୍ତିଙ୍କ ଘରଠାରୁ କେଉଁ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ସର୍ଭେ ହେବ ତାହା ଉଲ୍ଲେଖ କରାଯାଇଥିଲେ ସହଜ ହୋଇଥାନ୍ତା। ଓ୍ୱାର୍ଡ ତାଲିକା ଅନୁସାରେ ଜନଗଣନା ଓ ଗୃହ ସର୍ଭେ ପାଇଁ ଦିଆଯାଇଥିଲେ ମଧ୍ୟ ସୁବିଧା ହୋଇଥାନ୍ତା। କିମ୍ବା ବୁଥ ଅନୁସାରେ ଜନଗଣନା ଓ ଗୃହ ଗଣନା ପାଇଁ ବ୍ୟବସ୍ଥା ହୋଇଥିଲେ ଅନେକ ସୁଗମ ହୁଅନ୍ତା। ମ୍ୟାପ ପ୍ରଦାନ କାରଣରୁ ମ୍ୟାପରୁ ତଥ୍ୟ ସଂଗ୍ରହ ଓ ଗୃହ ଚିହ୍ନଟ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ମ୍ୟାପ ପଠନ ସହଜ କାମ ହୋଇନଥିବାରୁ ଏଥିରୁ ଗ୍ରାମ ଓ ଗୃହ ଚିହ୍ନଟ ଏବେ ପ୍ରମୁଖ ସମସ୍ୟା ହୋଇ ମୁଣ୍ଡ ଟେକିଛି।

# ବଲାଙ୍ଗୀର ପବ୍ଲିକ୍ ସ୍କୁଲ୍ ସିବିଏସ୍ଇ ଦଶମ ଫଳାଫଳ ପ୍ରକାଶିତ

**ବଲାଙ୍ଗୀର,୧୫।୪ (ସଂଚାର ବ୍ୟୁରୋ):** ଆଜି ସିବିଏସ୍ସି ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀର ଫଳାଫଳ ପ୍ରକାଶ ପାଇଛି। ବିଦ୍ୟାଳୟରେ ପରୀକ୍ଷା ଦେଇଥିବା ସମସ୍ତ ୧୦୦ ଛାତ୍ରଛାତ୍ରୀ ସଫଳତାର ସହିତ ଉର୍ତ୍ତିର୍ଣ୍ଣ ହୋଇଛନ୍ତି ଦଶମ ଶ୍ରେଣୀର ଛାତ୍ରୀ ମୁକ୍ତରାଣୀ ସାହୁ ୯୭% ମାର୍କ ରଖି ବିଦ୍ୟାଳୟର ଟପର ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୦ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୀରେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ଗୋପାଳ କ୍ରିଷ୍ଣା ସିଂହଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ ସଭ୍ୟ ଶିରିଶ ଚନ୍ଦ୍ର ହୋତା, ବାଦଳ ମହାକୁର, ତଥା ବିଦ୍ୟାଳୟର ଅଧ୍ୟକ୍ଷ ସତିଶ ପ୍ରଧାନ, ଉପାଧ୍ୟକ୍ଷ ଦୀପକ ବରାଲ ଓ ଉପାଧ୍ୟକ୍ଷା ମମିତା ବେହେରା ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷିକା ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନାକରି ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି।

## ବନ୍ଧୁର ଅକାଳ ବିୟୋଗରେ ସହଯୋଗର ହାତ ବଢ଼ାଇଲେ ସାଙ୍ଗ



**ବାଲିପାଟଣା,୧୫।୪(ସଂଚାର ବ୍ୟୁରୋ):** କଥାରେ ଅଛି 'ବିପଦ ବେଳେ ଯିଏ ସାହାଯ୍ୟ କରେ, ସିଏ ହିଁ ପ୍ରକୃତ ବନ୍ଧୁ'। ଏହି କଥାକୁ ଆଜି ସତ ପ୍ରମାଣିତ କରି ଦେଖାଇଛନ୍ତି କିଛି ସ୍କୁଲ ସାଙ୍ଗ। ନିଜର ଜଣେ ପ୍ରିୟ ବନ୍ଧୁଙ୍କୁ ହୃଦଘାତରେ ହରାଇବା ପରେ, ତାଙ୍କ ପରିବାରର ଦୁଃଖ ସମୟରେ ସହ ଯୋଗର ହାତ ବଢ଼ାଇଛନ୍ତି ପୁରାତନ ସାଙ୍ଗମାନେ।ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ ବାଲିପାଟଣା ବ୍ଲକ ପଦ୍ମାଲୋ ପଞ୍ଚାୟତ ଚଣାହାଟର ବାସିନ୍ଦା ତପନ ଦାସ(କୁନା) ଙ୍କର ୪୫ ବର୍ଷ ବୟସରେ ହୃଦଘାତ ଯୋଗୁଁ ଆକସ୍ମିକ ମୃତ୍ୟୁ ଘଟିଥିଲା। ଏହି ଖବର ଶୁଣିବା ପରେ ତାଙ୍କ ସ୍କୁଲ ସମୟର ସାଙ୍ଗମାନେ ମ୍ରିୟମାଣ ହୋଇପଡ଼ିଥିଲେ। କେବଳ ଶୋକ ପ୍ରକାଶ ନକରି, ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସମ୍ବଳ ଯୋଗାଇଦେବା ପାଇଁ ସମସ୍ତ ବନ୍ଧୁ ଏକଜୁଟ ହୋଇଥିଲେ। ନିଜ ନିଜ ମଧ୍ୟରେ ଅର୍ଥ ସଂଗ୍ରହ କରି ସମସ୍ତ ସାଙ୍ଗ ମିଶି ମୋଟ ୨୨, ୦୦୦ ଟଙ୍କାର ଏକ ସହାୟତା ରାଶି ମୃତ ବନ୍ଧୁଙ୍କ ପରିବାରକୁ ଚଣାହାଟ ଜନବିଦ୍ୟା ମନ୍ଦିର ର ପ୍ରଧାନ ଶିକ୍ଷୟତ୍ରୀ ଜୋଷ୍ନା ରାଣୀ ଦାସ, ଚଣାହାଟ ଗ୍ରାମର ଛବି ସାହୁ, ଶିଶୁ ଅନନ୍ତ ପ୍ରେସ କ୍ଲବ ସଭାପତି ଓ ଛାତ୍ର ବିଦ୍ୟାଭୂଷଣ ଭୋଳ, ପିଣ୍ଟୁ ପଣ୍ଡା, ସୁଜିତ ଭୋଳ, ବିରୋଚନ ପରିଡ଼ା, ପ୍ରଦୀପ ପଣ୍ଡା, ବିଶ୍ୱ ମୋହନ ଦାସ ଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏହି ଅର୍ଥ ରାଶି ପରିବାରର କିଛି ମାତ୍ରାରେ ସହାୟକ ହେବ ବୋଲି ବନ୍ଧୁମାନେ ଆଶା ପ୍ରକାଶ କରିଛନ୍ତି।ସାଙ୍ଗମାନଙ୍କର ଏହି ମହାନତା ଏବଂ ବନ୍ଧୁ ପ୍ରତି ଥିବା ଭଲପାଇବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।'ସାଙ୍ଗ ଆଜି ଆମ ଗହଣରେ ନାହିଁ ସତ, କିନ୍ତୁ ତାର ପରିବାର ସହ ଆମେ ସବୁବେଳେ ରହିବୁ' ବୋଲି ସମସ୍ତ ସାଙ୍ଗମାନେ ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି। ସାଙ୍ଗମାନଙ୍କର ଏଭଳି ମାନବିକତାକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ବାର୍ଯ୍ୟବସ୍ତୁ ପରିଚାଳନାରେ ବଲାଙ୍ଗିର ମ୍ୟୁନିସିପାଲିଟି ଫେଲ

# ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସହରର ମଇଳା



**ବଲାଙ୍ଗିର,୧୫।୪ (ସଂଚାର ବ୍ୟୁରୋ):** ବଲାଙ୍ଗିର ମୁନିସିପାଲିଟି ବର୍ତ୍ତମାନ ବାର୍ଯ୍ୟବସ୍ତୁ ପରିଚାଳନାରେ ଫେଲ ମାରିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବଲାଙ୍ଗିର ସହରର ସମସ୍ତ ମଇଳା ଆବର୍ଜାନକୁ ନେଇ ମୁନିସିପାଲିଟି ନିଜେ ତିଆରି କରିଥିବା ବାର୍ଯ୍ୟବସ୍ତୁ ପରିଚାଳନା ଗୃହରେ ରଖିବା କଥା। କିନ୍ତୁ ଏବେ କିଛି ମାସ ହେଲା ସହରର ସବୁ ମଇଳା ଓ ଆବର୍ଜନାକୁ ନେଇ ସହରର ରୁ ମାତ୍ର ୫ କିଲୋମିଟର ବାହାରେ ଟିଟିଲାଗଡ଼ ରାସ୍ତାରେ ଥିବା ସଂରକ୍ଷିତ ଜଙ୍ଗଲ ଭିତରେ(ଚମଡା ଗୋଦାମ ପଛ ପଟରେ) ସମସ୍ତ ମଇଳା ଗୁଡାକ ପକାଉଥିବା ଦେଖିବାକୁ ମଳୁଛି। ଟିଟିଲାଗଡ଼ ମୂଖ୍ୟ ରାସ୍ତା କଡରୁ ଆରମ୍ଭ କରି ଜଙ୍ଗଲ ଭିତର ପର୍ଯ୍ୟନ୍ତ ମଇଳା ଆବର୍ଜନା ପକାଯାଉଛି। ଏପରିକି ସେହି ମଇଳା ଗୁଡାକରେ ନିଆଁ ଲଗାଇ ଦେଉଛନ୍ତି ମୁନିସିପାଲଟି କର୍ମଚାରୀ। ଏହା ଯୋଗୁଁ ଜଙ୍ଗଲ ରେ ନିଆଁ ଲାଗିବା ସହ ବାୟୁ ମଧ୍ୟ ପ୍ରଦୁଷଣ ହେଉଛି। ରାତିରେ ଟିଟିଲାଗଡ଼ ରାସ୍ତା ଦେଇ ଗଲେ ଏହି ଚମଡା ଗୋଦାମ ପାଖ ରାସ୍ତା ଉପରେ ସତେ ଯେମିତି ଏହି ଖରା ମାସରେ କୁହୁଡି ପଡ଼ିଥିବା ନେଇ ଭ୍ରମ ସୃଷ୍ଟି କରୁଛି। ମୁନିସିପାଲିଟି ଯେଉଁଠି ମଇଳା ପକାଉଛି ତା ପାଖରେ କରୋନା ସମୟରେ ମୃତ୍ୟୁ ବରଣ କରିଥିବା ଶବଙ୍କୁ ପୋଡା ଯାଉଥିଲା। ତାର ଫାଇଦା ନେଇ ମୁନିସିପାଲିଟି ସେହି ସ୍ଥାନ ସମେତ ଆଖପାଖ ଯେଉଁଠି ପାରିଲା ମଇଳା ଆବର୍ଜନା ପକାଉଛି। ସ୍ଥାନୀୟ ଜଙ୍ଗଲ ବିଭାଗ ଏନେଇ ମୁନିସିପାଲିଟି ବିଭାଗୀୟ ଅଧିôକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ ବୋଲି ରେଜଂର ଅସହାୟତା ପ୍ରକାଶ କହିଛନ୍ତି। ବିଭିନ୍ନ ସମୟରେ ଲୋକେ ମଧ୍ୟ ଏହି ବେଆଇନ ଭାବରେ ମଇଳା ପକାଇବା ଏବଂ ତାକୁ ପୋଡିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ମୁନିସିପାଲିଟି ଅଧିôକାରୀଙ୍କୁ ସୂଚନା ଦେଇଛନ୍ତି। କିନ୍ତୁ ବିଭାଗୀୟ ଅଧିôକାରୀ ବାର୍ଯ୍ୟବସ୍ତୁ ପରିଚାଳନାରେ ଥିବା ପଣ୍ଡା ବାବୁଙ୍କ ଆଡକୁ ଏଡାଇ ଦେଇ ନିଜ ଦାୟିତ୍ୱ ସାରି ଦେଇଛନ୍ତି।

## ଆମ୍ବେଦକର ଜୟନ୍ତୀ ପାଳିତ

**ବଲାଙ୍ଗୀର,୧୫।୪ (ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ସନ୍ଧ୍ୟାରେ ନବଜ୍ୟୋତି କ୍ଲବ ସଦାଇପାଲି ତରଫରୁ ସଦାଇପାଲି ସ୍କୁଲ ପଡ଼ିଆ ଠାରେ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ସ୍ୱାଧିନ ଭାରତର ଆଇନମନ୍ତ୍ରୀ ଡ. ଭୀମ ରାଓ ଆମ୍ବେଦକର ୧୩୬ତମ ଜନ୍ମ ଜୟନ୍ତି ମହାସମାରୋହରେ ପାଳନ କରାଯାଇଥିଲା। ପଡ଼ାର ମା, ଭଉଣୀ, ଛାତ୍ର ଛାତ୍ରୀ କ୍ଲବର ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ସମାଜସେବୀ ମନୋଜ ମିଶ୍ର ମୁଖ୍ୟ ଅତିଥି, ବାସୁଦେବ ମୁଗ୍ରୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦଳିତ ଶିକ୍ଷକ ସଂଘ ର ପୂର୍ବତନ ସଭାପତି ସମ୍ମାନିତ ଅତିଥି ଓ ଆଇନଜିବୀ ଅର୍ଜୁନ ମୁଗ୍ରୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ଓ ସ୍ୱତନ୍ତ୍ର ଅତିଥି ଭାବେ ସୁଦାମ ଦୀପ ମଞ୍ଚାସିନ ଥିଲେ। ବକ୍ତାମାନେ ଆମ୍ବେଦକରଙ୍କ ଜୀବନୀ ଦେଶପ୍ରତି କରିଥିବା କର୍ତ୍ତବ୍ୟ ଓ ସମ୍ବିଧାନ ପ୍ରଣେତା ଭାବେ ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ।

## ମହୁରୀ ଉଡା ଯାତ୍ରା ସମ୍ପନ୍ନ, ଲକ୍ଷାଧିକ ଲୋକ ସମାଗମ



**ବୈଶିଙ୍ଗା,୧୫।୪ (ସଂଚାର ବ୍ୟୁରୋ):** ବୈଶିଙ୍ଗା ପଞ୍ଚାୟତ ଅନ୍ତର୍ଗତ ମହୁରୀ ଗ୍ରାମରେ ବହୁ ପୁରାତନ ପ୍ରସିଦ୍ଧ ଉଡା ଯାତ୍ରା ବୁଧବାର ସମ୍ପନ୍ନ ହୋଇଥିବାର ଜଣାଯାଇଛି। କାହିଁ କେଉଁ କାଳରୁ ଏହି ଗ୍ରାମରେ ଥିବା ଗ୍ରାମଦେବତୀ ମାଆ ବାସୁଳୀ ଙ୍କ ପୀଠ ଥିବାରୁ ସେହି ଦିନ ଠାରୁ ଉଡା ପର୍ବ ପାଳିତ ହୋଇ ଆସୁଛି ବୋଲି ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରକାଶ କରିଛନ୍ତି।
ଚଳିତ ବର୍ଷ ମାନସିକଧାରୀ ଭକ୍ତା ମାନେ ସାତ ଦିନ ଧରି ହବିଷ ପାଳନ କରିବା ସହିତ ନିଜ ଶରୀରକୁ ଶୁଦ୍ଧ ପୁତ କରି ମନ୍ଦିର ବେଢାରେ ଶୋଇ ରହୁଥିଲେ। ସୋମବାର ସଂକ୍ରାନ୍ତି ଦିନ ଅପରାହ୍ନରେ ଏହି ଭକ୍ତାମାନେ କଣ୍ଟାପାଟ, ଝୁଲାପାଟ ଓ ନିଆଁ ପାଟ ରେ ଭାଗ ନେଇଥିଲେ। ବୁଧବାର ଅପରାହ୍ନରେ ପୋଖରୀରୁ ସ୍ନାନ ସାରି ପ୍ରଥମେ ମାଆ ବାସୁଳୀ ଏବଂ ପୀଠାଧିଶ ମୁକ୍ତେଶ୍ୱର ମହାଦେବ ଙ୍କ ପୀଠରେ ପୂଜାର୍ଚ୍ଚନା କରି ଉଡା ପଡ଼ିଆ ଠାରେ ପହଞ୍ଚିଥିଲେ।
ପୂର୍ବରୁ ସେଠାରେ ସ୍ଥାପନ କରାଯାଇଥିବା ଧର୍ମ ଖୁଣ୍ଟିରେ ଜଣ ଜଣ କରି ବାହୁଲରେ ବନ୍ଧାହୋଇ ଉଡିବା ସହିତ ତଳେ ଥିବା ଭକ୍ତମାନଙ୍କୁ ମିଷ୍ଟାନ୍ନ ଫିଙ୍ଗିଥିଲେ। ପାଟଭକ୍ତା ଙ୍କ ଜରିଆରେ ମାନସିକ ଧାରୀ ଛୋଟ ଛୋଟ ପିଲାମାନେ ଏହି ଉଡା ଖୁଣ୍ଟି ରେ ଉଡିଥିବାର ଦେଖିବାକୁ ମିଳିଥିଲା। ଏହି ଉଡାଯାତ୍ରା ରେ ଲକ୍ଷାଧିକ ଲୋକ ଙ୍କ ସମାଗମ ହୋଇଥିଲା।

## ନାରୀ ବନ୍ଦନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ

**ବଲାଙ୍ଗିର,୧୫।୪(ସଂଚାର ବ୍ୟୁରୋ):** ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ନାରୀ ବନ୍ଦନା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ନାରୀର ସମ୍ମାନ, ମର୍ଯ୍ୟାଦା, ପ୍ରଗତି, ସ୍ୱୀକୃତି ଓ ସଂରକ୍ଷଣ ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ଏଥିରେ ସଭାପତିତ୍ୱ କରିବା ସହିତ ଏହି କାର୍ଯ୍ୟକ୍ରମର ଅଭିଲକ୍ଷ୍ୟ ଏବଂ ପ୍ରତିକ୍ଷେତ୍ରରେ ନାରୀର ମର୍ଯ୍ୟାଦାକୁ କିଭଳି ଗୁରୁତ୍ୱ ଦିଆଯିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପିକା ଡକ୍ଟର ରମଣୀ ନାଏକ ଆଲୋଚିକା ଭାବରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀର ପ୍ରଗତି ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଶକ୍ତିଶ୍ରୀ ସଂଯୋଜିକା ବନ୍ଦନା ବାର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ ଅଧ୍ୟାପକ ହୃଷୀକେଶ ଦାସ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ।

# ହଷ୍ଟେଲରେ ପୋକରା ଖାଦ୍ୟ ଦେଉଥିବା ଅଭିଯୋଗ





**ସୁବର୍ଣ୍ଣପୁର,୧୫।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ପଲିଟେକନିକ କଲେଜର ହଷ୍ଟେଲ ର ବ୍ୟବସ୍ଥାକୁ ନେଇ ଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁଯାୟୀ, ହଷ୍ଟେଲରେ ଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟରେ ପୋକ ବାହାରୁଥିବା ନେଇ ପୂର୍ବରୁ ମଧ୍ୟ ଅନେକଥର ଅଭିଯୋଗ ହୋଇଥିଲା। ଏହା ସହ ରାତି ଅଧରେ ଚେକିଙ୍ଗ ନାମରେ ଛାତ୍ରୀ ହଷ୍ଟେଲ ଭିତରକୁ ପୁରୁଷ କର୍ମଚାରୀମାନେ ପ୍ରବେଶ କରୁଥିବା ନେଇ ଗୁରୁତର ଅଭିଯୋଗ ଆସିଛି, ଯାହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିଛି।
ବୁଧବାର ଦିନ ସକାଳେ ଏହି ଘଟଣାକୁ ନେଇ ଅଭିଭାବକମାନେ କଲେଜକୁ ଆସି ଛାତ୍ରୀଙ୍କ ସହିତ ଦେଖା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ କଲେଜର ପ୍ରିନ୍ସିପାଲ ଓ କର୍ତ୍ତୃପକ୍ଷ କଲେଜ ମୁଖ୍ୟ ଗେଟକୁ ତାଲା ପକାଇ ଦେବାରୁ ପରିସ୍ଥିତି ଅଧିକ ତୀବ୍ର ହୋଇଯାଇଥିଲା। ଗେଟ ବାହାରେ ଅଭିଭାବକ ଓ ଗେଟ୍ ଭିତରେ ଛାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଭାବକମାନଙ୍କ ଅଭିଯୋଗ ହେଉଛି ଯେ, କଲେଜ ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷା ଓ ଖାଦ୍ୟ ବ୍ୟବସ୍ଥା ଠିକ୍ ଭାବେ ହେଉନାହିଁ। ଏହାକୁ ନେଇ ତୁରନ୍ତ ତଦନ୍ତ କରି କଡ଼ା ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଯାହା ସୂଚନା ଅଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ଼.ନୃପରାଜ ସାହୁ ଓ ଏସପି ନାରାୟଣ ନାଏକ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ପ୍ରକାର ଅସୁବିଧା ବୁଝାସୁଝା କରିଥିଲେ।